

ଜୁନ ସୁଦ୍ଧା ଯୁଦ୍ଧ ସାରିବାକୁ ଟ୍ରମ୍ପଙ୍କ ଯୋଜନା

ପୃଷ୍ଠା ୪

# ସଂଚାର

THE SANCHAR



Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 317 ଭାଗ ୩୩ | ସଂଖ୍ୟା ୩୧୭ | Monday 9 February 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୯ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଶିମିଳିପାଳରେ କ୍ୟାନ୍ସର ଚିକିତ୍ସା ଗୁଳ୍ମ ଠାବ

### ବିଶ୍ୱ ଚିକିତ୍ସା ଜଗତକୁ ମିଳିବ ସ୍ୱତନ୍ତ୍ର ଦିଶା

### ଏମ୍ଏସ୍ସିବି ୟୁନିଭର୍ସିଟି ଗବେଷକଙ୍କ ନୂଆ ଉପଲବ୍ଧି

**ମୟୂରଭଞ୍ଜ,୮।୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜର ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମ୍ଏସ୍ସିବି) ୟୁନିଭର୍ସିଟିର ଗବେଷକମାନେ ଏବେ ଏକ ନୂଆ ଉପଲବ୍ଧି ହାସଲ କରିଛନ୍ତି। ଶିମିଳିପାଳ ଜଙ୍ଗଲରୁ ମିଳିଛି କ୍ୟାନ୍ସର ରୋଗ ଚିକିତ୍ସା ପାଇଁ ଔଷଧୀୟ ଗୁଣ ଥିବା ବୃକ୍ଷଲତା। ଓଡ଼ିଶାରେ ପ୍ରଥମ ଥର ପାଇଁ ୧୪୮ ପ୍ରଜାତିର 'ଲାଇକେନ୍' ଚିହ୍ନଟ ହୋଇଛି, ଯାହାକି ଭାରତରେ ସର୍ବପ୍ରଥମ ଘଟଣା। ଏପରି ଏକ ଉଦ୍ଭାବନ ସମଗ୍ର ବିଶ୍ୱ ଚିକିତ୍ସା ଜଗତକୁ ସ୍ୱତନ୍ତ୍ର ଦିଶା ଦେବ ବୋଲି ଆଶା କରାଯାଉଛି। ୟୁନିଭର୍ସିଟିର ଗବେଷକମାନେ ଶିମିଳିପାଳ ଜାତୀୟ ଉଦ୍ୟାନରୁ ଚିହ୍ନଟ କରିଥିବା ୧୪୮ ପ୍ରଜାତିର ଶୈବାଳ ଓ କବକର ମିଶ୍ରିତ ଉଦ୍ଭିଦ ବା ଲାଇକେନ୍ ମଧ୍ୟରେ ଥର୍ମୋକୁଇନୋନ୍, ଜେଓରିନ୍ ଓ ଆଜେଲେଇକ୍ ଏସିଡ୍ ଭଳି ଉପାଦାନ ରହିଛି, ଯାହା କ୍ୟାନ୍ସର ଓ ଅନ୍ୟାନ୍ୟ କେତେକ ସଂକ୍ରାମକ ରୋଗ ବିରୋଧରେ ଲଢ଼ିପାରିବ। ଏହାଛଡ଼ା ନୂତନ ଔଷଧ ତିଆରି ଦିଗରେ ବି ଏହା ସହାୟକ ହେବ। ୟୁନିଭର୍ସିଟିର ବାୟୋଟେକ୍ନୋଲୋଜି ବିଭାଗ ପ୍ରଫେସର ବିଶ୍ୱଜିତ ରଥ ଏ ସଂକ୍ରାନ୍ତରେ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଏକ ପ୍ରୋଜେକ୍ଟ ଅଧୀନରେ ଶିମିଳିପାଳରେ ସର୍ଭେ କରାଯାଇଥିଲା। ଏଥିରୁ ୧୪୮ଟି ପ୍ରଜାତି ଚିହ୍ନଟ ହୋଇଛି, ଯେଉଁଥିରେ 'କ୍ଲାଡୋନିଆ ଫ୍ରୁଟିକୁଲୋସା' ଓଡ଼ିଶା ପାଇଁ ଓ 'ଫାଇସିଏଲା ମେଲାନ୍ କ୍ରା' ଭାରତ ପାଇଁ ସମ୍ପୂର୍ଣ୍ଣ ନୂଆ। ଏହି ଲାଇକେନ୍‌ଗୁଡ଼ିକରେ ବହୁମୂଲ୍ୟ ଜୈବିକ ଗୁଣ ରହିଛି, ଯାହା ଶରୀରରେ ରୋଗ ସୃଷ୍ଟିକାରୀ ଜୀବାଣୁଙ୍କୁ ମାରିବା ସହ କ୍ୟାନସର ଚିକିତ୍ସାରେ ବ୍ୟବହାର କରାଯାଇପାରିବ। ଚିହ୍ନଟ ହୋଇଥିବା ପ୍ରଜାତିଗୁଡ଼ିକୁ ୟୁନିଭର୍ସିଟି ପରିସରରେ ରଖାଯାଇଛି। ଏଥିସହ ଏପରି ଏକ ଉପଲବ୍ଧି ଫଳରେ ପୁଣିଥରେ ଶିମିଳିପାଳ ଜାତୀୟ ଉଦ୍ୟାନ ଖବର ଶିରୋନାମାରେ ରହିଛି।



## ଅଶୁଭ ରବିବାର

# ସଡ଼କ ଦୁର୍ଘଟଣାରେ ଚାଲିଗଲା ୯ ଜୀବନ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଆଜି ୩ଟି ପୃଥକ୍ ସଡ଼କ ଦୁର୍ଘଟଣାରେ ମୋଟ ୯ ଜଣଙ୍କ ଜୀବନ ଯାଇଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ଦୁର୍ଘଟଣାରେ ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ଅଞ୍ଚଳର ଦୁଇ ଜଣଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ ଦୁର୍ଘଟଣାଟି କଣ୍ଟାବାଞ୍ଜିରେ ଘଟିଥିବା ବେଳେ ଏଥିରେ ୪ଟି ଅମୂଲ୍ୟ ଜୀବନ ଟଳିଯାଇଛି। ଏହାଛଡ଼ା ତୃତୀୟ ଦୁର୍ଘଟଣାଟି କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁଙ୍କି-ଅମ୍ବାବାଲି ପଞ୍ଚାୟତ ବୋରିଗୁଡ଼ା ଛକ ନିକଟରେ ଘଟିଛି।

ମିଳିଥିବା ସୂଚନାନୁସାରେ, ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଚିକିଟି ବ୍ଲକ ଅନ୍ତର୍ଗତ ପାଟିସୋନପୁର ଗାଁର ଜଣେ ରୋଗୀଙ୍କୁ ଗ୍ରାମର ୭ ଜଣ ଲୋକ ଚିକିତ୍ସା ନିମନ୍ତେ ବିଶାଖାପାଟଣାସ୍ଥିତ ଏମ୍ସକୁ ନେଇ ଯାଉଥିଲେ। ତେବେ ଭୋର୍ ସମୟରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ୍ସ୍ଥିତ ନନ୍ଦିଗାମ ଜାତୀୟ ରାଜପଥ ନିକଟରେ ଚାଳକ ଜଣଙ୍କ ଭାରସାମ୍ୟ ହରାଇବାରୁ କାର୍‌ଟି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଭ୍ୟାନ୍‌କୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ କାର୍ ଭିତରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଜଣେ ଓ ନିଜେ ରୋଗୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଏହାଛଡ଼ା ଅନ୍ୟ ୫ ଜଣ ମଧ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଟେକାଲିସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ମୃତ୍ୟୁବରଣ କରିଥିବା ଦୁଇ ଯୁବକ ହେଲେ ଭାସିପିଲ୍ଲି ମୋହନ ରାଓଙ୍କ ପୁଅ ଭାସିପିଲ୍ଲି ଡାଲାୟା ଓ ଭାସିପିଲ୍ଲି କ୍ରିଷ୍ଣମୂର୍ତ୍ତିଙ୍କ ପୁଅ ଭାସିପିଲ୍ଲୀ ମୋହିନୀ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏହି ଦୁର୍ଘଟଣାରେ କାର୍‌ଟି ଭାଙ୍ଗି ଚୂର୍‌ମାର୍ ହୋଇଯାଇଛି। ଏହି ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଯୋଗାଇଦେବା ସକାଶେ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ ବି କାମନା କରିଛନ୍ତି। ଆହୁରି ଶୋକସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜ୍ଞାପନ କରିବା ସହ ମୃତ୍ୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଅନ୍ୟପକ୍ଷରେ ଡୁରେକେଲା ଗ୍ରାମର କ୍ଷୀର ପୁଟେଲ, ଫୁଲମତୀ ପୁଟେଲ ଓ ନାତି ଦେବାଶିଷ ପୁଟେଲ ଏବଂ ଜ୍ୱାଇଁ ଧଅରାଖମନ ଗ୍ରାମର ମହନ ପୁଟେଲ ଏକ ➪ପୃଷ୍ଠା-୬



● ୪ ଲକ୍ଷର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
● ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ

### ବରଯାତ୍ରୀ ବେଶରେ ଲୁଟ୍

## ଚୋର୍ ମଚାଏ ଶୋର୍




● କୋମାରେ କମିଶନରେଟ
● ଆଇସିୟୁରେ ଆଇନଶୃଙ୍ଖଳା

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ବିବାହ ମଣ୍ଡପକୁ ପୁଣି ଟାର୍ଗେଟ। ଫର୍ମାଲ ପିନ୍ଧି ପଶୁଛନ୍ତି, ଯାହା ପାଉଛନ୍ତି ଲୁଟୁଛନ୍ତି। ନୟାପଲ୍ଲୀ ଷ୍ଟାର ହୋଟେଲରୁ ଇଭେଣ୍ଟ ବେଳେ ଚୋରି ନେଇ ହୋଇଛି ଅଭିଯୋଗ। ସିସିଟିଭି ଓ ହ୍ୟୁମାନ ଇଣ୍ଟେଲିଜେନ୍ସ ଜରିଆରେ ଚାଲିଛି ତଦନ୍ତ। ବାହାର ରାଜ୍ୟର ଲୁଟେରାଙ୍କ ସମ୍ପୃକ୍ତି ସନ୍ଦେହରେ ଚାଲିଛି ତଦନ୍ତ। ବିବାହ ଭଳି ଏକ ଖୁସିର ମାହୋଲକୁ ପୂରା ଗଡ଼ବଡ଼ କରିଦେଇଛି ସାମ୍ନାକୁ ଆସିଥିବା ସିସିଟିଭି ଫୁଟେଜ୍। ନୟାପଲ୍ଲୀ ଥାନା ଅଧୀନସ୍ଥ ରାଜରାସ୍ତା କଡ଼ରେ ଥିବା ଏକ ହୋଟେଲରେ ପଶି ଗିଫ୍ଟ ଓ ଅଳଙ୍କାର ଲୁଟି ନେଇଛି ଚୋର। କନ୍ୟାପକ୍ଷ ଏନେଇ ଥାନାରେ ଅଭିଯୋଗ କରିବା ପରେ ସିସିଟିଭି ଆଧାରରେ ଚାଲିଛି ତଦନ୍ତ। ସଙ୍ଗୀତ ଓ ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ସମସ୍ତଙ୍କ ନଜର ଆଢୁଆଳରେ ଚୋରର ଏଭଳି କାରନାମା କନ୍ୟା ପକ୍ଷ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ଗତବର୍ଷ ଫେବ୍ରୁଆରୀ ୩ ତାରିଖରେ ଶାସ୍ତ୍ରୀନଗରରେ ରହୁଥିବା ସରୋଜ ମିଶ୍ରଙ୍କ ଝିଅ ବାହାଘର ସମୟରେ ହୋଇଥିଲା ସମାନ ଢଙ୍ଗରେ ଲୁଟ୍। ରାଜଧାନୀରେ ଛତୁ ଫୁଟିବା ଭଳି ଖୋଲୁଥିବା ବିବାହ ମଣ୍ଡପ ଓ ଷ୍ଟାର ହୋଟେଲରେ ଦିନିକିଆ ଉତ୍ସବ ପାଇଁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଭଡ଼ା ଆଦାୟ କରାଯାଉଛି। ଏହାକୁ ଛାଡ଼ିଲେ ଭୋଜିଭାତ ବାବଦରେ ପ୍ଲେଟ୍ ପିଛା ଆଖିବୁଜି ଟଙ୍କା ନେଉଛନ୍ତି ହୋଟେଲ ମାଲିକ। କିନ୍ତୁ ସୁରକ୍ଷା ସମ୍ପର୍କିତ କୌଣସି ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉନାହାନ୍ତି। ➪ପୃଷ୍ଠା-୬

### ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକଙ୍କ ଜୟନ୍ତୀ ସମାରୋହ

# ୧୭୦ କୋଟିର ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ



ଶିକ୍ଷା ଓ କୃଷିର ବିକାଶ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ଆହ୍ୱାନ

ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିପୀଠର ଲୋକାର୍ପଣ

**ପାଲଲହଡ଼ା,୮।୨(ସଂଚାର ବ୍ୟୁରୋ):** ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ସହିଦ ପବିତ୍ର ମୋହନ ପ୍ରଧାନ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ସମାଜରେ ପରିବର୍ତ୍ତନର ସୂତ୍ରପାତ କରିଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ନିଜ ନିଜ ଅଞ୍ଚଳରେ ବିଶେଷତଃ ଶିକ୍ଷା ➪ପୃଷ୍ଠା-୬

# ଏପ୍ରିଲରୁ ଆରମ୍ଭ ହେବ ରିଙ୍ଗ୍ ରୋଡ୍ କାମ

### ଜାତୀୟ ରାଜପଥ ୧୬ ଉପରେ କମିବ ଚାପ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ (ସିଆର୍‌ଆର୍‌ଆଇ)ର କାମ ଖୁବଶୀଘ୍ର ଆରମ୍ଭ ହେବ। ଖୋର୍ଦ୍ଧା ରାମେଶ୍ୱରରୁ ବାହାରି ବିଲିପଡ଼ା ପର୍ଯ୍ୟନ୍ତ ଯିବ ଏହି ମେଗା ପ୍ରକଳ୍ପ। ଟ୍ୱିନ୍ ସିଟିର ଟ୍ରାଫିକ ଚାପ କମିବା ସହ ଯାତାୟାତ ବ୍ୟବସ୍ଥାକୁ ସହଜ କରିବ ଏହି ପ୍ରକଳ୍ପ। ଏନେଇ ମଞ୍ଜୁରି ମିଳିସାରିଥିବା ବେଳେ ଏପ୍ରିଲ ପ୍ରଥମ ସପ୍ତାହରୁ କାମ ଆରମ୍ଭ କରିବାକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ପ୍ରସ୍ତୁତି ଆରମ୍ଭ କରିଛି। ୧୧୧ କିମି ଦୀର୍ଘ ଏହି ରିଙ୍ଗ ରୋଡକୁ ୩ଟି ପର୍ଯ୍ୟାୟରେ ନିର୍ମାଣ କରାଯିବ। ଏଥିପାଇଁ ୮ ହଜାର ୩ ଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ➪ପୃଷ୍ଠା-୬



## କାନ ଡେରିଥା

ଏହି ସପ୍ତାହରେ ଡିଜିଟାଲ ପ୍ରେମ
ମୋବାଇଲରେ ପରା ଚାଲିଛି
ରୋଜ, ପ୍ରପୋଜ, ହଗ ଡେ କୁ
ପ୍ରେମିକ ଅନେଇ ବସିଛି
ପ୍ରେମିକାଟି ବ୍ୟସ୍ତ ରହୁଛି...
କେତେ ପ୍ରେମିକଙ୍କୁ ଫୁଲ
ଦେଇଦେଇ
ପ୍ରେମ ଖେଳ ପରା ଖେଳୁଛି ।

■ *ଦେବାଶିଷ*

# ବିକ୍ରମ ପଣ୍ଡା ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି

### ନିଜକୁ ନିର୍ଦ୍ଦୋଷ କହିଲେ

**ବ୍ରହ୍ମପୁର,୮।୨(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଜେଲ୍‌ରେ ଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ବିକ୍ରମ ପଣ୍ଡା ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କଡ଼ା ସୁରକ୍ଷା ବଳୟ ଭିତରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ସର୍ଜରୀ ପରେ ସେ ଦାନ୍ତ ବିଭାଗ ଓପିଡିରେ ଡାକ୍ତରକୁ ଦେଖା କରିଥିବା ଜଣାପଡ଼ିଛି। ତେବେ ଆଲୋଚ୍ୟ ମାମଲାରେ ଶ୍ରୀ ପଣ୍ଡା ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଫସାଇ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏଥିସହ ଦେଶର ନ୍ୟାୟିକା ବ୍ୟବସ୍ଥା ଉପରେ ତାଙ୍କର ପୂରା ➪ପୃଷ୍ଠା-୬



### ବରଡୋଲରେ ବିଧାୟକଙ୍କ ପୁଅଙ୍କୁ ଆକ୍ରମଣ ଦ୍ୱନ୍ଦ୍ୱ

# କଳା ଏକ୍ସୟୁଭିରେ କାହା ଉପରେ ହୋଇଥିଲା ଆକ୍ରମଣ

**ଘଟଣା ସମ୍ପର୍କରେ ପୁଲିସ କିଛି ବି ସ୍ପଷ୍ଟ କରୁନି**

**ଭିଡିଓ ଭାଇରାଲ ପରେ ଜୋର ଧରିଛି ରାଜନୀତି**

**ବରଗଡ଼,୮।୨ (ସଂଚାର ବ୍ୟୁରୋ):** ବରଗଡ ବରଡୋଲରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ପୁଅ ଉପରେ ଆକ୍ରମଣ ଘଟଣାକୁ ନେଇ ଦିନକୁ ଦିନ ଦ୍ୱନ୍ଦ୍ୱ ବଢୁଛି। ଏନେଇ ପୁଲିସ କିଛି ସ୍ପଷ୍ଟ କରୁନଥିବା ବେଳେ ବିଧାୟକ ମଧ ତାଙ୍କ ପୁଅଙ୍କ ଉପରେ ଆକ୍ରମଣକୁ ସ୍ପଷ୍ଟ କରୁନାହାନ୍ତି। ହେଲେ ଯେଉଁଠି ଏହି ଘଟଣା ଘଟିଥିଲା ସେଠାକାର ଗ୍ରାମବାସୀଙ୍କ ସହ ବିଧାୟକ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

ଘଟଣାଟି ଗତ ୨ ତାରିଖ ସନ୍ଧ୍ୟାରେ ବରଡୋଲ ଛକର, ହେଲେ ଭିଡିଓ ଭାଇରାଲ ହୋଇଛି ୫ ତାରିଖରୁ। ଗତ ସୋମବାର ସନ୍ଧ୍ୟାରେ ବରଡୋଲରେ ଏକ ସଡ଼କ ଦୁର୍ଘଟଣା ହୋଇଥିଲା । ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ପ୍ରତିବାଦରେ ➪ପୃଷ୍ଠା-୬

## ଡବଲ୍ ଇଞ୍ଜିନ୍‌ରେ ଛତିଶଗଡ଼ ବିକାଶର ପ୍ରତୀକ: ଶାହ



**ନୂଆଦିଲ୍ଲୀ,୮।୨(ସଂଚାର ବ୍ୟୁରୋ):** କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଛତିଶଗଡ଼ ରାଜଧାନୀ ରାୟପୁରରେ ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲ୍ୟୁଇ) ଉପରେ ଏକ ସୁରକ୍ଷା ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି। ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, କେନ୍ଦ୍ର ➪ପୃଷ୍ଠା-୬

## କିଏ ଧରିବ କଟକ କଂଗ୍ରେସ ମଙ୍ଗ



### ସୋଫିଆ ନା ବିଶ୍ୱଜିତ?

### ବିଶ୍ୱଜିତଙ୍କ ମିଶ୍ରଣରେ ନାଖୁସ ସୋଫିଆ

**କଟକ,୮।୨(ସଂଚାର ବ୍ୟୁରୋ):** ଗତକାଲି କଂଗ୍ରେସରେ ବିଜେଡିର ବିଶ୍ୱଜିତ ମହାନ୍ତି ଯୋଗଦେବା ପ୍ରସଙ୍ଗରେ କଟକ-ବାରବାଟି ବିଧାୟିକା ସୋଫିଆ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇ ନ ଥିବା କହି ପରୋକ୍ଷରେ ଅସନ୍ତୋଷ ଝାଡ଼ିଛନ୍ତି ସୋଫିଆ। ସେ କହିଛନ୍ତି ଯେ କଟକର ଜଣେ ନେତା କଂଗ୍ରେସରେ ଯୋଗଦେଲେ, ହେଲେ ମୁଁ ଜାଣି ନଥିଲି। ସୋସିଆଲ୍ ମିଡିଆରୁ ଏ ସମ୍ପର୍କରେ ଜାଣିବାକୁ ପାଇଲି। ଏହି ପ୍ରସଙ୍ଗରେ ତାଙ୍କୁ ନିହାତି ଅବଗତ କରିବାର ଥିଲା ବୋଲି ସୋଫିଆ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି।

ସେ ଆହୁରି ମଧ କହିଛନ୍ତି ଯେ ସମସ୍ତଙ୍କୁ ଏକାଠି ନେଇ କାମ କଲେ କଂଗ୍ରେସ ଆଗକୁ ବଢ଼ିବ। ଅନ୍ୟପକ୍ଷରେ ପିସିସି ସଭାପତିଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି ବିଶ୍ୱଜିତ୍। କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଟକର ବିଜେଡି ନେତା ଶ୍ରୀ ମହାନ୍ତି ନିଜ ସମର୍ଥକଙ୍କ ସହ କଂଗ୍ରେସରେ ➪ପୃଷ୍ଠା-୬

## ନବୀନ ଦେଲେ ସଙ୍କେତ

# ରାଜ୍ୟସଭାରେ ବିଜେପିକୁ କରିବ ସମର୍ଥନ



ଭକ୍ତଙ୍କୁ ସମୟ ଦେଲେନି

ସଂଖ୍ୟା ନ ଥିଲେ ବି ପ୍ରାର୍ଥୀ ଦେବ କଂଗ୍ରେସ



**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନ ସମ୍ପର୍କରେ ଆଲୋଚନା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସମୟ ମାଗିଥିଲେ। ହେଲେ ନବୀନ ତାଙ୍କୁ ଆଲୋଚନା ପାଇଁ ସମୟ ଦେଲେନି। ଏ ଭିତରେ ଭକ୍ତ ଦେଇଥିବା ୭ ଦିନ ସମୟ ସୀମା ବି ପୂରିଗଲାଣି। ଭକ୍ତଙ୍କ ସହ ନବୀନ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ନ କରିବା ସ୍ପଷ୍ଟ ସଙ୍କେତ ଦେଉଛି ଯେ ପୂର୍ବଭଳି ବିଜେଡି ଏଥର ମଧ ଚତୁର୍ଥ ପ୍ରାର୍ଥୀରେ ବିଜେପିକୁ ସମର୍ଥନ କରିବ।

ରାଜ୍ୟସଭା ନିର୍ବାଚନରେ ଖାଲି ହେଉଥିବା ୪ଟି ଆସନ ମଧ୍ୟରୁ ୩ଟିରେ ଚିତ୍ର ସ୍ପଷ୍ଟ ରହିଛି। ସଂଖ୍ୟା ଗଣିତରେ ବିଜେଡି ଗୋଟିଏ ଓ ବିଜେପି ଦୁଇଟି ଆସନ ପାଇବା ସ୍ଥିର। ଦ୍ୱନ୍ଦ୍ୱ ରହିଛି କେବଳ ଚତୁର୍ଥ ଆସନକୁ ନେଇ। ଚତୁର୍ଥ ଆସନ ପାଇଁ କାହା ପାଖରେ ବି ସଂଖ୍ୟା ନାହିଁ। ଏହି ବିବାଦ ଭିତରେ ପିସିସି ସଭାପତି ଏକ ଗୁଗଲି ଖେଳିଥିଲେ, ଯେଉଁଥିରେ ସେ କଂଗ୍ରେସ ଓ ବିଜେଡି ମିଳିତ ଭାବେ ପ୍ରାର୍ଥୀ ଦେବା ସକାଶେ ପ୍ରସ୍ତାବ ଦେଇଥିଲେ।

ବିଜେଡିର ପ୍ରଥମ ପସନ୍ଦ ୩୦ ଭୋଟ ପରେ ଦଳ ହାତରେ ଆଉ ୧୮ ବିଧାୟକଙ୍କ ସମର୍ଥନ ରହୁଛି। କାରଣ ଦୁଇ ଜଣ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନା ମହାକୁଡ଼ଙ୍କୁ ଦଳ ନିଲମ୍ବନ କରିଛି। ତେଣୁ ସେମାନଙ୍କ ଆଭିମୁଖ୍ୟ ଏବେ ବି ଅସ୍ପଷ୍ଟ। ହେଲେ କଂଗ୍ରେସ ପାଖରେ ୧୪ ବିଧାୟକ ଅଛନ୍ତି। ତେଣୁ ବିଜେଡି ଓ କଂଗ୍ରେସ ସହମତିରେ ପ୍ରାର୍ଥୀ ଦେଲେ ୩୨ ଜଣ ପ୍ରଥମ ପସନ୍ଦର ଭୋଟ ରହୁଛି। ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଉଭୟ କଂଗ୍ରେସ ଓ ବିଜେଡି ଚତୁର୍ଥ ପ୍ରାର୍ଥୀ ଭାବେ ଛିଡ଼ା କରାଇବାକୁ ଭକ୍ତ ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ରାଜ୍ୟରେ ବିଜେପିକୁ ଚେକ୍ ଦିଆଯାଇପାରିବ ବୋଲି ସେ ଯୁକ୍ତି ରଖିଥିଲେ। ଏହି ପ୍ରସଙ୍ଗରେ ସେ ନବୀନଙ୍କ ସହ ଆଲୋଚନା କରିବାକୁ ସମୟ ମାଗିଥିଲେ। ଚଳିତ ମାସ ପ୍ରଥମ ସପ୍ତାହରେ ଭେଟିବା ସକାଶେ ସେ ସମୟ ମାଗିଥିଲେ। କିନ୍ତୁ ଆଜି ସେ ସମୟ ସୀମା ସରିଗଲା, ହେଲେ ସମୟ ଦେଲେନି ନବୀନ। ସେପଟେ କଂଗ୍ରେସ ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲେ ବି ଭକ୍ତ ରାଜ୍ୟସଭାରେ ରାଜ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବ ବୋଲି ନିଷ୍ପତ୍ତି ନେଇଥିବା ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଅବ୍ୟକ୍ତ ସ୍ୱରଲିପି



ଡଃ ତାନଶ୍ରୀ ପାଣିଗ୍ରାହୀ

ସୀମାହୀନ ନୀଳ ବିସ୍ତୃତ ଆକାଶରେ ପକ୍ଷ ବିସ୍ତାରି ଉଡିବାର ସ୍ୱପ୍ନ କେଉଁ ବିହଙ୍ଗର ବା ନ ଥାଏ... କିନ୍ତୁ ଆହତ ବିହଙ୍ଗଟି...ନିଜଭିତରେ ନିଜ ସ୍ୱପ୍ନକୁ ସାକାର କରିବାର ଅଭିଳାଷ ନେଇ କେବଳ ଛଟପଟ ହେବା ବ୍ୟତୀତ କିଛି ଉପଚାର ନ ଥାଏ ତା ପାଖରେ... ଭଗ୍ନମନସ୍କତା ଭିତରେ ଆନ୍ଦୋଳିତ ହୁଏ ସ୍ୱାଧୀନତାର ସ୍ୱପ୍ନରାଜି... ଆଜି ଠିକ ସେହିପରି ଆଶାର ମନ ଭିତରେ ପୂର୍ବ ସ୍ମୃତିସବୁ ଭାସି ଆସୁଛି...

ପ୍ରଥମ ଦେଖାରେ ଆକାଶର ମିଠା ମିଠା କଥା... ମାର୍ଜିତ ବ୍ୟବହାର, ଅପରୂପ ଚେହେରାଚେହେରା... ଆକର୍ଷିତ କରିଥିଲା ଆଶାକୁ...ସେଦିନ ଥିଲା ବର୍ଷାଋତୁର ଏକ ସନ୍ଧ୍ୟା.... ମେସରୁ ଚାଲି ଚାଲି ଯାଉଥିଲା ବସଷ୍ଟାଣ୍ଡ... ଆସିଲା ପ୍ରବଳ ବର୍ଷା ଭିଜିଗଲା... ପଛରୁ ବାଇକରେ ଆସୁଥିବା ଯୁବକ ଜଣକ ଆସି ଅଟକି ଗଲେ ଆଶା ପାଖରେ... ପଚାରିଲେ ବର୍ଷାରେ ଏମିତି ଭିଜି ଭିଜି...କୁଆଡ଼େ ଯିବେ... ?

ବସଷ୍ଟାଣ୍ଡ...

ଯଦି କିଛି ନ ଭାବିବେ ତାହାଲେ ବସନ୍ତୁ...

ମୁଁ ନେଇ ଛାଡିନେବି...

କିଛି ଉତ୍ତର ନ ଦେଇ ବସିଥିଲା ଆକାଶର ବାଇକରେ... ବସଷ୍ଟାଣ୍ଡ ପହଂଚିବା ବେଳକୁ

ବର୍ଷା ଛାଡି ଯାଇଥିଲା... ବର୍ଷାର ମିଠା ମିଠା ମହକରେ ଓଦା ଓଦା ସ୍ପର୍ଶରେ ପରସ୍ପର ଆକର୍ଷିତ ହୋଇଥିଲେ ସେହି ମୁହୂର୍ତ୍ତରେ... ପରସ୍ପର ଫୋନ ନମ୍ବର ପାଖରେ ରଖିଥିଲେ...

ସେହି ଦିନଠୁ ଆକାଶ ଓ ଆଶା ଅଧିକରୁ ଅଧିକ ନିକଟ ହୋଇ ଉଠିଲେ... ପ୍ରତିଦିନ ଫୋନରେ କଥା ନ ହେଲେ ଦୁହିଁଙ୍କୁ ଭଲ ଲାଗେନା ...ଦୁହିଁଙ୍କ ମନ ଏକ... ବେଦନାର ଅନୁଭବ ବି ସମାନ... ଆକାଶ ବୁଝିପାରନ୍ତି ଆଶାର ନିରୀହ ଶବ୍ଦମାନଙ୍କୁ... ପ୍ରତ୍ୟେକ ମାସରେ ଦୁହେଁ ଦୁହିଁଙ୍କୁ ଦେଖା କରନ୍ତି...

ମନେ ପଡେ ସେ ଦିନର ସେହି ଆଦ୍ୟ ବୈଶାଖର ଅପରାହ୍ନଟା କେମିତି ମାଡି ମାଡି ପଡୁଛି... ଆକାଶରେ ଅଦିନିଆ ମେଘର ଧୂସର ଓଢଣୀ... ଚପଳାର ବକ୍ରରେଖା ତା ଦେହରେ ଟାଣିଗଲା ବେଳକୁ ଗୁମ ସୁମ ଗର୍ଜନ ବି ରହି ରହି ଗୁମୁରି ଉଠିଲା... ଆଶା ଡରରେ ଆକାଶକୁ ଜଡ଼ାଇ ଧରି ଭୟରେ ଥରୁଥିଲା...ଆଶାର ସ୍ପର୍ଶରେ ଆକାଶ ଦେହରେ ଅଜଣା ଶିହରଣ ଖେଳିଗଲା... ଆଶାର ମୁହଁ ଲାଜରେ ଲାଲ ପଡି ଯାଇଥିଲା... ଆକାଶର ମୃଦୁ ଚୁମ୍ବନରେ...

ଆକାଶକୁ ଠେଲି ଦେଇ କହିଲା ଆଶା କହିଲା... ଇସ କି ଦୁଷ୍ଟ ତମେ...

ଆକାଶ ଶୁଣୁଥିଲା ଯାହାର କଣ୍ଠସ୍ୱର ଏତେ ଲଳିତ... ମନଲୋଭା... ଚକ୍ଷୁଦ୍ୱୟ ଅନୁପମ... ରମ୍ଭା ମେନକା ବି ତା ଆଗରେ ଫିକା ପଡିଯିବେ...



ଆକାଶର ଏମିତି ଚାହାଣିରେ... ଆଶା ବାଧା ଦେଇ କହିଲା... ଏ କଣ ଭାବୁଛ...

ନାଇଁ କିଛି ନାହିଁ... ତୁମେ ମୋତେ କେବେ ଭୁଲି ଯିବନି ତ... ତୁମକୁ ଜୀବନ ସାଥୀ ରୂପେ ନ ପାଇଲେ ମୁଁ ପାଗଳ ହୋଇଯିବି ଆଶା ... ଏ କୁହନା..

ଦୁହିଁଙ୍କ ଆଖିରେ ମିଳନର ଆକାଂକ୍ଷା... ପାଖରେ ଠାକୁରାଣୀ ମନ୍ଦିରର ସିନ୍ଦୁର ଆଣି ଆଶାର କପାଳରେ ଲଗାଇ ଦେଲା ଆକାଶ ... ଆଜିଠାରୁ ତୁମେ ମୋ ସ୍ତ୍ରୀ... ଆମ ଘରେ ଜଣାଇ ଶୀଘ୍ର ମୁଁ ମୋ ରାଣୀ ସଜାଇ ନେଇଯିବି... ଏବେ ତମେ ଖୁସି ତ... ଆଶା ଆକାଶର ପାଦ ଛୁଇଁ ପ୍ରଣାମ କଲା... ଈଶ୍ୱରଙ୍କୁ ଶତ ଧନ୍ୟବାଦ ଦେଲା... ଆକାଶ ଭଳି ଜୀବନ ସାଥୀ ପାଇ...

ଓ. ଏ. ଏସ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥାଏ ଆକାଶ ... ଆଶା ତାର +3 ଶେଷ ବର୍ଷର ବିଜ୍ଞାନ ଛାତ୍ରୀ ନିଜ ପଢା ପ୍ରତି ଧ୍ୟାନ ରଖି ମଧ ପ୍ରତି ମୁହୂର୍ତ୍ତରେ ଉତ୍ସାହିତ କରୁଥାଏ ଆକାଶକୁ.... ତାର ଦେହ, ଖାଇବାପିଇବା...ଭଲ ମନ୍ଦ ବୁଝେ...

ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଆକାଶ ..

ବହୁତ ଖୁସି ହେଲା ଆଶା ... ଫାଇନାଲ ପରୀକ୍ଷା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଲା ତା ହୃଦୟର ସାଥୀ ପାଇଁ... ଓଏସ ପରୀକ୍ଷାରେ ମଧ ଉତ୍ତୀର୍ଣ୍ଣ ହେଲା ଆକାଶ ...

ଏବେ କିନ୍ତୁ ବହୁତ ପରିବର୍ତ୍ତନ ହୋଇଛନ୍ତି ଆକାଶ ... ଆଗ ଭଳି ପ୍ରତିଦିନ କଥା ନାହିଁ... ପାଞ୍ଚ ଛଅ ଦିନରେ କଥା... ପୁଣି ଅଳ୍ପ ସମୟ... ବ୍ୟସ୍ତ କହି ଫୋନ କାଟି ଦେଉଛନ୍ତି...ଏହା ଭିତରେ ମାସଟିଏ ବିତି ଯାଇଛି... ଦିନେ ମେସେଜଟିଏ ଆକାଶ ପାଖରୁ ଆସିଲା... ଆଶା ତୁମେ ବିଶ୍ୱାସ କର...ମୁଁ ତୁମକୁ ହୃଦୟ ଦେଇ ଭଲ ପାଏ... ହେଲେ ମୋ ବାପାମାଆ ମୋ ବାହାଘର ଆଉ ଜଣେ ଝିଅ ସହିତ ଠିକ କରିଛନ୍ତି...ମୋତେ କ୍ଷମା କରିଦେବ ଆଶା ...

ପାଦ ତଳରୁ ମାଟି ଖସିଗଲା ଆଶାର ...ପାଖରେ ସାଇତି ରଖିଥିବା ଆକାଶର ଫଟୋକୁ ଚାହିଁ ଅଶ୍ରୁରେ ଭିଜାଇ ଦେଲା... ଏ... ତୁମ ମନରେ ଯଦି ଏହା ଥିଲା... ମୋତେ ଏତେ ଭଲ ପାଉଥିଲ କାହିଁକି... ? ମୋ ମଥାରେ ସେଦିନ ଠାକୁର ସିନ୍ଦୁର ଦେଇ ଜୀବନ ସାଥୀ କରିବାର ପ୍ରତିଶ୍ରୁତି ଦେଉଥିଲ କାହିଁକି...

ମୋତେ ତୁମେ କେମିତି ଭୁଲି ଗଲ ଆକାଶ ...ଏ ଜନ୍ମ କଣ ସାତ ଜନ୍ମ ପାଇଁ ତୁମକୁ ଅପେକ୍ଷା କରିଥିବି...

ମୁଣ୍ଡ ପିଟି କାନ୍ଦୁଥିଲା ଆଶା ... ଏକ ଛୋଟ ଅବୋଧ ଶିଶୁ ପରି...ତାର କରୁଣ କ୍ରନ୍ଦନ ଭିତରେ ବାରମ୍ବାର ଆନ୍ଦୋଳିତ ହେଉଥାଏ...

ଏତେ କଥା... ଏତେ ପ୍ରତିଶ୍ରୁତି... ଠାକୁରଙ୍କ ସିନ୍ଦୁର ଦେଇ ସ୍ତ୍ରୀ ବୋଲି କହି ସାରିଲା ପରେ ଶେଷରେ ମୋତେ ଭୁଲିଗଲ ନାଁ... ? ଏ ଥିଲା ଆଶା ଅବ୍ୟକ୍ତ ସ୍ୱରଲିପି... ||

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର**
**ବାଲିଆ, ବାଲେଶ୍ୱର, ମୋବାଇଲ୍: ୯୩୩୭୩୦୪୨୯୫**



# କିଛି ପ୍ରେମ ଏମିତି



ପବିତ୍ର ବେହେରା

ନିମ ଗଛ ତଳେ ମାଟିଘରେ ରହନ୍ତି ବଂଶୀଧର ଓ କମଳା। ବାହାଘରକୁ ପଞ୍ଚାଶି ବର୍ଷ ପୁରିଲାଣି । ଘର କାନ୍ଥରେ କୌଣସି ବିବାହ ଫଟୋ ନଥାଏ, କୌଣସି ବାର୍ଷିକୀ ଉତ୍ସବର ସ୍ମୃତି ମଧ ନଥାଏ। ତଥାପି ତାଙ୍କର ଭଲପାଇବା ସବୁଠି ଥାଏ । ବଂଶୀ କେତେବେଳେ ଗାଧେଇକି ଆସିବେ କମଳା ଅପେକ୍ଷା କରିଥାନ୍ତି, ଆସିଲେ ଗରମ ଗରମ ଭାତ ସରଧାରେ ବାଢ଼ି ଦିଅନ୍ତି । ପ୍ରତି ସକାଳେ ବଂଶୀଧର ତାଙ୍କ ଛୋଟ ଖେତକୁ ଲାଠି ଭରସାରେ ଧୀରେ ଚାଲିଯାଆନ୍ତି। ତାଙ୍କ ପୁରୁଣା କୁକୁର କାଲୁ ସଦା ସହଯାତ୍ରୀ ପାଦ ଥକିଲେ ମଧ ନିଷ୍ଠାରେ ପଛେ ପଛେ ଚାଲିଥାଏ। କମଳା ତାଙ୍କ ବାଟକୁ ଅନେଇଁ ବସିଥାନ୍ତି।

ଦିନେ ଫେରୁଥିବା ବେଳେ ବଂଶୀଧର ଜଙ୍ଗଲି ଝାଡ଼ି ପାଖରେ ଅଟକିଲେ ; ରାତିରେ ଖସିପଡ଼ିଥିବା ନରମ ଓ ନିରବ ଛୋଟ ଧଳା ଶିଉଳି ଫୁଲ ପଡ଼ିଥାଏ। ବଂଶୀ କିଛି ଫୁଲକୁ ଏକାଠି ପତ୍ରରେ ଘୋଡେଇ ଆଣିଲେ। ଘରକୁ ଆସିଲାବେଳେ କମଳା ଖରାରେ ଲଙ୍କା ଶୁଖେଉଛନ୍ତି। ଚିନ୍ତିତ ହୋଇ ପଚାରିଲେ କାହିଁକି ଏତେ ଡେରି ହେଲା। ବଂଶୀଧର କିଛି କହିଲେ ନାହିଁ; ଫୁଲଗୁଡ଼ିକୁ ତାଙ୍କ ହାତରେ ଦେଲେ। ଆଶ୍ଚର୍ଯ୍ୟରେ ସେ ପଚାରିଲେ ଏସବୁ କାହିଁକି ? ଟିକେ ମୁହଁରେ ହସ ରଖି ବଂଶୀଧର କହିଲେ ଶରତର ଫୁଲ ଗୁଡ଼ିକ ଏକା ଏକା ଲାଗୁଥିଲା। କମଳାଙ୍କ ମୁହଁରେ ପଞ୍ଚାଶି ବର୍ଷର ସାଥିତ୍ୱର ହସ। ସେ ଫୁଲକୁ କପାଳରେ ଛୁଆଇ ଏକ ଷ୍ଟିଲ୍ ଗ୍ଲାସରେ ପାଣି ସହିତ ରଖିଦେଲେ ଏବଂ କହିଲେ ସନ୍ଧ୍ୟା ପର୍ଯ୍ୟନ୍ତ ମଉଳିଯିବ। ବଂଶୀଧର ଧୀରେ କହିଲେ ସେମାନେ ମଧ ଏମିତି, କିନ୍ତୁ ଏଯାଏଁ ଅଛନ୍ତି। ଖରାରେ ସେମାନେ ବାରଣ୍ଡାରେ ଏକାଠି ବସିଲେ। କମଳା ସଜ ହେଉଥିଲେ, ବଂଶୀଧର ଏକ ପୁରୁଣା ମାଛଧରା ଜାଲ ସଜାଡୁଥାନ୍ତି। କାଲୁ ମଝିରେ ମୁଣ୍ଡ କମଳାଙ୍କ ପାଦ ଉପରେ ରଖି ଶୋଇଥିଲା।

ତାଙ୍କର ଭଲପାଇବା ବନ୍ୟା, ଦରିଦ୍ରତା, ରୋଗ, ରାଗ ଓ କ୍ଷମା, ଦୀର୍ଘ ନିରବତା ସବୁକୁ ଟପି ଆସିଥିଲା। ଆଜି ଖାଇଲାବେଳେ କମଳା ଭାତରେ ଅଧିକ ଘିଅ ଦେଇଦେଲେ ଅକସ୍ମାତ୍ । ସନ୍ଧ୍ୟାରେ ଆକାଶ ରଙ୍ଗରେ ଭରିଯିବା ସମୟରେ କମଳା ତାଙ୍କ କାନ୍ଧରେ ମୁଣ୍ଡ ରଖି କହିଲେ ଫୁଲ ଆଣିବା ଦରକାର ଥିଲା ? ବଂଶୀଧର ଧୀରେ ଉତ୍ତର ଦେଲେ ମୁଁ ଜାଣେ, କିନ୍ତୁ ଦେବାକୁ ଇଚ୍ଛା ହେଲା। ଗାଁ ରେ ଏମିତି ଶରତ ଋତୁ ଆସିଲା, ପତ୍ର ଝଡ଼ିଲା, ଫୁଲ ଫୁଟିଲା ଓ ମୁର୍ଛାଇଲା ; କିନ୍ତୁ ସେଇ ଛୋଟ ଘରରେ ଭଲପାଇବା ସ୍ଥିର, ଉଷ୍ମ ଓ ନିଷ୍ଠାବାନ ସେମିତି ରହିଥିଲା ।

**ବକ୍ସି ବଜାର, ବାଟଗାଁ, ନାକଟିଦେଉଳ, ରେଢ଼ାଖୋଲ,**
**ସମ୍ବଲପୁର, ଓଡିଶା ୭୬୮୧୦୬**
**ମୋବାଇଲ୍: ୭୭୫୧୦୭୫୩୫୦**






# ପ୍ରେମ ଦିବସର ମହକ

ଡକ୍ଟର ଲକ୍ଷ୍ମଣ ସାହୁ



'ଭାଲେଣ୍ଟାଇନ୍ସ ଡେ' ଯାହାର ଅର୍ଥ ହେଉଛି 'ପ୍ରେମ ଦିବସ'। ପ୍ରତ୍ୟେକ ବର୍ଷ ଫେବୃଆରୀରେ ୧୪ କୁ 'ପ୍ରେମ ଦିବସ' ଭାବରେ ପାଳନ କରାଯାଏ। ଏହି 'ପ୍ରେମ ଦିବସ' ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ସହିତ ନିବିଡ ଭାବରେ ଜଡ଼ିତ ହୋଇ ରହିଛି। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ କରି ଭାରତରେ 'ଭାଲେଣ୍ଟାଇନ୍ସ ଡେ' ପାଳନ କରିବାର କ୍ରେଜ ମଧ ବଢୁଛି। ଫେବୃଆରୀ ଆସିଲେ ଭାଲେଣ୍ଟାଇନ୍ ଡେ ପାଳନ କେବଳ ଯୁବ ପିଢୀ ମଧ୍ୟରେ ସୀମିତ ହୋଇ ଆଉ ରହିନାହିଁ ବରଂ ଏହା ଏବେ ପତିପତ୍ନୀ ମଧରେ ଏବେ ପ୍ରବାହିତ ହେଉଛି। ଅବଶ୍ୟ ଯୁବ ପିଢି ସେମାନଙ୍କ ପ୍ରେମ ପ୍ରଭାବରେ ପରସ୍ପରକୁ ଭଲପାଇବା କେବଳ ନୁହେଁ ଜୀବନ ସାଥୀ ଭାବେ ବାଛି ନିଅନ୍ତି। 'ପ୍ରେମ ଦିବସ' ଅବସରରେ ଚାରିଆଡେ କେଡି , ଲାଲ ଗୋଲାପ , ଚକଲେଟ ଦେବାନେବାର ସୁଅ ଛୁଟେ। ସୋସିଆଲ ମିଡିଆରେ କେତେ ବାର୍ତ୍ତା, ଭିଡିଓ, ପୋଷ୍ଟ ବିଛା ଯାଇଛି। ଯୁବ ପିଢି ଏକ ଅଦୃଶ୍ୟ ଉତ୍କଣ୍ଠା ମଧରେ ପରସ୍ପରକୁ ନିଜ ନିଜର ହୃଦୟର ଗୋପନ କଥାକୁ ବାଣ୍ଟିବାକୁ ଚାହିଁଥାନ୍ତି।

ପ୍ରେମ ହେଉଛି ମନୁଷ୍ୟର ମନର ଏକ ଅଦ୍ଭୁତ ଅନୁଭବ ବା ଅଭିବ୍ୟକ୍ତି। ଏହା ଏକ ପବିତ୍ର ବନ୍ଧନ। ପ୍ରେମ ହେଉଛି ଦୁନିଆର ବିରଳ, ସବୁଠାରୁ ଆକାଂକ୍ଷିତ ଆବେଦନ। ପ୍ରେମର ନାମ ହେଉଛି ଏକ ଅଦ୍ଭୁତ ଯାଦୁକରୀ ଅନୁଭବ ଯାହା ହୃଦୟର ଉଷ୍ମତା, ଶୁଦ୍ଧତା, ନିଃସ୍ୱାର୍ଥପରତାକୁ ଏକତ୍ର କରିଥାଏ। ପ୍ରେମ ସୃଷ୍ଟିର ଆରମ୍ଭରୁ ମାନବ ଜୀବନରେ ପ୍ରେରଣାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବର୍ଷର ଏକ ବିଶେଷ ଦିନକୁ 'ଭାଲେଣ୍ଟାଇନ୍ସ ଡେ' ଭାବରେ ଚିହ୍ନିତ କରାଯାଇଛି। ଯାହାକି ଏକ ଅଜ୍ଞାତ, ଅଦୃଶ୍ୟ, ଚାପିତ ଦୁଃଖର ଅନୁଭବକୁ ଗୌରବାନ୍ୱିତ କରେ।

'ଭାଲେଣ୍ଟାଇନ୍ସ ଡେ' କୁ 'ସେଣ୍ଟ ଭାଲେଣ୍ଟାଇନ୍ ଫେଷ୍ଟ' କୁହାଯାଏ। ପ୍ରେମୀଯୁଗଳଙ୍କ ପାଇଁ ଏହି ଦିନ ଅତ୍ୟନ୍ତ ଆବଶ୍ୟକୀୟ। ପ୍ରେମ ନୈବେଦ୍ୟର ପ୍ରତୀକ ଭାବରେ ଦିନଟି ମନୋନୀତ। ଏହା ପଛରେ ଇତିହାସ ଅଛି। ଜଣେ ରୋମାନ୍ ଖ୍ରୀଷ୍ଟିଆନ ପୁରୋହିତଙ୍କ ନାମ ସେଣ୍ଟ ଭାଲେଣ୍ଟାଇନ୍ ଥିଲା। ତାଙ୍କ ଜୀବନ କାହାଣୀ ଉପରେ ଆଧାର କରି ପ୍ରାୟ ୨୭୦ ଖ୍ରୀଷ୍ଟାବ୍ଦ ପ୍ରେମ ଦିବସ ଜନ୍ମ ହୋଇଥିଲା। ସେଣ୍ଟ ଭାଲେଣ୍ଟାଇନ୍ ଉଭୟ ପୁରୋହିତ ଓ ଜଣେ ଚିକିତ୍ସକ ଥିଲେ। ଧର୍ମ ପରିବର୍ତ୍ତନ ଅଭିଯୋଗରେ ରୋମାନ ସମ୍ରାଟ କ୍ଲାଉଡିୟସଙ୍କ ନିର୍ଦ୍ଦେଶରେ ତାଙ୍କୁ କାରାଗାରରେ ରଖାଯାଇଥିଲା। ଜେଲରୁ ସେ କିଶୋର ବାଳକମାନଙ୍କ ଠାରୁ ଅନେକ ପ୍ରେମ ଚିଠି ପାଇଥିଲେ। କୁହାଯାଏ ଯେ ଏହି ଜେଲରେ ସେ ଜେଲର ଜଣେ ଅନ୍ଧ ଝିଅର ଚିକିତ୍ସା କରି ପୁନଃ ଚକ୍ଷୁ ସ୍ନାନ କରିଥିଲେ। ଏହି ଘଟଣା ତାଙ୍କ ଲୋକପ୍ରିୟତାକୁ ବହୁଗୁଣିତ କରିଥିଲା। କ୍ରୋଧ-ହିଂସା ଦ୍ୱାରା ଅନ୍ଧ ହୋଇ ରୋମ ସମ୍ରାଟ ତାଙ୍କୁ ହତ୍ୟା କଲେ। ତାଙ୍କ ହତ୍ୟା ଦିନ ଫେବୃଆରୀ ୧୪ ଥିଲା। ତାଙ୍କ ମୃତ୍ୟୁ ପୂର୍ବରୁ ସେଣ୍ଟ ଭାଲେଣ୍ଟାଇନ୍ ଗୋଟିଏ ଝିଅକୁ ଏକ ଚିଠିରେ " ପ୍ରେମ ପାଇଁ ଭାଲେଣ୍ଟାଇନ୍" ଲେଖିଥିଲେ। ସେହି ଘଟଣାକୁ ଭିତ୍ତିକରି ସମ୍ରାଟ ଜୁଲିୟସ୍ ସିଜର ୪୯୬ ଖ୍ରୀଷ୍ଟାବ୍ଦରେ ୧୪ ଫେବୃଆରୀ 'ସେଣ୍ଟ ଭାଲେଣ୍ଟାଇନ୍ସ ଡେ' ଭାବରେ ଘୋଷଣା କରିଥିଲେ।

'ଭାଲେଣ୍ଟାଇନ୍ସ ଡେ' ବିଷୟରେ ଆଉ ଏକ ରୋଚକ କାହାଣୀ ଅଛି। ସେଣ୍ଟ ଭାଲେଣ୍ଟାଇନ୍ ଜଣେ ସନ୍ଥ ରୋମାନ୍ କ୍ୟାଥୋଲିକ୍ ପୁରୋହିତ ଥିଲେ। ସେ ସମୟରେ ରୋମ ସମ୍ରାଟ ଥିଲେ ଦ୍ୱିତୀୟ କ୍ଲାଉଡିୟସ୍। ସେତେବେଳେ ରୋମୀୟମାନେ ସମଗ୍ର ବିଶ୍ୱରେ ଗୋଟିଏ ପରେ ଗୋଟିଏ ରାଜ୍ୟକୁ ଜୟ କରିବାକୁ ଲାଗିଲେ। ସେତେବେଳେ ଏକ ଶକ୍ତିଶାଳୀ ସେନା ଆବଶ୍ୟକ ଥିଲା। ସମସ୍ୟା ଥିଲା ସେହି ସମୟରେ ଯୁବତୀମାନେ ଭଲ ପାଉଥିବା ପୁରୁଷମାନଙ୍କୁ ଯୁଦ୍ଧକୁ ଯିବାକୁ ଦେବାକୁ ଚାହୁଁନଥିଲେ। କ୍ଲାଉଡିୟସ୍ ଭାବିଥିଲେ ଯେ ପୁରୁଷମାନଙ୍କୁ ବିବାହ ବନ୍ଦ କରିବା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ତେଣୁ ସେ ନିଜ ଭାବନାରେ ବିବାହକୁ ବାରଣ କରିଥିଲେ। କିନ୍ତୁ ସେଣ୍ଟ ଭାଲେଣ୍ଟାଇନ୍ ଯୁବକମାନଙ୍କୁ ପ୍ରେମରେ ଆଣି ବିବାହର ବ୍ୟବସ୍ଥା କରିଥିଲେ। ଭାଲେଣ୍ଟାଇନ୍ ଙ୍କର ଏହି ଗୁପ୍ତ କାର୍ଯ୍ୟକଳାପ ବିଷୟରେ ସମ୍ରାଟ ଜାଣିବାକୁ ପାଇଲେ। ସେ ତ । ଙ୍କୁ କାରାଗାରରେ ରଖି ଥିଲେ ମଧ ତାଙ୍କର ଅନେକ ଅନୁଗାମୀ ତାଙ୍କୁ ଜେଲରେ ଦେଖା କରିବାକୁ ଯାଉଥିଲେ। ଏପରିକି ସେମାନେ ତାଙ୍କୁ ବିଭିନ୍ନ ପ୍ରକାରର ଫୁଲ ଦେଉଥିଲେ। ସେମାନଙ୍କ ମଧରେ ଜଣେ ଅନ୍ଧୁଣୀ ( ଜୁଲିଆନ) ଝିଅ ଥିଲେ। ଭାଲେଣ୍ଟାଇନ୍ ତ । ଙ୍କ ର ଅନ୍ଧତାକୁ ଦୂର କରେ। ସେ ତାଙ୍କୁ ଭଲ ପାଉଥିଲେ ଓ ତାଙ୍କୁ ବିବାହ କରିଥିଲେ। ସମ୍ରାଟ ଏହି ଖବର ପାଇ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କଲେ। ଫାଶୀ ଦିନ ସେ ତାଙ୍କ ପ୍ରିୟା (ଜୁଲିଆ) ଙ୍କ ପାଖକୁ ପଠାଯାଇଥିବା ଚିଠିରେ ସେ 'ତୁମର ଭାଲେଣ୍ଟାଇନ୍ ର ପ୍ରେମ' ଲେଖିଥିଲେ। ସେଦିନ ୧୪ ଫେବୃଆରୀ ଥିଲା। ପୋପ୍ ଗେଲାସିୟସ୍ ଏହି ଦିନକୁ 'ଭାଲେଣ୍ଟାଇନ୍ସ ଡେ' ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ଏହି ଦିନ ପ୍ରଥମେ ୪୯୬ ଖ୍ରୀଷ୍ଟାବ୍ଦରେ ପାଳନ କରାଯାଇଥିଲା। ଏକଦା ଇଂଲଣ୍ଡର ରାଜ ପରିବାରେ ପ୍ରେମ ସୀମିତ ରହିଲା। ଏହା ପରେ ଧୀରେ ଧୀରେ ବିଶ୍ୱ ର ବିଭିନ୍ନ ଦେଶରେ ବ୍ୟାପିଗଲା। ପାଶ୍ଚାତ୍ୟର ବିଭିନ୍ନ ଦେଶରେ ଧୀରେ ଧୀରେ ପ୍ରବେଶ କରି ଏହା ଏକ ସର୍ବଭାରତୀୟ ପର୍ବରେ ପରିଣତ ହେଲାଣି। ପ୍ରିୟଜନଙ୍କୁ ଫୁଲ, ଅଭିବାଦନ କାର୍ଡ, ଚକୋଲେଟ୍, ଅଳଙ୍କାର ଇତ୍ୟାଦି ଦେବା ଓ ଏକାକୀ ସମୟ ବିତାଇବାର ପରମ୍ପରା ପ୍ରବର୍ତ୍ତିତ ହୋଇଛି। ପ୍ରେମ ଦିବସର ସପିଂ ପାଇଁ ବଜାର ସାଂସ୍କୃତିକ କାର୍ଯ୍ୟକ୍ରମ ବୃଦ୍ଧି ପାଇଲା। ବିଭିନ୍ନ ଦେଶରେ 'ପ୍ରେମ ଦିବସ' ବିଭିନ୍ନ ଉପାୟରେ ପାଳନ କରାଯାଏ। ଚାଇନାରେ ଏହି ଦିନକୁ 'କିକ୍ସି ଫେଷ୍ଟିଭାଲ୍' ଭାବେ ପାଳନ କରାଯାଏ। ଫିନଲ୍ୟାଣ୍ଡରେ ଏହାକୁ 'ବନ୍ଧୁତ୍ୱ ଦିବସ' ଭାବରେ ପାଳନ କରାଯାଏ। ଲାଟିନ୍ ଆମେରିକୀୟ ଦେଶମାନଙ୍କରେ ଏହାକୁ 'ବନ୍ଧୁତା ଓ ପ୍ରେମ ଦିବସ' ଭାବରେ ପାଳନ କରାଯାଏ। ଆମେରିକା, ସ୍ପେନ୍, ପର୍ତ୍ତୁଗାଲ୍, ଗ୍ରୀସ୍, ଜାପାନ ଇତ୍ୟାଦି ଦେଶରେ ଏହି ଦିନଟି ମହାନ ଢଙ୍ଗରେ ପାଳନ କରାଯାଏ।

ସାମ୍ପ୍ରତିକ ସମୟରେ ଆମ ଦେଶ ମଧ 'ଭାଲେଣ୍ଟାଇନ୍ସ ଡେ' ଦିବସ ଏକ ଅଦୃଶ୍ୟ କ୍ରୋଧର ସ୍ୱୀକାର ହେଉଛି। କେତେକଙ୍କ ପାଇଁ ଅଦ୍ଭୁତ ପ୍ରକାରେ ଉନ୍ମାଦନାର ପ୍ରକ୍ରିୟା ସୃଷ୍ଟି ହେଉଛି। ଅନେକ ଲୋକଙ୍କ ମନରେ ପ୍ରଶ୍ନ ହେଉଛି ଏହି ଦିନକୁ ନେଇ ଏତେ କଳହ କାହିଁକି ? ଏହା କହିହେବ ନାହିଁ ଯେ ଏହାର ଅନ୍ୟତମ କାରଣ ହେଉଛି ପାଶ୍ଚାତ୍ୟର ଗ୍ରାହକ ମାନସିକତାର ବିକାଶ ଓ ବିସ୍ତାର। ଆଜିକାଲି ପ୍ରେମ ମଧ ବଜାର ଓ ଉତ୍ପାଦ-ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବିବେଚନା କରାଯାଏ। 'ଭାଲେଣ୍ଟାଇନ୍ସ ଡେ' କୁ କେନ୍ଦ୍ରକରି ଦୋକାନ ବଜାରରେ ସପିଂର ତତ୍ପରତା ଅଛି। ବିଭିନ୍ନ ପ୍ରକାରର ଉପହାର, ଫୁଲ, ଗ୍ରୀଟିଙ୍ଗ୍ କାର୍ଡ କିଣି ହୃଦୟର ଲୋକଙ୍କୁ ଉପହାର ଦେବାର ଉଲ୍ଲାସ ଉତ୍ସାହର ଆନନ୍ଦ ଲକ୍ଷ୍ୟ କରାଯାଉଛି। ସତରେ ପାଶ୍ଚାତ୍ୟକୁ ଅନୁସରଣ କରି ନିଜର ବିନାଶ ଆଡକୁ ଗତି କରୁଥିବା ଉପରେ ଅନେକ ପ୍ରଶ୍ନ ଉଠେ। ପ୍ରେମ ନାମରେ ମିଳାମିଶା ସଂସ୍କୃତି ଅଯଥା ଆମ ଚେତନାରେ ପ୍ରବେଶ କରିଛି। ବିଭିନ୍ନ କାରଣରୁ ଏହା ଅବନତି , ଅବକ୍ଷୟ ଘନ ଅନ୍ଧକାର ଭିତରେ ଯୁବ ସମାଜ ବୁଡ଼ି ଯାଉଛି।

ଭାଲେଣ୍ଟାଇନ୍ ଙ୍କ ଆନନ୍ଦ, ଉଲ୍ଲାସର ମହୋତ୍ସବ ପାଳନ ଆମ ସଂସ୍କୃତିର ପତନକୁ ତ୍ୱରାନ୍ୱିତ କରିବ। ପ୍ରଶ୍ନ ହେଉଛି ପାଶ୍ଚାତ୍ୟର ଅନ୍ଧ ଅନୁକରଣ କାହିଁକି ? ପାଶ୍ଚାତ୍ୟ ନୈତିକତା ବାଜେ ମିଳାମିଶାକୁ ତ୍ୟାଗ କରିବାକୁ ହେବ, ଆମ ସମାଜ ଏକ ସଂସ୍କୃତି ସଂପନ୍ନ ସମାଜ ଏହା ମାନିବାକୁ ପଡ଼ିବ ? ଲକ୍ଷ ଲକ୍ଷ ଯୁବକ ଓ ଯୁବତୀ 'ପ୍ରେମ ଦିବସ' ନାମରେ ଖୋଲା ଯୌନ ସମ୍ପର୍କ, ପାର୍କ-ହୋଟେଲ-ରେଷ୍ଟୁରାଣ୍ଟରେ ବିଭିନ୍ନ ମନ୍ଦ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ଯାହା ଆମ ଜୀବନ ଆତ୍ମା, ସଂସ୍କୃତି ଓ ମୂଲ୍ୟବୋଧର ବିରୁଦ୍ଧାଚରଣ କରେ , ଯାହା ସମ୍ପୂର୍ଣ୍ଣ ଅସଙ୍ଗତ। ଯଦି ଏବିଷୟରେ ଚିନ୍ତା କରାଯିବ ନାହିଁ, ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ନାହିଁ, ଦିନେ ସବୁକିଛି ଭୋଗବାଦର ଭରା ଜୁଆର ସ୍ରୋତରେ ସବୁ କିଛି ଶେଷ ହୋଇଯିବ, ନେଡ଼ିଗୁଡ଼ କହୁଣୀକୁ ବହି ଯାଇଥିବ , ସେତେବେଳେ ଆଉ ମଧ କିଛି କରାଯାଇପାରିବ ନାହିଁ।

ଶେଷରେ ଆଉ ଗୋଟିଏ କଥା ଉଲ୍ଲେଖନୀୟ କେବଳ ଗୋଟିଏ ଦିନ ପ୍ରେମ ଦେଖାଇବାର ଅର୍ଥ କ'ଣ। ଏହି ଦିବସ ପାଳନ କରିବାରେ ଉତ୍କଣ୍ଠା ଦେଖି ଲାଗୁଛି ଯେ ବର୍ଷର ପ୍ରେମ ଏହି ଗୋଟିଏ ଦିନ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଥିଲା। ଅବଶ୍ୟ ଏହା ଏକ ବିଶେଷ ବ୍ୟକ୍ତିଙ୍କ ପ୍ରତି ଥିବା ପ୍ରେମ କେବଳ ଗୋଟିଏ ଦିନରେ ନଷ୍ଟ ହେବା ଆବଶ୍ୟକ। ପ୍ରକୃତରେ ପ୍ରେମ କେବଳ ବର୍ଷର ଗୋଟିଏ ଦିନ ନୁହେଁ ବରଂ ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତ ଉତ୍ସବର ବିଷୟ ଅଟେ। ବର୍ଷର ଯେ କୌଣସି ଦିନ ପ୍ରିୟଜନଙ୍କୁ ଆକର୍ଷଣୀୟ ଉପହାର ଦେଇ ହୃଦୟର ଗୁପ୍ତ ଭାବନାକୁ ପ୍ରକାଶ କରିପାରିବ। ମାନବ ଜୀବନରେ ପ୍ରତ୍ୟେକ ଦିନ ପ୍ରେମ ହେଉ... ଏହାହିଁ ସମସ୍ତଙ୍କ କାମ୍ୟ ହେଉ,..!!!



**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

# ଏକାମ୍ର ଓ ଜଟଣୀରେ ୧୨ କୋଟିର ପ୍ରକଳ୍ପ ଶିଳାନ୍ୟାସ

## ଉପକୃତ ହେବେ ୭ ପଞ୍ଚାୟତବାସୀ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ଯୋଡ଼ି ହୋଇଛି ଆଉ ଏକ ଫର୍ଦ୍ଦ। ଆଜି ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟିକରପଡ଼ା ଇଟିପୁର ଓ ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସରକନ୍ତରା ବୋଟଣ୍ଡାଠାରେ ପାଖାପାଖି ୧୨ କୋଟି ଟଙ୍କାର ୩ଟି ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଭୁବନେଶ୍ୱର ସାଂସଦ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ନିର୍ମିତ ହେବାକୁ ଥିବା ପାଖାପାଖି ୧୬ କିମି ରାସ୍ତାରୁ ନିକଟସ୍ଥ ୭ଟି ପଞ୍ଚାୟତର ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏଥିସହିତ ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ପିପିଲିରୁ ଭୁବନେଶ୍ୱର ଏମ୍ସକୁ ରାସ୍ତା ସୁଗମ ହେବ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀବାସୀଙ୍କ ଦୀର୍ଘ ଦିନର ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୟା ନଦୀ ବନ୍ଧରୁ ଗଙ୍ଗୁଆ ନାଳ ବନ୍ଧ ପର୍ଯ୍ୟନ୍ତ ୫ କିମି ୩୦୫ ମିଟର ରାସ୍ତାର ଶିଳାନ୍ୟାସ କରିଛନ୍ତି ସାଂସଦ। ଉତ୍ତର ପଟ ହରିଜନ ସାହି, ଦକ୍ଷିଣ ପଟ ହରିଜନ ସାହି, ବସନ୍ତପୁର ଶାସନ ଦେଇ ଯାଉଥିବା ୩୯୫.୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା ପ୍ରକଳ୍ପ ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଥିବା ବେଳେ ନିକଟସ୍ଥ ୮ଟି ଗାଁର ୮୩୦୦ରୁ ଉର୍ଦ୍ଧ୍ୱ ଲୋକେ ଏହାଦ୍ୱାରା ଉପକୃତ ହେବେ।



ସେହିପରି ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସର୍କନ୍ତରା ବୋଟଣ୍ଡାଠାରେ ସୁନ୍ଦରପଦା-ବୋଟଣ୍ଡା ମଧ୍ୟରେ ୪୪୩.୬୫ ଲକ୍ଷ ଟଙ୍କା ବ୍ୟୟରେ ୬.୨ କିମି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସାଂସଦ। ଏଥିରୁ ୧.୨ କିମି ପିଚୁ ଓ ୫ କିମି ସିମେଣ୍ଟ କଂକ୍ରିଟ ରାସ୍ତା ହେବାକୁ ଥିବା ବେଳେ ଏଥିରୁ ନିକଟସ୍ଥ ୭ଟି ଗାଁର ପାଖାପାଖି ୮ ହଜାର ଲୋକ ଉପକୃତ ହେବେ। ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଏହି ଅତ୍ୟାବଶ୍ୟକ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ସମସ୍ତ କାର୍ଯ୍ୟକୁ ଠିକ୍ ସମୟ ଓ ସଠିକ୍ ଗୁଣବତ୍ତାରେ ନିର୍ମାଣ କରାଯିବ ବୋଲି ସାଂସଦ କହିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂଙ୍କ ସମେତ ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ରଶ୍ମି ମହାପାତ୍ର, ଅଧକ୍ଷା ନିରୁପମା ସାହୁ, ଇଟିପୁର ସରପଞ୍ଚ ଅନୀତା ସୁବୁଦ୍ଧି, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ସାଂସଦ ପ୍ରତିନିଧି ସଂଯୋଗ ରାଉତରାୟ, ଅରୁଣ ପୁରୋହିତ, ସୂର୍ଯ୍ୟକାନ୍ତ ସାହୁ, ସୁଧାଂଶୁ ସୁବୁଦ୍ଧି, ଆଲୋକ ରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ନାୟକ, ପ୍ରକାଶ ସାହୁ ଉପସ୍ଥିତ ଥିଲେ।

## 'ଦ ଏଲିଭେଶନ' ରେଷ୍ଟ୍ରୋ, କ୍ୟାଫେ ଏବଂ ଲାଉଞ୍ଜ ଉଦ୍‌ଘାଟିତ



**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ରାଜଧାନୀ ମଧ୍ୟ ଭାଗରେ, ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଭଳି ସିଆରପିଏଫ ଛକ ନିକଟରେ 'ଦ ଏଲିଭେଶନ' ନାଁରେ ଏକ ସୁନ୍ଦର ରେଷ୍ଟ୍ରୋ, କ୍ୟାଫେ ତଥା ଲାଉଞ୍ଜର ଶୁଭ ଉଦଘାଟନ ହୋଇଛି। ଏହି ଭବ୍ୟ ଶୁଭ ଉଦଘାଟନୀ ଉତ୍ସବରେ ବଲିଉଡ ତାରକା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ରିଅଲ ଷ୍ଟାର ଅର୍ଦ୍ଧେନ୍ଦୁ ସାହୁ, ଡାକ୍ତର ପ୍ରିୟବ୍ରତ ଧୀର ଯୋଗଦେଇଥିଲେ । ହୋଟେଲର ମାଲିକ ସମରେନ୍ଦ୍ର ବିଶ୍ୱାଳ ଏବଂ କମଳ ଭଞ୍ଜ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଉଦଘାଟନ କରିଥିଲେ। ଏହି ହୋଟେଲରେ ଇଣ୍ଡିଆନ, ଚାଇନିଜ୍, ତନ୍ଦୁର, କଣ୍ଟିନେଣ୍ଟାଲ ଖାଦ୍ୟ, ମକଟେଲ୍ସ ଆଦି ଖାଦ୍ୟ ଓ ମୃଦୁ ପାନୀୟ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି ହୋଟେଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଏବେ ସ୍ୱାସ୍ଥ୍ୟ ପ୍ରତି ସମସ୍ତେ ଯତ୍ନବାନ ହେଉଥିବା ବେଳେ ଏହି ହୋଟେଲ ସେଥିପ୍ରତି ବିଶେଷ ଦୃଷ୍ଟି ଦେଉଛି ବୋଲି ଉଦଘାଟକ ତଥା ମୁଖ୍ୟ ଅତିଥି ସିଦ୍ଧାନ୍ତ ମହାପାତ୍ର ପ୍ରକାଶ କରିଥିଲେ । ଏବେ ଭାଲେଟାଇନ୍ସ ସପ୍ତାହ ଚାଲିଥିବାରୁ ସମସ୍ତ ଗ୍ରାହକମାନଙ୍କ ପାଇଁ ୧୦ ପରସେଣ୍ଟ ରିହାତି ରହିବ ବୋଲି ହୋଟେଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଏହି ହୋଟେଲକୁ ପରିବାର ସହିତ ଆସି ସମ୍ପୂର୍ଣ୍ଣ ଉପଭୋଗ କରିପାରିବେ । ହୋଟେଲର ଇଣ୍ଟେରିଅର ଡିଜାଇନ୍ ଗ୍ରାହକଙ୍କୁ ବେଶ ଆକର୍ଷିତ କରିବ ।

### ଅନଲାଇନ୍ ଇନଭେଷ୍ଟମେଣ୍ଟ ନାଁରେ ୫୦ ଲକ୍ଷ ଠକେଇ

## ପଶ୍ଚିମବଙ୍ଗରୁ ଠକକୁ ଗିରଫ କଲା ପୁଲିସ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରୁ ଠକକୁ ଗିରଫ କରିଛି କମିଶନରେଟ ପୁଲିସ। ଉଚ୍ଚ ରିଟର୍ନ ଦେବା ପ୍ରଲୋଭନ ଦେଖାଇ ପ୍ରାୟ ୫୦ ଲକ୍ଷ ୧୬ ହଜାର ଟଙ୍କା ଠକେଇ ମାମଲାରେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ମଗ୍ରା ଥାନା ଅଞ୍ଚଳର ଅରବିନ୍ଦ ପାଲ୍‌ଙ୍କୁ ଗିରଫ କରିଛି କମିଶନରେଟର ସାଇବର ଥାନା ପୁଲିସ। ଅଭିଯୁକ୍ତକୁ ପଶ୍ଚିମବଙ୍ଗରୁ ଗିରଫ କରି ଭୁବନେଶ୍ୱର ଆଣାଯାଇଛି। ପୁଲିସ ସୂଚନା ଅନୁସାରେ, ଭୁବନେଶ୍ୱର ତମାଣ୍ଡୋ ଥାନା ଅଞ୍ଚଳର ବୃନ୍ଦାବନ ଗାର୍ଡେନ ଆପାର୍ଟମେଣ୍ଟର ବାସିନ୍ଦା ଭାଗିରଥି ମହନ୍ତଙ୍କୁ ଉଚ୍ଚ ଲାଭ ମିଳିବ ବୋଲି ସେ ପ୍ରଲୋଭନ ଦେଖାଇଥିଲେ।



ହ୍ୱାଟ୍ସ ଆପ୍ ଗ୍ରୁପ ମାଧ୍ୟମରେ ଅନଲାଇନ୍ ଟ୍ରେଡିଂରେ ନିବେଶ କରାଇଥିଲେ। ଏସ୍ଏମସି ସିଟ୍-୩ ଗ୍ରୁପ ନାମରେ ହ୍ୱାଟ୍ସ ଆପ୍ ଗ୍ରୁପ ମାଧ୍ୟମରେ ନିଜକୁ କୋ-ଅର୍ଡିନେଟର ଭାବେ ପରିଚୟ ଦେଇଥିଲା। ନକଲି ଟ୍ରେଡିଂ ଆକାଉଣ୍ଟ ଖୋଲି ଭିନ୍ନ ଭିନ୍ନ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ବାଧ କରିଥିଲା ଅଭିଯୁକ୍ତ। ଏହିଭଳି ଭାଗିରଥି ମହାନ୍ତିଙ୍କ ଠାରୁ ମୋଟ ୫୦ ଲକ୍ଷ ୧୬ ହଜାର ଟଙ୍କା ଠକେଇ କରାଯାଇଥିବା କମିଶନରେଟ୍ ପୁଲିସ କହିଛି।

## ଓଡ଼ିଶା ଗୋଣ୍ଡ ସାଂସ୍କୃତିକ ସମାଜର ବନ୍ଧୁମିଳନ

### ଜାତିର ସାମଗ୍ରିକ ବିକାଶରେ ଯୋଗଦାନ ଲାଗି ମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଗୋଣ୍ଡ ସାଂସ୍କୃତିକ ସମାଜ, ଓଡ଼ିଶାର ପଞ୍ଚମ ରାଜ୍ୟ ସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ମଞ୍ଚେଶ୍ୱରସ୍ଥିତ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପିସିସିଏଫ ତଥା ସମାଜର ସଭାପତି ଡ଼. ଖଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ, ଆଦିବାସୀ ଓ ହରିଜନ ତଥା ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ଗୋଣ୍ଡ ସମାଜକୁ ଏକତ୍ରିତ ହୋଇ ସମାଜ ଓ ଜାତିର ସାମଗ୍ରିକ ବିକାଶରେ ଯୋଗ ଦେବାକୁ ଆହ୍ୱାନ ଦେଇଛନ୍ତି। ଯୋଗେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ଇଂ. କୈଳାସ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଧ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଡ. ଖଗେଶ୍ୱର ନାୟକ ସମାଜ ଗଠନର ରୂପରେଖ ନେଇ ସୂଚନା ଦେଇଥିଲେ।



## ବିଜେଡିରୁ କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ନିଲମ୍ବିତ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମାଙ୍କ ନିର୍ବାଚନମଣ୍ଡଳୀରେ ବ୍ଲକ ଅଧକ୍ଷାଙ୍କ ବିରୋଧରେ ହୋଇଛି କାର୍ଯ୍ୟାନୁଷ୍ଠାନ। ବିଜେଡିରୁ ନିଲମ୍ବିତ ହୋଇଛନ୍ତି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ସରୋଜିନୀ ତରାଇ। ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏକଦା ବିଜେଡି ଗଡ଼ ଭାବେ ପରିଚିତ ଥିବା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକ୍‌ରେ ସର୍ବାଧିକ ସମର୍ଥନ ପାଇ ସେ ଅଧକ୍ଷା ଭାବେ ମନୋନୀତ ହୋଇଥିଲେ। ପୂର୍ବରୁ କଂଗ୍ରେସରୁ ଆସି ବିଜେଡିରେ ଲୋକପ୍ରିୟତା ବି ହାସଲ କରିଥିଲେ। କିନ୍ତୁ ଏବେ ଦଳର କୌଣସି ବି ନିର୍ଦ୍ଦେଶକୁ ନ ମାନିବା ଓ ଦଳବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ଶ୍ରୀମତୀ ତରାଇଙ୍କୁ ଦଳ ପକ୍ଷରୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀମତୀ ତରାଇ ଗତ କିଛିଦିନ ହେବ ଦଳର ବିଭିନ୍ନ କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିଆସୁଥିଲେ।

## ହତ୍ୟା ମାମଲାରେ ୫ ଅଭିଯୁକ୍ତ ଗିରଫ

**ରାଉରକେଲା,୮।୨ (ସଂଚାର ବ୍ୟୁରୋ):** ରାଉରକେଲା ରେଳବାଇ ଷ୍ଟେସନ୍‌ରେ ଘଟିଥିବା ହତ୍ୟାକାଣ୍ଡ ମାମଲାରେ ଆଜି ୫ ଜଣଙ୍କୁ ଗିରଫ କରାଯାଇଛି। ଗତ ୨୪ ଘଣ୍ଟା ଭିତରେ ସମସ୍ତ ଅଭିଯୁକ୍ତଙ୍କୁ ରାଉରକେଲା ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଗତ ୬ ତାରିଖ ରାତିରେ ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରେ ଜଣେ ଚା' ଦୋକାନର କର୍ମଚାରୀ ଅବିନାଶ ଯାଦବଙ୍କୁ ହତ୍ୟା କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିଲା। ଏହାର ତଦନ୍ତ କରି ପ୍ଲାଣ୍ଟସାଇଟ୍ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତ ଓ ଜଣେ ନାବାଳକକୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୩୬ରୁ ଅଧିକ ଅପରାଧିକ ମାମଲା ରହିଛି। ସେମାନଙ୍କଠାରୁ ପୁଲିସ୍ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ଗୋଟିଏ ବୋଲେରୋ, ଗୋଟିଏ କାର୍ ଓ ୫ଟି ମୋବାଇଲ୍ ଜବତ କରିଥିବା ଜଣାପଡ଼ିଛି।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

**ଆନନ୍ଦପୁର,୮।୨(ସଂଚାର ବ୍ୟୁରୋ):** ଜନୈକ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁରସ୍ଥିତ ବାସଭବନରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଭୋଗୁରାମ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଶ୍ରୀ ପ୍ରଧାନଙ୍କ ଉଭୟ ପୁଅ ଓ ଝିଅ ବାହାରେ ରହୁଥିବା ବେଳେ ସେ ଉକ୍ତ ଘରେ ଏକୁଟିଆ ରହୁଥିଲେ। ମୃତଦେହ ମିଳିବା ନେଇ ଖବର ପାଇବା ପରେ ଆନନ୍ଦପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ଏଥିସହ ତଦନ୍ତରେ ସାଇଣ୍ଟିଫିକ୍ ଟିମ୍‌ର ବି ସହାୟତା ନିଆଯାଇଛି। ତେବେ ଏହା ଏକ ହତ୍ୟା କି ଆତ୍ମହତ୍ୟା, ତା'କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

## ୧୨ ତାରିଖ ଧର୍ମଘଟକୁ କଂଗ୍ରେସର ସମର୍ଥନ

### ମୂଳ ପ୍ରସଙ୍ଗ ମନରେଗା, ବିଜୁଳି ଓ ଧାନ ସଂଗ୍ରହ: ଭକ୍ତ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଆସନ୍ତା ୧୨ ତାରିଖରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଥିବା ବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏହାକୁ ସମର୍ଥନ ଘୋଷଣା କରିଛି। ଏହି ମର୍ମରେ ପିସିସି ସଭାପତି ଭକ୍ତଚରଣ ଦାସ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ଉପା ଅମଳରୁ ଚାଲିଆସିଥିବା କଲ୍ୟାଣକାରୀ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ଭିବି ଜି-ରାମ-ଜି ପରି ଶ୍ରମିକବିରୋଧୀ ଯୋଜନା ଆରମ୍ଭ କରିଥିବାରୁ କଂଗ୍ରେସ ଦଳ ପକ୍ଷରୁ ଦେଶବ୍ୟାପୀ ନିରନ୍ତର ଧର୍ମଘଟ, ବିକ୍ଷୋଭ, ଅନଶନ ଚାଲିଆସିଛି। ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଯଥା:- ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍ଏମଏସ, ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ବିୟୁସିସି, ୟୁଟିୟୁସି, ଏଲ୍‌ପିଏଫ୍ ଓ ସେବା ସମେତ ବିଭିନ୍ନ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର କର୍ମଚାରୀ ସଂଗଠନ ପରି ୫୦ରୁ ଅଧିକ ସ୍ୱାଧୀନ ମହାସଂଘ ଆହ୍ୱାନରେ ମନରେଗା ଉଚ୍ଛେଦ ବିରୋଧରେ ଓ ଶ୍ରମିକ-ବିରୋଧୀ ୪ ଶ୍ରମ-କୋଡ୍ ବାତିଲ ଦାବିରେ ଦେଶବ୍ୟାପୀ ଧର୍ମଘଟ କରାଯାଉଥିବାରୁ କଂଗ୍ରେସ ଏହାକୁ ସମର୍ଥନ କରୁଛି। ମନରେଗା, ବିଜୁଳି ଓ ଚାଷୀଙ୍କ ସମସ୍ୟା ପ୍ରସଙ୍ଗକୁ ଆଗାମୀ ଧର୍ମଘଟରେ ଉପରୋକ୍ତ ସଂଗଠନମାନେ ଗୁରୁତ୍ୱ ଦେଉଥିବାରୁ କଂଗ୍ରେସ ପକ୍ଷରୁ ଏହାକୁ ସ୍ୱାଗତ କରାଯାଉଥିବା ଶ୍ରୀ ଦାସ କହିଛନ୍ତି।

### ଚାଷୀ ସମସ୍ୟାକୁ ଗୁରୁତ୍ୱ

## ୧୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




**କଟକ,୮।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଧାନର ଅଭାବୀ ବିକ୍ରି, କଟନି ଛଟନି, ବିଦ୍ୟୁତ ଗ୍ରାହକଙ୍କ ଉପରେ ଅତିରିକ୍ତ ଟଙ୍କା ଜମା ଆକାରରେ ଜୋରଜବରଦସ୍ତ ଆଦାୟ, ଖାଉଟି ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି, ମହିଳାମାନଙ୍କ ଉପରେ ଦିନକୁ ଦିନ ବୃଦ୍ଧି ପାଉଥିବା ହିଂସା ପ୍ରତିବାଦରେ ଆସନ୍ତା ଫେବୃଆରୀ ୧୩ରେ କଟକ ବିଜୁ ଜନତା ଦଳ ପକ୍ଷରୁ କଟକ ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ଚାଷୀ ସମସ୍ୟା ନେଇ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏନେଇ କଟକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ଉପସଭାପତି ପ୍ରତାପ ଜେନା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ପାଖାପାଖି ୫ ହଜାରରୁ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହେବେ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା।

### ଆଦିବାସୀ କଳା ଓ କଳାବସ୍ତୁ ପ୍ରଦର୍ଶନ କାର୍ଯ୍ୟକ୍ରମ

## ଉପକୃତ ହେବେ ଆଦିବାସୀ କାରିଗର

### ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଆଇଟିଆଇ), ଓଡ଼ିଶା ପକ୍ଷରୁ ଗତକାଲିଠାରୁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଆଦିବାସୀ କଳା ଓ କଳାବସ୍ତୁକୁ ନେଇ ଏକ ୧୫ଦିନିଆ ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ଅଭିଜ୍ଞ ଆଦିବାସୀ କାରିଗରମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ପାରମ୍ପରିକ ଆଦିବାସୀ କଳାକୁ ପ୍ରୋତ୍ସାହନ, ସଂରକ୍ଷଣ ଓ ପ୍ରଦର୍ଶନ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖରେ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଡତାଲ୍ ଚିତ୍ରକଳା, ସଉରା ଚିତ୍ରକଳା ଓ ବାଉଁଶ ହସ୍ତଶିଳ୍ପରେ ବିଶେଷଜ୍ଞ କାରିଗରମାନଙ୍କୁ ବିଭିନ୍ନ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ଆଇଟିଡିଏ) ପକ୍ଷରୁ ପ୍ରାୟୋଜିତ କରାଯାଇଛି।



ରାୟଗଡା ଜିଲ୍ଲା ଆଇଟିଡିଏ ଗୁଣୁପୁର, ଇଡତାଲ୍ ଓ ସଉରା ଚିତ୍ରକଳାରେ ଦକ୍ଷ ୫ ଜଣ କାରିଗରଙ୍କୁ ପ୍ରାୟୋଜିତ କରିଛି, ଯେଉଁମାନେ କାର୍ଯ୍ୟକ୍ରମ ସମୟରେ ଏହି ଆଦିବାସୀ କଳାର ଲାଇଭ୍ ପ୍ରଦର୍ଶନ କରିବେ। ସେହିପରି ମୟୂରଭଞ୍ଜ ଜିଲ୍ଲା ଆଇଟିଡ଼ିଏ, କପ୍ତିପଦା, ଉଦଳା ପକ୍ଷରୁ ମାହାଲି ଜନଜାତିର ୫ ଜଣ ଅଭିଜ୍ଞ ଆଦିବାସୀ କାରିଗରଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ସୁଧାକର ସବର କହିଛନ୍ତି ଯେ ଏହିପରି ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ସମୃଦ୍ଧ ଆଦିବାସୀ ଐତିହ୍ୟର ସୁରକ୍ଷା ଓ ଜନସାଧାରଣଙ୍କ ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି କାର୍ଯ୍ୟକ୍ରମ ଛାତ୍ର, ଗବେଷକ, ପର୍ଯ୍ୟଟକ ଓ କଳା ଉତ୍ସାହୀଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।

## ପୋଷ୍ଟ ମାଷ୍ଟର୍‌ଙ୍କ ବିରୋଧରେ ଟଙ୍କା ହଡ଼ପ ଅଭିଯୋଗ

### ଆକାଉଣ୍ଟ୍‌ରେ ଜମା ହୋଇନି ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କା

**ବାଲେଶ୍ୱର,୮।୨(ସଂଚାର ବ୍ୟୁରୋ):** ଜମାକାରୀଙ୍କଠାରୁ ଟଙ୍କା ନେଇଥିଲେ ମଧ୍ୟ ସେମାନଙ୍କ ଆକାଉଣ୍ଟ୍‌ରେ ଟଙ୍କା ଜମା ହୋଇନାହିଁ। ବରଂ ସମ୍ପୃକ୍ତ ପୋଷ୍ଟ ଅଫିସ୍‌ର ପୋଷ୍ଟ ମାଷ୍ଟର୍ ଉକ୍ତ ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣ ବାଡ଼ିଆ ପୋଷ୍ଟ ଅଫିସରେ ଏଭଳି ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ଏହି ଡାକଘରେ ପାଖାପାଖି ୬୦୦ ଜମାକାରୀଙ୍କର ୧୫ ଶହରୁ ଅଧିକ ଖାତା ରହିଛି। ସେମାନେ ମଧ୍ୟ ନିୟମିତ ଭାବେ ଖାତାରେ ଟଙ୍କା ଜମା କରୁଥିଲେ। କିନ୍ତୁ ଏବେ ଜାଣିବା ବେଳକୁ ସେମାନେ ଜମା କରିଥିବା ପାଖାପାଖି ଦେଢ଼ କୋଟି ଟଙ୍କା ହଡ଼ପ କରି ପୋଷ୍ଟ ମାଷ୍ଟର୍ ପ୍ରମିତ ରଞ୍ଜନ ଘଡ଼ାଇ ଫେରାର ହୋଇଯାଇଛନ୍ତି। ଶ୍ରୀ ଘଡ଼ାଇ ଜମାକାରୀଙ୍କୁ ବିଭିନ୍ନ ଆଳ ଦେଖାଇ କେତେବେଳେ ସାଦା କାଗଜରେ ତ ଆଉ କେତେବେଳେ ରସିଦରେ ଷ୍ଟାମ୍ପ ମାରି ଟଙ୍କା ଜମା କରିନେଉଥିଲେ। ଜମାକାରୀମାନେ ବି ବି କେନ୍ଦ୍ର ସରକାରଙ୍କ ସଂସ୍ଥା ହୋଇଥିବାରୁ ଓ ଷ୍ଟାମ୍ପ ଲାଗିଥିବାରୁ ଏଥିରେ କୌଣସି ପ୍ରକାର ସନ୍ଦେହ କରିନଥିଲେ। କିନ୍ତୁ ଏବେ ସେମାନେ ଜାଣିବା ବେଳକୁ ସମ୍ପୃକ୍ତ ପୋଷ୍ଟ ମାଷ୍ଟର୍ ଉକ୍ତ ଟଙ୍କା ନେବା ସହ ଆହୁରି କେତେକ ଜମାକାରୀଙ୍କ ଖାତାରୁ କିଛି ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଦୁଇମାସ ତଳେ କେତେକ ହିତାଧିକାରୀ ଟଙ୍କା ଉଠାଇବା ପାଇଁ ଯାଇଥିଲେ।



କିନ୍ତୁ ସେମାନଙ୍କ ଖାତାରେ ଟଙ୍କା ନ ଥିବା ଜାଣିବା ପରେ ଏପରି ସତ୍ୟ ପଦାକୁ ଆସିଥିଲା। ଏନେଇ ଜମାକାରୀମାନେ ଶ୍ରୀ ଘଡ଼ାଇଙ୍କୁ ପଚାରିବାରୁ ସେ ହଡ଼ବଡ଼େଇ ଯାଇଥିଲେ। ଆଉ ସେହିଦିନଠାରୁ ସେ ଆଉ ପୋଷ୍ଟ ଅଫିସ୍‌କୁ ଆସିନାହାନ୍ତି। ଏନେଇ ଜମାକାରୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ କିଛି ବି ସୁଫଳ ମିଳିନଥିବା ଜଣାପଡ଼ିଛି। ତେବେ କଷ୍ଟ ଅର୍ଜିତ ଟଙ୍କା ହଡ଼ପ ହୋଇଯାଇଥିବାରୁ ଅନେକ ଗରିବ ଜମାକାରୀ ଏବେ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ଅନେକ ସ୍ୱପ୍ନ ମଧ୍ୟ ଚୂର୍ମାର ହୋଇଛି। ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ଜମାକାରୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବଜେଟ୍‌ରେ ଅସଂଗଠିତ ଶ୍ରମିକଙ୍କ ପାଇଁ ଅଧିକ ଅନୁଦାନ ଦାବି



**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଓଡ଼ିଶାରେ ଥିବା ଦେଢ଼ କୋଟିରୁ ଅଧିକ ଅସଂଗଠିତ ଶ୍ରମିକଙ୍କ କଲ୍ୟାଣ ବୋର୍ଡ ପାଇଁ ଏକ ହଜାର କୋଟି, ପ୍ରବାସୀ ଶ୍ରମିକ କଲ୍ୟାଣ ବୋର୍ଡ ପାଇଁ ୫୦୦ କୋଟି, ଶ୍ରମିକଙ୍କୁ ଗ୍ରୀଷ୍ମ ପ୍ରବାହ ରକ୍ଷା ପାଇଁ ୫୦୦ କୋଟି, ଜୀବନଜୀବିକା ପାଇଁ ଲଘୁ ବନଜାତ ସାମଗ୍ରୀ ଉପରେ ନିର୍ଭର କରୁଥିବା ଆଦିବାସୀଙ୍କ ପାଇଁ ଅନ୍ୟୂନ୍ୟ ୧ ହଜାର କୋଟି, ଅଣକୁଶଳୀ ଶ୍ରମିକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ୧ ହଜାର କୋଟି, ଉଠାଦୋକାନୀଙ୍କ କଲ୍ୟାଣ ଓ ସୁରକ୍ଷା ପାଇଁ ବଜେଟରେ ଅର୍ଥ, ମହିଳା ଶ୍ରମିକଙ୍କ ଦକ୍ଷତା ପାଇଁ ବିଶେଷ ବ୍ୟବସ୍ଥା କରିବା ସକାଶେ ଦାବି ହୋଇଛି। ଏଥିସହ ରାଜ୍ୟରେ ପ୍ରଥମ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବେସରକାରୀ ଶିକ୍ଷାନୁଷ୍ଠାନ ସହ ସମକକ୍ଷ ହେବା ପାଇଁ ଭିତ୍ତିଭୂମି, ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକଶିକ୍ଷୟତ୍ରୀଙ୍କ ପାଇଁ ବଜେଟରେ ବ୍ୟବସ୍ଥା ଓ ଅଧିକାଂଶ ରାଜ୍ୟରେ ୨୦୦-୩୦୦ ୟୁନିଟ୍ ବିଜୁଳି ଛାଡ଼ ହୋଇଥିବା ବେଳେ ୩୦୦ ୟୁନିଟ୍ ବିଜୁଳି ବ୍ୟବସ୍ଥା ଛାଡ଼ କରିବା ପାଇଁ ଓ ଚାଷୀମାନଙ୍କୁ ମାଗଣା ବିଜୁଳି ଦେବା ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା ପାଇଁ ପୂର୍ବତନ ସାଂସଦ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଛନ୍ତି। ଏଥିସକାଶେ ସେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଚିଠି ମଧ୍ୟ ଲେଖିଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୱାଟକୋ-ୱାନ୍ ଚାମ୍ପିଅନ

### ମା' ତାରିଣୀ ଡେଭଲପ୍‌ମେଣ୍ଟ ଫୋରମ୍ ରନର୍ସ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରସ୍ଥିତ ହିନ୍ଦୀ ସ୍କୁଲ ପଡିଆରେ ୱାଟ୍‌କୋ-ୱାନ୍ ଓ ୱାଟ୍‌କୋ-ଟୁ ଓ ମା' ତାରିଣୀ ଡେଭଲପମେଣ୍ଟ ଫୋରମକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୱାଟ୍‌କୋ-ୱାନ୍ ଚାମ୍ପିଅନ୍ ହୋଇଥିବା ବେଳେ ମା' ତାରିଣୀ ଡେଭଲପମେଣ୍ଟ ଫୋରମ ରନର୍ସଅପ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବକାନ୍ତ ମହାନ୍ତି ଯୋଗଦେଇ ଉଭୟ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ। ଏହାଛଡ଼ା ୱାଟ୍‌କୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଗୁରୁଚରଣ ଦାଶ, ଇଂ. ବିକ୍ରମ ରାଉତ, ଇଂ. ରାଜେନ୍ଦ୍ର ନାୟକ ମଧ୍ୟ ଉପସ୍ଥିତ ଥିଲେ। ମ୍ୟାଚକୁ ଇଂ. ପ୍ରଦୀପ ମଲ୍ଲିକ, ଇଂ. ନୈମୁଲ ଅମିନ, ଇଂ. ପ୍ରଶାନ୍ତ ବେହେରା, ଇଂ. ଗିରିଜା ନନ୍ଦିନୀ ପତି ପରିଚାଳନା କରିଥିଲେ। ଚାମ୍ପିଅନ୍ ଟିମ ପକ୍ଷରୁ ଇଂ. ବିକ୍ରମ ରାଉତ ଓ ରନର୍ସଅପ ଟିମ୍ ପକ୍ଷରୁ ରବି ନାରାୟଣ ମହାନ୍ତି ଟ୍ରଫି ଓ ସିଲ୍ଡ ଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ମା' ତାରିଣୀ ଡେଭଲପମେଣ୍ଟ ଫୋରମ ପ୍ରଥମେ ବ୍ୟାଟିଂ କରି ୧୦୦ ରନ୍ ଅଲଆଉଟ ହୋଇଯାଇଥିଲା। ଜବାବରେ ୱାଟ୍‌କୋ-ୱାନ୍ ୧୦୧ ରନ କରି ଚାମ୍ପିଅନ ହୋଇଥିଲା। ଇଂ. ରାକେଶ ଦାସ, ଇଂ. ରୋହିତ ପାଲ, ଇଂ. ବୁଲୁ କାନୁନଗୋ ମ୍ୟାଚରେ ଭାଗ ନେଇଥିଲେ। ଅଖିଳ ସାହୁ ସ୍କୋରିଂରେ ସହାୟତା କରିଥିବା ବେଳେ ଦୁର୍ଗା ଧାରାବିବରଣୀ ପ୍ରଦାନ କରିଥିଲେ। ଏହାଛଡ଼ା ନିହାର ଓ ଶକ୍ତି ଅମ୍ପାୟାରିଂ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ମା' ତାରିଣୀ ଡେଭଲପମେଣ୍ଟ ଫୋରମ ପକ୍ଷରୁ ମନ୍ମଥ ବେଉରିଆ ଓ ସନ୍ତୋଷ ଦର୍ଶନୀୟ କ୍ୟାଚ ନେଇ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥିଲେ।






ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

**ସମ୍ପାଦକୀୟ**

SANCHAR
ସଂଚାର

୪

ସୋମବାର ୯ ଫେବୃଆରୀ ୨୦୨୬, ଭୁବନେଶ୍ୱର

Monday 9 February 2026, Bhubaneswar

# ସଂସ୍କୃତି, ସ୍ୱାଧୀନତା ଓ ମାନବାଧିକାରର ସଂଘର୍ଷ

ହିମାଳୟର କୋଳରେ ଅବସ୍ଥିତ ତିବ୍ବତ କେବଳ ଏକ ଭୂଖଣ୍ଡ ନୁହେଁ; ଏହା ଏକ ପ୍ରାଚୀନ ସଂସ୍କୃତି, ବୌଦ୍ଧ ଧର୍ମ ଏବଂ ଅନନ୍ୟ ଐତିହ୍ୟର ପ୍ରତୀକ। କିନ୍ତୁ ୧୯୫୦ ମସିହାରୁ ଏହି ପବିତ୍ର ଭୂମି ଚୀନ ସହିତ ଏକ ଦୀର୍ଘସ୍ଥାୟୀ କ୍ଷେତ୍ରୀୟ ବିବାଦରେ ଜଡ଼ିତ ରହିଛି। ୨୦୨୬ ମସିହାରେ ମଧ୍ୟ ଏହି ବିବାଦ ସମାଧାନ ହୋଇନାହିଁ। ବରଂ ସାଂସ୍କୃତିକ ସମାସିକରଣ, ଧାର୍ମିକ ପ୍ରତିବନ୍ଧକ ଏବଂ ମାନବାଧିକାର ଉଲ୍ଲଙ୍ଘନ ଯୋଗୁଁ ଏହା ଆହୁରି ଜଟିଳ ହୋଇଛି।



ଐତିହାସିକ ଦୃଷ୍ଟିରୁ ତିବ୍ବତ ୧୯୧୨ରୁ ୧୯୫୦ ପର୍ଯ୍ୟନ୍ତ ବାସ୍ତବରେ ସ୍ୱାଧୀନ ଥିଲା। ଏହାର ନିଜର ସରକାର, ମୁଦ୍ରା ଏବଂ ସେନା ଥିଲା। ୧୯୫୦ରେ ଚୀନର ପିପୁଲ୍ସ ଲିବରେସନ ଆର୍ମି ଆକ୍ରମଣ କରି ୧୯୫୧ର ୧୭-ପଏଣ୍ଟ ଚୁକ୍ତି ମାଧ୍ୟମରେ ତିବ୍ବତକୁ ନିଜ ଅଧୀନରେ ଆଣିଥିଲା। ଚୀନ ଏହାକୁ 'ଶାନ୍ତିପୂର୍ଣ୍ଣ ମୁକ୍ତି' ବୋଲି ବର୍ଣ୍ଣନା କଲା ଏବଂ ଐତିହାସିକ ସୁଜେରେନ୍ଟି ଦାବି କଲା। କିନ୍ତୁ ତିବ୍ବତୀୟମାନେ ଏହାକୁ ବଳପୂର୍ବକ ଅଧିଗ୍ରହଣ ବୋଲି ମନେ କରନ୍ତି। ୧୯୫୯ରେ ଲାହସାରେ ବିଦ୍ରୋହ ହୋଇଥିଲା, ଯାହା ପରେ ୧୪ଶ ଦଲାଇ ଲାମା ଭାରତକୁ ଆସି ନିର୍ବାସିତ ସରକାର ସ୍ଥାପନ କରିଥିଲେ।

ଚୀନ ତିବ୍ବତ ସ୍ୱାୟତ୍ତ ଅଞ୍ଚଳ ଭାବେ ପରିଚାଳନା କରୁଛି ଏବଂ ରେଳପଥ, ରାସ୍ତା ଓ ଅର୍ଥନୈତିକ ଉନ୍ନୟନର ଦାବି କରୁଛି। କିନ୍ତୁ ଏହାର ଅନ୍ତରାଳରେ ସଂସ୍କୃତିକ ସମାସିକରଣ ଚାଲିଛି। ତିବ୍ବତୀୟ ଭାଷା, ସ୍କୁଲ୍ ଏବଂ ଧାର୍ମିକ ପରମ୍ପରାକୁ ପ୍ରତିବନ୍ଧିତ କରାଯାଉଛି। ୨୦୨୫ ମସିହାର ଯୁକ୍ତରାଷ୍ଟ୍ର କଂଗ୍ରେସନାଲ-ଏକଜିକ୍ୟୁଟିଭ କମିଶନ ଅନ ଚାଇନା (ସିଇସିସି) ରିପୋର୍ଟରେ ମଠରୁ ସନ୍ନ୍ୟାସୀ ବହିଷ୍କାର, ଭାଷା ଅଧିକାର ପାଇଁ ଗିରଫ ଏବଂ ନିର୍ଯାତନାର ଘଟଣା ଉଲ୍ଲେଖ ହୋଇଛି। ଫ୍ରିଡମ ହାଉସ ୨୦୨୫ ରିପୋର୍ଟରେ ତିବ୍ବତକୁ ୦/୧୦୦ ସ୍କୋର୍ ଦିଆଯାଇଛି, ଯାହା ସର୍ବନିମ୍ନ ସ୍ୱାଧୀନତାର ସୂଚକ।

ଦଲାଇ ଲାମାଙ୍କ 'ମଧ୍ୟପନ୍ଥୀ' ନୀତି ସମ୍ପୂର୍ଣ୍ଣ ସ୍ୱାଧୀନତା ନୁହେଁ, ବରଂ ପ୍ରକୃତ ସ୍ୱାୟତ୍ତଶାସନ ଏବଂ ଧାର୍ମିକ-ସାଂସ୍କୃତିକ ସ୍ୱାଧୀନତା ଦାବି କରେ। କିନ୍ତୁ ୨୦୧୦ ପରେ ଚୀନ ସହ ଆଲୋଚନା ବନ୍ଦ ରହିଛି। ୨୦୨୫ରେ ୯୦ ବର୍ଷ ବୟସରେ ଦଲାଇ ଲାମା ଘୋଷଣା କରିଛନ୍ତି ଯେ ତାଙ୍କ ଉତ୍ତରାଧିକାରୀ ତିବ୍ବତୀୟ ବୌଦ୍ଧ ସମ୍ପ୍ରଦାୟ ନିଜେ ଚୟନ କରିବେ ଏବଂ 'ମୁକ୍ତ ବିଶ୍ୱ'ରେ ଜନ୍ମ ନେବେ। ଚୀନ ଏଥିରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛି, ଯାହା ଧାର୍ମିକ ସ୍ୱାଧୀନତାର ସ୍ପଷ୍ଟ ଉଲ୍ଲଙ୍ଘନ।

ଭାରତୀୟ ଦୃଷ୍ଟିକୋଣରୁ ଏହି ବିବାଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ଦଲାଇ ଲାମାଙ୍କୁ ଆଶ୍ରୟ ଦେଇଛି ଏବଂ ହଜାର ହଜାର ତିବ୍ବତୀୟ ଶରଣାର୍ଥୀଙ୍କୁ ସ୍ଥାନ ଦେଇଛି। ଓଡ଼ିଶାର ଚନ୍ଦ୍ରଗିରିରେ ୧୯୬୩ରୁ ଏକ ତିବ୍ବତୀୟ ବସତି ରହିଛି, ଯେଉଁଠାରେ ଶରଣାର୍ଥୀମାନେ ନିଜ ଭାଷା ଏବଂ ସଂସ୍କୃତି ରକ୍ଷା କରୁଛନ୍ତି। ଭାରତ ଆଧିକାରିକ ଭାବେ ତିବ୍ବତକୁ ଚୀନର ଅଂଶ ବୋଲି ସ୍ୱୀକାର କରେ, କିନ୍ତୁ ଅରୁଣାଚଳ ପ୍ରଦେଶକୁ 'ଦକ୍ଷିଣ ତିବ୍ବତ' ବୋଲି ଚୀନର ଦାବି ଏବଂ ସୀମା ଉତ୍ତେଜନା ଏହା ସହ ଜଡ଼ିତ। ୧୯୧୪ ସିମ୍ଲା ଚୁକ୍ତିରେ ମକ୍ମହୋନ ଲାଇନ ତିବ୍ବତ ସହ ସ୍ଥିର ହୋଇଥିଲା।

ଆନ୍ତର୍ଜାତିକ ସ୍ତରରେ ଯୁକ୍ତରାଷ୍ଟ୍ରର ରିଭୋଲ୍ଭ ତିବ୍ବତ ଆଇନ ଚୀନର ଐତିହାସିକ ଦାବିକୁ ଚ୍ୟାଲେଞ୍ଜ କରି ସମାଧାନ ପାଇଁ ଆଲୋଚନା ପ୍ରୋତ୍ସାହିତ କରୁଛି। ତିବ୍ବତ ବିଶ୍ୱର 'ଜଳ ଟାୱାର' ଭାବେ ପରିଚିତ, ଯେଉଁଠାରେ ବୃହତ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଖଣି କାର୍ଯ୍ୟ ପରିବେଶକୁ ପ୍ରଭାବିତ କରୁଛି।

ଏହି ବିବାଦର ସମାଧାନ ବଳ ଦ୍ୱାରା ହୋଇପାରିବ ନାହିଁ। ଚୀନ ଏବଂ ତିବ୍ବତୀୟ ପ୍ରତିନିଧିମାନଙ୍କ ମଧ୍ୟରେ ପ୍ରକୃତ ଆଲୋଚନା ଆରମ୍ଭ ହେବା ଉଚିତ, ଯାହା ପୋଟାଲା ପ୍ରାସାଦ ପରି ଐତିହ୍ୟ ରକ୍ଷା କରିବ ଏବଂ ତିବ୍ବତୀୟଙ୍କ ଧାର୍ମିକ ସ୍ୱାଧୀନତା ସୁରକ୍ଷିତ କରିବ। ଭାରତ, ବୌଦ୍ଧ ଧର୍ମର ଜନ୍ମସ୍ଥଳ ଭାବେ, ମାନବୀୟ ମୂଲ୍ୟବୋଧ ଏବଂ ସାଂସ୍କୃତିକ ବହୁତ୍ୱକୁ ସମର୍ଥନ କରି ଆଞ୍ଚଳିକ ଶାନ୍ତି ପାଇଁ ଭୂମିକା ଗ୍ରହଣ କରିପାରେ। ତିବ୍ବତର ସ୍ୱର ଶୁଣାଯିବା ଦରକାର, କାରଣ ଏହା କେବଳ ତିବ୍ବତୀୟଙ୍କ ପାଇଁ ନୁହେଁ, ସମଗ୍ର ହିମାଳୟ ଅଞ୍ଚଳର ଶାନ୍ତି ଏବଂ ସ୍ଥିରତା ପାଇଁ ଜରୁରୀ।

# ସୁସ୍ଥ ଜୀବନର ଆଲୋକ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଆମେ ସମସ୍ତେ ସୁସ୍ଥ ଜୀବନ କାମନା କରୁ। ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ୍, ବଡ଼ିର ସୁନ୍ଦର ଅଙ୍ଗ ସୌଷ୍ଠବ ସହ ଚଳଚଞ୍ଚଳତା ଜଣକୁ ସ୍ୱାସ୍ଥ୍ୟବାନ ଭାବେ ପ୍ରମାଣିତ କରିଥାଏ। ଗତ ଅକ୍ଟୋବର ମାସରେ ବଡିବିଲଡ଼ିଂ କ୍ଷେତ୍ରରେ ଅସାଧାରଣ ପ୍ରତିଭା କୁହାଯାଉଥିବା କିମ୍ବଦନ୍ତୀ ବରେନ୍ଦର ସିଂହଙ୍କ ହୃଦଘାତ ଜନିତ ମୃତ୍ୟୁ ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀଙ୍କୁ ଦୁଃଖ ପହଞ୍ଚାଇଛି। ବରେନ୍ଦର ସିଂହ ଜଣେ ଫିଟନେସ୍ ଆଇକନ ଭାବେ ପ୍ରତିଷ୍ଠିତ ଓ ଅସାଧାରଣ କୃତୀତ୍ୱ ଭାବେ ବିଶେଷକରି ପେଷାଦାର ବଡ଼ି ବିଲଡିଂ କ୍ଷେତ୍ରରେ ସେ ଜଣେ ଶୀର୍ଷତମ ସ୍ୱୀକୃତି ପାଇଥିଲେ। ଅନେକ ପୃଥିବୀ ପ୍ରସିଦ୍ଧ ନାମୀ ଦାମୀ କମ୍ପାନୀର ସିଏ ବ୍ରାଣ୍ଡ ଆମ୍ବସଡ଼ର ଥିଲେ। ସୁତରାଂ ଘୁମନଙ୍କ ଦେହାବସାନ ପରେ ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ ଓ ବଡ଼ ବିଲଡିଂ ଭଳି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ ତୃଣମୂଳ ଆଲୋଚନା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକୁ ଘୋଟି ରହିଥିବା ବିଭ୍ରାନ୍ତି ଏବଂ ଭ୍ରାନ୍ତ ଧାରଣାକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ସୁନ୍ଦର ଅଙ୍ଗ ସୌଷ୍ଠବ ଆହରଣର ମାୟାରେ ସମ୍ମୋହିତ ଏକ ବିଶାଳ ବର୍ଗ ପାସୋରି ଯାଇଛନ୍ତି ଯେ ଏହା ସର୍ବଦା ଉତ୍ତମ ସ୍ୱାସ୍ଥ୍ୟ ବା ଫିଟନେସର ପରିଚାୟକ ହୋଇ ନଥାଏ।

ଉତ୍ତମ ସ୍ୱାସ୍ଥ୍ୟ ବୋଇଲେ ଏକ ନିରୋଗ ଜୀବନ, ଯାହା ଏକାଧିକ କାରଣରୁ ସମ୍ଭବ ହୋଇପାରେ, ଯେମିତି କି ଶୃଙ୍ଖଳିତ ଓ କର୍ମଠ ଜୀବନଯାପନ, ମାନସିକ ଚାପକୁ ସୀମିତ କରି ରଖିବାର ସାମର୍ଥ୍ୟ, ଜନ୍ମଗତ ଭାବେ ଆଦୃତ ଜେନେଟିକ ବା ଆନୁବଂଶିକ ଉପହାର ଇତ୍ୟାଦି। କିଛି ଲୋକ ହୁଏତ ସେମାନଙ୍କ ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟକଳାପରେ ଶରୀର ଚାଳନାକୁ ମହତ୍ୱ ଦେଇ ଅତିରିକ୍ତ ବ୍ୟାୟାମ ଲୋଡ଼ି ନଥାନ୍ତି, କିନ୍ତୁ ଯନ୍ତ୍ର ନିର୍ଭର ସାମ୍ପ୍ରତିକ ସମୟରେ ଅତ୍ୟନ୍ତ ନିଷ୍କ୍ରିୟ ଓ ସ୍ଥାଣୁ ଜୀବନଯାପନ କରୁଥିବା ଅଧିକାଂଶ ଲୋକଙ୍କ ଲାଗି ବ୍ୟାୟାମ ଅପରିହାର୍ଯ୍ୟ ଏ ନେଇ କୌଣସି ଦ୍ୱିମତ ନାହିଁ। ଏହି କାରଣରୁ ସମ୍ପ୍ରତି ଆମ ଦେଶରେ ଲକ୍ଷ ଲକ୍ଷ ଲୋକ ଜିମନାସିଅମ ବା ଜିମ୍‌ରେ ନିୟମିତ ବ୍ୟାୟାମରେ ବ୍ରତୀ ହୋଇ ଉତ୍ତମ ସ୍ୱାସ୍ଥ୍ୟର ଆଲୋକିତ ଇଲାକାରେ ପ୍ରବେଶ କରିବାକୁ ବ୍ୟଗ୍ର। ଏଭଳି ଚାହିଦାର ସୁଯୋଗ ନେଇ ଏକ ଅତ୍ୟନ୍ତ ବିଶାଳ ବ୍ୟବସାୟ ମଧ୍ୟ ସୃଷ୍ଟି ହେଲାଣି, ଯାହାର ଅତିକାୟତା କେବଳ ଏଥିରୁ ହୃଦବୋଧ କରି ହେବ ଯେ ୨୦୨୪ ମସିହାରେ ଆମ ଦେଶରେ ଫିଟନେସ ଉଦ୍ୟୋଗର ମୂଲ୍ୟ ଥିଲା ୧.୯୪ ବିଲିଅନ ଡଲାର (୧୬, ୨୦୦ କୋଟି ଟଙ୍କା), ଜିମ୍ ବ୍ୟାୟାମ ଉପକରଣ ଏବଂ ନ୍ୟୁଟ୍ରିସନ ଓ ସପ୍ଲିମେଣ୍ଟ (ପ୍ରୋଟିନ ପାଉଡର ବା କ୍ରିଏଟିନ ବା ଷ୍ଟେରୋଏଡ଼) ଇତ୍ୟାଦିର କାରବାର ମୂଲ୍ୟ ଥିଲା ଯଥାକ୍ରମେ ୪୯୦.୬୩ ମିଲିଅନ ନିୟୁତ, ୪.୮୮ ବିଲିଅନ ଏବଂ ୧.୭୯ ବିଲିଅନ ଡଲାର (ଡେଲଏଟ ଇଣ୍ଡିଆ ଫିଟନେସ ମାର୍କେଟର ରିପୋର୍ଟ-୨୦୨୫)। ଅନୁମାନ କରାଯାଉଛି ଯେ ଏହି ଉଦ୍ୟୋଗର ଆକାର ୨୦୩୦ ମସିହା ସୁଦ୍ଧା ୨ଗୁଣ ହୋଇଯାଇପାରେ।

ପ୍ରକୃତ କଥା ହେଲା ଯେ ଜଣେ ନିୟମିତ ଜିମ ଗମନକାରୀ ଓ ବ୍ୟାୟାମକାରୀଙ୍କ ପକ୍ଷରେ ଉତ୍ତମ ସ୍ୱାସ୍ଥ୍ୟ କି ଫିଟନେସ ଲାଭ କରିବା ନିର୍ଭର କରିବ ସେହି ବ୍ୟକ୍ତିଙ୍କ ଆଭିମୁଖ୍ୟ ଓ ଆଚରଣ ଉପରେ, ଅର୍ଥାତ୍ ତାଙ୍କ ଲକ୍ଷ୍ୟ କ'ଣ ଏବଂ ପ୍ରକୃତରେ ସେ କ'ଣ ହେବାକୁ ଉଦଗ୍ରୀବ, ତା' ଉପରେ। ଧରି ନିଆଯାଉ ମେଦବହୁଳତା ହ୍ରାସ କରିବା ଲାଗି ଜିମକୁ ଯାଇଥିବା ଜଣେ ଯୁବକ ତହିଁରେ ସଫଳ ହେବା ପରେ ନିଜ ଶରୀରକୁ ସେହିଭଳି ରଖିବାରେ ସନ୍ତୁଷ୍ଟ ନ ହୋଇ ସେହି ଜିମରେ ବିଚରଣ କରୁଥିବା ଅତି ମାନବୀୟ ଭାବେ ବପୁବନ୍ତ ମାନଙ୍କ ଦ୍ୱାରା ବିମୋହିତ ହୋଇ ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହିଁପାରେ। କିନ୍ତୁ ସେ ଭଳି ହୋଇପାରିବା ପଛରେ ଥିବା ଦୀର୍ଘକାଳୀନ ସଘନ ଶ୍ରମ ସକାଶେ ଧୈର୍ଯ୍ୟ ନ ଦେଖାଇ ଦ୍ରୁତ ସଫଳତା ନିମନ୍ତେ ଅର୍ବାଚୀନ ଓ ଅନେକ ସମୟରେ ଅଜ୍ଞ ଜିମ ପ୍ରଶିକ୍ଷଣଙ୍କ ପରାମର୍ଶ ଅନୁସାରେ ଶୃଙ୍ଖଳାହୀନ ଭାବେ ମାତ୍ରାଧିକ ମାଂସପେଶୀ ବର୍ଦ୍ଧକ ଷ୍ଟେରୋଏଡ଼ ବା ସପ୍ଲିମେଣ୍ଟ ଆଦି ସେବନ କରି ଶରୀର ସୂକ୍ଷ୍ମ ବ୍ୟବସ୍ଥାକୁ ଉଜାଡ଼ି ଦେଇପାରେ। ଏବଂ ବିଡ଼ମ୍ବନାଟି ହେଲା ଆଇନାରେ ସୁନ୍ଦର ଭାବେ ପ୍ରସ୍ଫୁଟିତ ଶରୀର ସୌଷ୍ଠବ ଦେଖି ସେ କିଭଳି ଫିଟ ତାହା ଭାବି ଆତ୍ମହରା ହେଉଥିବା ବେଳେ ତା ଶରୀରାଭ୍ୟନ୍ତରଟି ତା ଅଲକ୍ଷ୍ୟରେ ଭୁଶୁଡ଼ି ପଡ଼ିବା ଭଳି ସ୍ଥିତିକୁ ଆସିଯାଇଥାଇପାରେ। ଦୁର୍ଭାଗ୍ୟର ବିଷୟ ଯେ ସମ୍ପ୍ରତି ଅସଂଖ୍ୟ ଅସଚେତନ ଯୁବକଯୁବତୀଙ୍କ ଲାଗି ଏହା ହିଁ ଗଣମାଧ୍ୟମରେ ପ୍ରଭାବ ବିସ୍ତାରକାରୀ ଭାବେ ସେମାନେ ଭରପୁର। ଅବଶ୍ୟ, ପେସାଦାର ପୋଖତ ବଡ଼ି ବିଲଡରମାନେ ଷ୍ଟେରୋଏଡ଼ ଓ ସପ୍ଲିମେଣ୍ଟ ନିଅନ୍ତି କିନ୍ତୁ ପ୍ରାୟତଃ ଗବେଷଣାଲବ୍ଧ ଜ୍ଞାନ, ଶୃଙ୍ଖଳା ଓ ଚିକିତ୍ସାବିଜ୍ଞାନୀ ମାନଙ୍କ ଉପଦେଶର ଅନୁସରଣ କରନ୍ତି, ତଥାପି ମାତ୍ରାଧିକତା ହେତୁ ଅନେକ କିମ୍ବଦନ୍ତୀୟ ବଡ଼ି ବିଲଡ଼ର ଯୌବନରେ ଅକର୍ମଣ୍ୟ ହୋଇଯାଇଛନ୍ତି।

ହୃତପିଣ୍ଡର ଆକାର ବୃଦ୍ଧ ପାଇବା ଭଳି ସ୍ଥିତିକୁ ଡାକ୍ତରୀ ଭାଷାରେ କୁହାଯାଏ ଲେଫଟ ଭେଣ୍ଟ୍ରିକୁଲାର ହାଇପୋଟ୍ରୋଫି, ଯାହା ସମସ୍ତ ଖେଳାଳି, ସନ୍ତରଣକାରୀ ଓ ନିୟମିତ ବ୍ୟାୟାମକାରୀଙ୍କ ଠାରେ ଦେଖାଯାଇଥାଏ। ଏହାର କାରର ଦୌଡ଼ାଦୌଡ଼ି ଓ ବ୍ୟାୟାମ ଆଦି ହେତୁ ଅଧିକ ସଞ୍ଚାଳିତ ହେଉଥିବା ହୃତପିଣ୍ଡ ସ୍ୱୟଂ ଏକ ମାଂସପେଶୀ ହୋଇଥିବାରୁ ସ୍ୱାଭାବିକ ଭାବେ ସ୍ଫୀତ ହୋଇଯାଏ, ଯାହା କିଛି ଚିନ୍ତାର କାରଣ ହୋଇ ନଥାଏ। କିନ୍ତୁ ଯଦି ରୋଗ କିମ୍ବା ଔଷଧ ଇତ୍ୟାଦି ଭଳି କାରଣରୁ ଏଭଳି ସ୍ଥିତି ଉପୁଜେ, ତେବେ ତାହା ଉଦବେଗର କାରଣ ହୁଏ। ଡାଲାସ ମାକାର୍ଭରଙ୍କ ଭଳି ଅନେକ ସୁଖ୍ୟାତ ପେସାଦାର ବଡ଼ି ବିଲଡ଼ର ପ୍ରତିଦ୍ୱନ୍ଦ୍ୱିତାରେ ଜିତିବାର ଆଗ୍ରହାତିଶଯ୍ୟରେ ଆନାବୋଲିକ ଷ୍ଟେରୋଏଡ଼ର ମାତ୍ରାଧିକ ବ୍ୟବହାର କରି ମାଂସପେଶୀ ସ୍ଫୀତ କଲାବେଳକୁ ହୃତପିଣ୍ଡର ଆକାର ବୃଦ୍ଧି ପାଇବା ସହିତ ନମନୀୟତାରେ ହ୍ରାସ ଘଟି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥାଏ। କିନ୍ତୁ ଏହି କାରଣରୁ ଜିମ ବା ନିୟମିତ ବ୍ୟାୟାମ ସନ୍ଦେହର ପାତ୍ର ହେବା ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ ଯାହା ଦୋଷଦୁଷ୍ଟ ହେବାକୁ ଯୋଗ୍ୟ ତାହା ହେଲା ଅଜ୍ଞତା, ସାଧାରଣ ବୋଧର ଅଭାବ ଏବଂ ମାତ୍ରାତିରିକ୍ତତା। ଆମେ ସମସ୍ତେ ସୁସ୍ଥ ଓ ନିରୋଗ ଜୀବନ କାମ୍ୟ କରୁଥିବାବେଳେ ଶରୀର ନିମିତ୍ତ ମାତ୍ରାତିରିକ୍ତ ଆଗ୍ରହ ଓ ପଦକ୍ଷେପ ଅନ୍ତରାୟ ସୃଷ୍ଟି କରିଥାଏ। ଦୀର୍ଘାୟୁ ହେବା ପାଇଁ ଖାଦ୍ୟପେୟ ଶୃଙ୍ଖଳା, ବ୍ୟାୟାମ, ଆନନ୍ଦମୟ ଜୀବନ ଓ ଗୁରୁଙ୍କ ପ୍ରତି ସମର୍ପଣ। ଗୁରୁ।

**ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ଦୂରଭାଷ: ୯୪୩୭୦୫୧୯୫୭**

# ଟି-୨୦ ବିଶ୍ୱକପ୍: ରାଜନୀତି ଖେଳ ଭାବନାକୁ କଳୁଷିତ କରୁଛି

**ଅସିତ ମହାନ୍ତି**



୨୦୨୬ ଟି-୨୦ ବିଶ୍ୱକପ୍ ରୁ ବାଂଲାଦେଶର ବାଦ ପଡ଼ିବା ଏକ ଗଭୀର ରାଜନୈତିକ ନିଷ୍ପତ୍ତି, ଯାହା ଭାରତ-ବାଂଲାଦେଶ ସମ୍ପର୍କ, ସୁରକ୍ଷା ଚିନ୍ତା ଏବଂ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ଈଉଉଓ) ର ପ୍ରଭାବ ଦ୍ୱାରା ଆକାରିତ। ଯଦିଓ ଓଉଉ ଆନୁଷ୍ଠାନିକ ଭାବରେ ବାଂଲାଦେଶକୁ ସ୍କଟଲାଣ୍ଡ ସହିତ ବଦଳାଇ ଦେଇଛି, ସୁରକ୍ଷାର ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ବାଂଲାଦେଶ ଭାରତରେ ଖେଳିବାକୁ ମନା କରିବା ବିବାଦର ମୂଳ। ଏହା ପ୍ରଶ୍ନ ଉଠାଏ: ବାଦ ପଡ଼ିବା ଯଥାର୍ଥ ଥିଲା, ନା ଏହା ଖେଳକୁ ଛାଇ ରଖିଥିବା ରାଜନୀତିର ଏକ ଦୁର୍ଭାଗ୍ୟଜନକ ଉଦାହରଣ ଥିଲା?

ଦକ୍ଷିଣ ଏସିଆରେ କ୍ରିକେଟ୍ ଦୀର୍ଘ ସମୟ ଧରି ଏକ ଖେଳ ନୁହେଁ। ଏହା ଏକ ସାଂସ୍କୃତିକ ଶକ୍ତି, ଏକ ରାଜନୈତିକ ପ୍ରତୀକ ଏବଂ ପ୍ରାୟତଃ ଏକ କୂଟନୈତିକ ଉପକରଣ। ଟି-୨୦ ବିଶ୍ୱକପ୍ ରୁ ବାଂଲାଦେଶର ବାଦ ପଡ଼ିବା କେବଳ ସମୟ ନିର୍ଘଣ୍ଟ କିମ୍ବା ଲଜିଷ୍ଟିକ୍ସ ବିଷୟରେ ନୁହେଁ; ଏହା କ୍ରିକେଟ୍ ଶାସନ ଏବଂ ଜାତୀୟ ରାଜନୀତି ମଧ୍ୟରେ ଦୁର୍ବଳ ସନ୍ତୁଳନକୁ ପ୍ରତିଫଳିତ କରେ। କୋଲକାତା ନାଇଟ୍ ରାଇଡର୍ସ ଦଳରୁ ମୁସ୍ତାଫିଜୁର ରହମାନଙ୍କୁ ବାହାର କରିବା ସହିତ ସଙ୍କଟ ଆରମ୍ଭ ହୋଇଥିଲା, ଯାହା ଭାରତ ଏବଂ ବାଂଲାଦେଶ ମଧ୍ୟରେ ଖରାପ ହେଉଥିବା ସମ୍ପର୍କ ମଧ୍ୟରେ ଏକ ରାଜନୈତିକ ସଙ୍କେତ ଭାବରେ ବ୍ୟାଖ୍ୟା କରାଯାଇଥିଲା। ଫ୍ରାଞ୍ଚାଇଜ୍ ସ୍ତରୀୟ ବିବାଦ ଭାବରେ ଆରମ୍ଭ ହୋଇଥିବା ଘଟଣା ଶୀଘ୍ର ବାଂଲାଦେଶ କ୍ରିକେଟ୍ ବୋର୍ଡ (ଈଉଈ), ଓଉଉ ଏବଂ ଈଉଉଓ ମଧ୍ୟରେ ପୂର୍ଣ୍ଣାଙ୍ଗ ମୁହାଁମୁହିଁ ହୋଇଗଲା। କିଛି ସପ୍ତାହ ମଧ୍ୟରେ, ସୁରକ୍ଷା ଚିନ୍ତାର କାରଣ ଦର୍ଶାଇ ବାଂଲାଦେଶ ଭାରତରେ ଖେଳିବାକୁ ମନା କରିଦେଲା ଏବଂ ଓଉଉ ପାଖରେ ସ୍କଟଲାଣ୍ଡ ସହିତ ସେଗୁଡ଼ିକୁ ବଦଳାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା। ଗୋଟିଏ ଦୃଷ୍ଟିକୋଣରୁ, ଈଉଉଓର ମତ ବାସ୍ତବବାଦୀ ମନେହୁଏ। ଏକ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ସ୍ଥିରତା ଆବଶ୍ୟକ, ଏବଂ ଭାରତ, ଆୟୋଜକ ଭାବରେ, ଶେଷ ମୁହୂର୍ତ୍ତର ବାଧା ସହ୍ୟ କରିପାରିବ ନାହିଁ। ଈଉଉଓ ଦାବି କରିଥିଲା ଯେ ଏହା ବାଂଲାଦେଶକୁ ପୂର୍ଣ୍ଣ ସୁରକ୍ଷାର ଆଶ୍ୱାସନା ଦେଇଛି, କିନ୍ତୁ ଈଉଈ ଏହାର ମନାରେ ଅଟଳ ରହିଛି। ଏପରି ପରିସ୍ଥିତିରେ, ଓଉଉର ବାଂଲାଦେଶକୁ ବାଦ ଦେବାର ନିଷ୍ପତ୍ତି ଅନିବାର୍ଯ୍ୟ ଥିଲା। ଏକ ଟୁର୍ଣ୍ଣାମେଣ୍ଟ ଗୋଟିଏ ଦଳର ରାଜନୈତିକ ଅନୁମୋଦନ ପାଇଁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଅପେକ୍ଷା କରିପାରିବ ନାହିଁ, କିମ୍ବା ଗୋଟିଏ ଦେଶର ଦାବି ପୂରଣ କରିବା ପାଇଁ କାର୍ଯ୍ୟସୂଚୀକୁ ସମ୍ପୂର୍ଣ୍ଣ ଭାବରେ ପୁନର୍ଗଠିତ କରାଯାଇପାରିବ ନାହିଁ। ସବୁଠାରୁ ଶକ୍ତିଶାଳୀ କ୍ରିକେଟ୍ ବୋର୍ଡ ଭାବରେ ଈଉଉଓକୁ କୂଟନୈତିକ ସମ୍ବେଦନଶୀଳତା ଅପେକ୍ଷା ଇଭେଣ୍ଟର ଅଖଣ୍ଡତାକୁ ପ୍ରାଥମିକତା ଦେବାକୁ ପଡ଼ିଲା।

ତଥାପି, ଅନ୍ୟ ଦୃଷ୍ଟିକୋଣରୁ, ବାଦ ଦେବା ଅନ୍ୟାୟ ମନେହୁଏ। ବାଂଲାଦେଶ ଓଉଉର ଏକ ପୂର୍ଣ୍ଣାଙ୍ଗ ସଦସ୍ୟ, ଉତ୍ସାହୀ ସମର୍ଥକ ଏବଂ ବର୍ଦ୍ଧିତ କ୍ରିକେଟ୍ ପରିଚୟ ସହିତ ଏକ ଦଳ। ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ସେମାନଙ୍କୁ ଅଂଶଗ୍ରହଣରୁ ବଞ୍ଚିତ କରିବା ହେଉଛି ଖେଳାଳି ଏବଂ ପ୍ରଶଂସକଙ୍କ ନିୟନ୍ତ୍ରଣ ବାହାରେ ରାଜନୈତିକ ମତଭେଦ ପାଇଁ ଦଣ୍ଡିତ କରିବା। ଅଞ୍ଜୁମ ଚୋପ୍ରା ପରି ପୂର୍ବତନ କ୍ରିକେଟର ଠିକ୍ ଭାବରେ ପଚାରିଛନ୍ତି: ଖେଳାଳିମାନଙ୍କ ବିଷୟରେ କ'ଣ? ସେମାନେ ବର୍ଷ ବର୍ଷ ଧରି ତାଲିମ ନେଉଛନ୍ତି, ବିଶ୍ୱ ସ୍ତରରେ ନିଜ ଦେଶକୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଦେଖୁଛନ୍ତି, କେବଳ ରାଜନୈତିକ ଚାଲ ଦ୍ୱାରା ସେହି ସ୍ୱପ୍ନଗୁଡ଼ିକୁ ଭାଙ୍ଗି ଯାଉଥିବା ଦେଖିବାକୁ। ଏହି ବାଦ ପଡ଼ିବା ଏକ ଏକୀକରଣ ଶକ୍ତି ଭାବରେ କ୍ରିକେଟର ଆତ୍ମାକୁ ଦୁର୍ବଳ କରେ, ଏହାକୁ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାରେ ଏକ ମୁଦ୍ରାରେ ପରିଣତ କରେ। ବ୍ୟାପକ ପରିପ୍ରେକ୍ଷୀ ନିଷ୍ପତ୍ତିକୁ ଆହୁରି ଜଟିଳ କରିଥାଏ। ଭାରତରେ ଖେଳିବାକୁ ବାଂଲାଦେଶର ମନା କେବଳ କ୍ରିକେଟ ଲଜିଷ୍ଟିକ୍ସ ବିଷୟରେ ନଥିଲା; ଏହା ଘରେ ରାଜନୈତିକ ଅସ୍ଥିରତା ସହିତ ଜଡିତ ଥିଲା। ଶେଖ ହାସିନାଙ୍କ ବହିଷ୍କାର ଏବଂ ନୂଆଦିଲ୍ଲୀରେ ତାଙ୍କର ନିର୍ବାସନ ଏକ ଉତ୍ତେଜନାପୂର୍ଣ୍ଣ କୂଟନୈତିକ ପରିବେଶ ସୃଷ୍ଟି କରିଥିଲା। ବାଂଲାଦେଶ ପାଇଁ, ଭାରତରେ ଖେଳିବା କେବଳ ଖେଳ ନୁହେଁ, ଜାତୀୟ ମର୍ଯ୍ୟାଦାର ବିଷୟ ହୋଇଗଲା। ଶ୍ରୀଲଙ୍କାକୁ ମ୍ୟାଚ୍ ସ୍ଥାନାନ୍ତର କରିବା ପାଇଁ ବିସିବିର ଜିଦ୍ ଏହି ରାଜନୈତିକ ସମ୍ବେଦନଶୀଳତାକୁ ପ୍ରତିଫଳିତ କରିଥିଲା। କିନ୍ତୁ ବିସିସିଆଇର ଚାପରେ ଆଇସିସି ସୂଚୀ ପରିବର୍ତ୍ତନ କରିବାକୁ ମନା କରିଥିଲା। ଶେଷରେ, ବାଂଲାଦେଶର ବାଦ ପଡ଼ିବା କ୍ରିକେଟ ସମ୍ଭାବ୍ୟତା ବିଷୟରେ କମ୍ ଏବଂ ରାଜନୈତିକ ପ୍ରତୀକ ବିଷୟରେ ଅଧିକ ଥିଲା। ଏହି ଏପିସୋଡ୍ ଏହି ଅସ୍ୱସ୍ତିକର ସତ୍ୟକୁ ଉଜାଗର କରେ ଯେ ଦକ୍ଷିଣ ଏସିଆରେ କ୍ରିକେଟକୁ ରାଜନୀତିରୁ ପୃଥକ କରାଯାଇପାରିବ ନାହିଁ। ବିସିସିଆଇ, ଏହାର ବିଶାଳ ଆର୍ଥିକ ପ୍ରଭାବ ସହିତ, ପ୍ରାୟତଃ ବିଶ୍ୱ କ୍ରିକେଟରେ ନିୟମ ନିର୍ଣ୍ଣୟ କରେ। ଯଦିଓ ଭାରତର ସୁରକ୍ଷା ପ୍ରତିଶ୍ରୁତି ପ୍ରକୃତ ହୋଇପାରେ, ସ୍ଥାନ ଉପରେ ସାଲିସ କରିବାକୁ ମନା କରିବା ଦର୍ଶାଏ ଯେ କ୍ଷମତା ଗତିଶୀଳତା ନିଷ୍ପତ୍ତିକୁ କିପରି ଆକାର ଦିଏ। ବିସିସିଆଇର ଶକ୍ତି ସହିତ ସାମ୍ନା କଲେ ବାଂଲାଦେଶ ଭଳି ଛୋଟ ବୋର୍ଡଗୁଡ଼ିକର ବହୁତ କମ୍ ପ୍ରଭାବ ଥାଏ। ଯଦିଓ ଆଇସିସି, ନାମମାତ୍ର ସ୍ୱାଧୀନ, ପ୍ରାୟତଃ ଏହାର ସବୁଠାରୁ ପ୍ରଭାବଶାଳୀ ସଦସ୍ୟଙ୍କ ଇଚ୍ଛା ଆଗରେ ନଇଁ ପଡ଼େ। ତେଣୁ, ବାଂଲାଦେଶର ବାଦ କେବଳ ଏକ ଲଜିଷ୍ଟିକ୍ ଆବଶ୍ୟକତା ନୁହେଁ ବରଂ ବିଶ୍ୱ କ୍ରିକେଟରେ ଶକ୍ତିର ଅସନ୍ତୁଳନକୁ ମଧ୍ୟ ପ୍ରତିଫଳିତ କରେ। ବିସିସିଆଇର ନିଷ୍ପତ୍ତି କ'ଣ ଠିକ୍? ଉତ୍ତର ନିର୍ଭର କରେ ଯେ କିଏ ସଠିକତାକୁ କିପରି ପରିଭାଷିତ କରେ। ଯଦି ସଠିକତା ଅର୍ଥ ଟୁର୍ଣ୍ଣାମେଣ୍ଟର ସୁଗମ ପରିଚାଳନା ସୁନିଶ୍ଚିତ କରିବା, ତେବେ ହଁ, ନିଷ୍ପତ୍ତି ସଠିକ ଥିଲା। ବିଶ୍ୱକପ୍ ଗୋଟିଏ ଦେଶର ରାଜନୈତିକ ଦୃଷ୍ଟିକୋଣରେ ବନ୍ଧକ ହୋଇପାରିବ ନାହିଁ। କିନ୍ତୁ ଯଦି ସଠିକତାର ଅର୍ଥ କ୍ରିକେଟର ଆତ୍ମା, ଖେଳାଳିଙ୍କ ପ୍ରତି ନ୍ୟାୟ ଏବଂ ଅନ୍ତର୍ଭୁକ୍ତିକୁ ବଜାୟ ରଖିବା, ତେବେ ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ଥିଲା। ଏହା ରାଜନୈତିକ ବିବାଦ ପାଇଁ ଖେଳାଳିମାନଙ୍କୁ ଦଣ୍ଡିତ କରିଥିଲା, ପ୍ରଶଂସକମାନଙ୍କୁ ପାର୍ଶ୍ୱରେ ରଖିଥିଲା ଏବଂ ଏହି ଧାରଣାକୁ ଦୃଢ଼ କରିଥିଲା ଯେ କ୍ରିକେଟ ସାମୂହିକ ନ୍ୟାୟ ଦ୍ୱାରା ପରିଚାଳିତ ହେବା ପରିବର୍ତ୍ତେ କିଛି ଶକ୍ତିଶାଳୀ ବୋର୍ଡ ଦ୍ୱାରା ନିୟନ୍ତ୍ରିତ ହୁଏ। ବାଂଲାଦେଶର ବାଦ ପଡ଼ିବା ମଧ୍ୟ ଏକ ଚିନ୍ତାଜନକ ଉଦାହରଣ ସୃଷ୍ଟି କରିଛି। ଯଦି ରାଜନୈତିକ ମତଭେଦ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିପାରେ, ତେବେ କ୍ରିକେଟ୍ ସେତୁ ମଧ୍ୟରେ ସେତୁ ହେବା ପରିବର୍ତ୍ତେ କୂଟନୈତିକ ଉତ୍ତେଜନାର ଦର୍ପଣ ହେବାର ଆଶଙ୍କା ରହିଛି। ଏହି ଖେଳ ଐତିହାସିକ ଭାବରେ ଏକ ସ୍ଥାନ ଭାବରେ ବୃଦ୍ଧି ପାଇଛି ଯେଉଁଠାରେ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଗୁଡ଼ିକ ତୀବ୍ର ପ୍ରତିଯୋଗିତା କରନ୍ତି କିନ୍ତୁ ପାରସ୍ପରିକ ସମ୍ମାନ ବାଣ୍ଟନ୍ତି। ରାଜନୀତିକୁ ଅଂଶଗ୍ରହଣକୁ ନିର୍ଦ୍ଦେଶ ଦେଇ, ଓଉଉ ଏହି ପରମ୍ପରାକୁ ଦୁର୍ବଳ କରୁଛି। ବିଶ୍ୱକପ୍ ରୁ ବାଂଲାଦେଶର ଅନୁପସ୍ଥିତି କେବଳ ଏହାର ଖେଳାଳିମାନଙ୍କ ପାଇଁ ନୁହେଁ ବରଂ ବିଶ୍ୱ କ୍ରିକେଟ୍ ସମ୍ପ୍ରଦାୟ ପାଇଁ ଏକ କ୍ଷତି, ଯାହା ଏପରି ଟୁର୍ଣ୍ଣାମେଣ୍ଟଗୁଡ଼ିକୁ ଅର୍ଥପୂର୍ଣ୍ଣ କରୁଥିବା ବିବିଧତା ଏବଂ ପ୍ରତିଯୋଗିତାରୁ ବଞ୍ଚିତ। ଶେଷରେ, ଏହି ବିବାଦ କ୍ରିକେଟ୍ ର 'ରାଜନୀତି ବାହାରେ' ବୋଲି ଦାବିର ଭଙ୍ଗୁରତାକୁ ପ୍ରକାଶ କରେ। ବାସ୍ତବରେ, ଦକ୍ଷିଣ ଏସିଆରେ କ୍ରିକେଟ୍ ଜାତୀୟ ପରିଚୟ, କୂଟନୈତିକ ସମ୍ପର୍କ ଏବଂ ରାଜନୈତିକ ପ୍ରତୀକବାଦରୁ ଅବିଚ୍ଛେଦ୍ୟ। ଈଉଉଓର ନିଷ୍ପତ୍ତି ପ୍ରଶାସନିକ ଭାବରେ ଆବଶ୍ୟକ ହୋଇପାରେ, କିନ୍ତୁ ଏହା ନୈତିକ ଭାବରେ ଅସ୍ପଷ୍ଟ ଥିଲା। ଏହା ନୀତି ଉପରେ କ୍ଷମତା, ଅନ୍ତର୍ଭୁକ୍ତି ଉପରେ ଲଜିଷ୍ଟିକ୍ସ ଏବଂ ଖେଳ ଉପରେ ରାଜନୀତିର ପ୍ରାଧାନ୍ୟକୁ ପ୍ରତିଫଳିତ କରେ। ବାଂଲାଦେଶ ପାଇଁ, ବାଦ ଦେବା ଏହାର କ୍ରିକେଟ୍ ଗର୍ବ ପାଇଁ ଏକ ଆଘାତ। ଭାରତ ପାଇଁ, ଏହା କର୍ତ୍ତୃତ୍ୱର ପ୍ରଦର୍ଶନ। ଓଉଉ ପାଇଁ, ଏହା ଏହାର ସୀମିତ ସ୍ୱାୟତ୍ତତାର ସ୍ମରଣ କରାଏ। ଏବଂ ପ୍ରଶଂସକମାନଙ୍କ ପାଇଁ, ଏହା ଏକ ଗମ୍ଭୀର ଶିକ୍ଷା ଯେ କ୍ରିକେଟ୍, ଏହାର ସୌନ୍ଦର୍ଯ୍ୟ ସତ୍ତ୍ୱେ, ବିଶ୍ୱ ବିଭାଜନରୁ ମୁକ୍ତ ନୁହେଁ।



ପରିଶେଷରେ, ଟି୨୦ ବିଶ୍ୱକପ୍ ରୁ ବାଂଲାଦେଶର ବାଦ ଦେବା ସମ୍ପୂର୍ଣ୍ଣ ସଠିକ୍ କିମ୍ବା ସମ୍ପୂର୍ଣ୍ଣ ଭୁଲ ନୁହେଁ। ଏହା ଆବଶ୍ୟକତାରୁ ଜନ୍ମିତ, ରାଜନୀତି ଦ୍ୱାରା ଆକୃତିପ୍ରାପ୍ତ ଏବଂ ଅନ୍ୟାୟ ଦ୍ୱାରା ପ୍ରଭାବିତ ଏକ ନିଷ୍ପତ୍ତି। ଏହା ନିଶ୍ଚିତ କରେ ଯେ ଟୁର୍ଣ୍ଣାମେଣ୍ଟ ସୁରୁଖୁରୁରେ ଚାଲିବ, କିନ୍ତୁ ନିରପେକ୍ଷତା ଏବଂ ଏକତାର ମୂଲ୍ୟରେ। ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର ଶିକାର ହେବା ଅପେକ୍ଷା କ୍ରିକେଟ୍ ଭଲ ଯୋଗ୍ୟ। ଖେଳାଳିମାନେ ସେମାନଙ୍କ ନିୟନ୍ତ୍ରଣ ବାହାରେ ନିଷ୍ପତ୍ତି ଦ୍ୱାରା ଦୂରେଇ ରହିବା ଅପେକ୍ଷା ଭଲ ଯୋଗ୍ୟ। ଏବଂ ପ୍ରଶଂସକମାନେ ଭୂରାଜନୀତି ଦ୍ୱାରା ସେମାନଙ୍କର ଆଗ୍ରହ ହ୍ରାସ ପାଇବା ଅପେକ୍ଷା ଭଲ ଯୋଗ୍ୟ। ଆଶା ହେବା ଉଚିତ ଯେ ଭବିଷ୍ୟତର ଟୁର୍ଣ୍ଣାମେଣ୍ଟଗୁଡ଼ିକ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିବାର ଉପାୟ ଖୋଜିବ, କ୍ରିକେଟର ଭୂମିକାକୁ ଏକ ଖେଳ ଭାବରେ ପୁନଃନିର୍ଦ୍ଦିଷ୍ଟ କରିବ ଯାହା ବିଭାଜନ କରିବା ବଦଳରେ ଏକତା ପ୍ରଦାନ କରେ।

**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**

# ପ୍ଲାଟିନମ ଜୁବୁଲି ପାଳନ କରୁଛି ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ

**ଅବିରତ ପ୍ରଧାନ**



ସ୍କୁଲର ପ୍ରତିଷ୍ଠାତା ପବିତ୍ର ମୋହନ ପ୍ରଧାନଙ୍କ ୧୧୮ ତମ ଜନ୍ମବାର୍ଷିକୀ ରେ ପ୍ଲାଟିନମ୍ ଜୁବିଲି ଉତ୍ସବ ୮ ଫେବୃଆରୀ ୨୦୨୬ ରୁ ୧୦ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଓଡିଶାର ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପତି ଓ ମାନ୍ୟବର ଶିକ୍ଷା ମନ୍ତ୍ରୀ, ଭାରତ ସରକାର ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଗରିମାମୟ ଉପସ୍ଥିତିରେ ଆରମ୍ଭ ହେଇଛି ।

୨୦୦୨ ମସିହାରେ ପ୍ରାଥମିକ ବିଦ୍ୟାଳୟ କଣିହାଁ ରୁ ପଞ୍ଚମ ଶ୍ରେଣୀ ପରେ ପରେ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ରେ ଷଷ୍ଠ ଶ୍ରେଣୀ ପାଠ ପଢ଼ିବା ନିମନ୍ତେ ବିଭିନ୍ନ କାରଣ ନେଇ ମନରେ ଏକ ଆନନ୍ଦ ଥିଲା। ପ୍ରଥମ ଆନନ୍ଦ ଥିଲା କି ସାଇକେଲ ଚଢ଼ି ପାଠ ପଢ଼ି ଯିବାର ଅବସର ମିଳିବା

ଦ୍ୱିତୀୟତଃ ଛୋଟବେଳେ ଯେତେବେଳେ କୌଣସି ସ୍ୱାଧୀନତା ଦିବସ ହେଉ ଅବା ଗଣତନ୍ତ୍ର ଦିବସରେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷାକ ସଂହିତା ସହିତ ଡ୍ରମ ବଜେଇ ପ୍ରଜାମଣ୍ଡଳ ଗୃହକୁ ଆସନ୍ତି, ମୋ ମନରେ ବି ଆସେ କି ମୁ ମଧ କେବେ ନା କେବେ ଏମିତି ପୋଷାକ ସଂହିତା ସହିତ ଆସିବି। ଯେହେତୁ ବ୍ଲକ ମୁଖ୍ୟାଳୟରେ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ ,ଅନେକ ସମୟରେ ବିଜ୍ଞାନ ମେଳା , ଖେଳକୁଦ ପ୍ରତି ଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୁଏ ତେଣୁ ଉଚ୍ଚ ବିଦ୍ୟାଳୟ ର ଛାତ୍ର ହେଇଥିଲେ ଭଲ ହେଇଥାଆନ୍ତା ବୋଲି ଆଉ ମନରେ ଆସେ ।

ଆଉ ସେହି ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ରେ ଦୁଇବର୍ଷ ଛାତ୍ର ହେବାର ସୌଭାଗ୍ୟ ଜୀବନରେ ଆସିଲା।

ପାଠ ସହିତ ଶନିବାର ରେ ଡ୍ରିଲ, ବଗିଚା କାମ ଇତ୍ୟାଦି କେବେ କେବେ ମନେ ପଡିଲେ ଅତ୍ୟନ୍ତ ଆନନ୍ଦ ଅନୁଭବ ହୁଏ। ଖାସ କରି ବଗିଚା କାମ କାର୍ଯ୍ୟକଳାପ ସେହି ଦୁଇବର୍ଷ ଛଡା , ଅନ୍ୟ କେଉଁଠି ପାଠ ପଢିବା ସମୟରେ ଆଉକେବେ କରିବାର ସୁଯୋଗ ମିଳିନା ନାହିଁ।

ବର୍ଷା ଦିନରେ ସ୍କୁଲ ଆସିବା ସମୟରେ ଛାତ୍ରଛାତ୍ରୀ ଭିଜିଯିବା ପରେ ଛୁଟି ନିମନ୍ତେ ଦରଖାସ୍ତ ତଳେ ହସ୍ତାକ୍ଷର ପରେ ସ୍କୁଲ ଛୁଟି ହେବା ଷଷ୍ଠ ଶ୍ରେଣୀରେ ନୂଆଁ ନୂଆଁ ପଢ଼ିଲା ବେଳେ ଅତି ଆନନ୍ଦ ଲାଗେ ।

ବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଆଶିର୍ବାଦ ବିନା କୌଣସି ବ୍ଯକ୍ତିବିଶେଷ ଆଗକୁ ବଢ଼ିପାରିନାହିଁ, କାଳଜୟୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଙ୍କ ନାମରେ ନାମିତ ଉଚ୍ଚ ବିଦ୍ୟାଳୟରେ କିଛି ବର୍ଷ ଶିକ୍ଷାଗ୍ରହଣ କରିଥିବାରୁ , ମୁ ନିଜକୁ ସୌଭାଗ୍ୟଶାଳୀ ଓ ଗର୍ବ ଅନୁଭବ କରୁଛି ତତ୍ ସହିତ ଆମ ବିଦ୍ୟାଳୟ ଏକବିଂଶ ଶତାବ୍ଦୀର ୨୦୨୫ ମସିହାରେ ପ୍ଲାଟିନମ୍ ଜୁବୁଲି ପାଳନ କରିବା ସହିତ ସ୍ୱର୍ଗତ ଡ ଦେବେନ୍ଦ୍ର ପ୍ରଧାନଙ୍କ ସମେତେ ଅନେକ ବଡ ବଡ ପ୍ରତିଭାଙ୍କୁ ଗଢି , ବିଦ୍ୟାଳୟର ନାମକୁ ଆହୁରି ଗୌରବ ମଣ୍ଡିତ କରୁଛି।

**କଣିହା**
**ପୁରାତନ ଛାତ୍ର ୨୦୦୨-୨୦୦୩**



**ମୋଦି-ଅନୱ୍ୱର ସାକ୍ଷାତାଲୋଚନା**

# ମାଲେସିଆ ସହ ୬ ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ



କୁଆଲାଲମ୍ପୁର, ୮।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱ୍ୱର ଇବ୍ରାହିମଙ୍କ ଉପସ୍ଥିତିରେ ଭାରତ ଏବଂ ମାଲେସିଆ ମଧ୍ୟରେ ଛଅଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କୁଆଲାଲମ୍ପୁରରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ସମୟରେ, ଦୁଇ ଦେଶ ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୈତିକ ସହଯୋଗକୁ ଆହୁରି ଗଭୀର କରିବାକୁ ସହମତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୁଇ ଦିନିଆ ମାଲେସିଆ ଗସ୍ତରେ ଦୁଇ ନେତାଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଗସ୍ତ ଭାରତ-ମାଲେସିଆ ବ୍ୟାପକ ରଣନୈତିକ ସହଭାଗୀତାକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଥିଲା।

ଆଲୋଚନାରେ ବାଣିଜ୍ୟ, ନିବେଶ, ଅର୍ଦ୍ଧପରିବାହୀ, ପ୍ରତିରକ୍ଷା, ସୁରକ୍ଷା, ସାମୁଦ୍ରିକ ସହଯୋଗ, ଶକ୍ତି, ନବୀକରଣୀୟ ସମ୍ବଳ, ପର୍ଯ୍ୟଟନ, ସାଂସ୍କୃତିକ ବିନିମୟ, ଡିଜିଟାଲ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଦୁଇ ନେତା ପାରମ୍ପରିକ ଏବଂ ଉଦୀୟମାନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଏକ ସମାନ ଇଚ୍ଛା ପ୍ରକାଶ କରିଥିଲେ।

ଗସ୍ତ ସମୟରେ ସୁରକ୍ଷା ସହଯୋଗ, ଜାତିସଂଘ ଶାନ୍ତିରକ୍ଷା ମିଶନରେ ଅଂଶଗ୍ରହଣ, ଅର୍ଦ୍ଧପରିବାହୀ ବିକାଶ, ସ୍ୱାସ୍ଥ୍ୟ ଏବଂ ଔଷଧ, ବିପର୍ଯ୍ୟୟ ପରିଚାଳନା ଏବଂ ଦୁର୍ନୀତି ବିରୋଧୀ ସହଯୋଗ ସମେତ ଅନେକ ଦ୍ୱିପାକ୍ଷିକ ଚୁକ୍ତିନାମା ଏବଂ ବୁଝାମଣାପତ୍ର ଆଦାନପ୍ରଦାନ କରାଯାଇଥିଲା।

ମାଲେସିଆରେ କାର୍ଯ୍ୟରତ ଭାରତୀୟ ଶ୍ରମିକଙ୍କ ପାଇଁ ଅଡିଓ-ଭିଜୁଆଲ ସହ-ଉତ୍ପାଦନ, ବୃତ୍ତିଗତ ଶିକ୍ଷା ଏବଂ ସାମାଜିକ ସୁରକ୍ଷା ଉପରେ ମଧ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମାଗୁଡ଼ିକ ଦୁଇ ଦେଶ ମଧ୍ୟରେ ସାଂସ୍ଥାଗତ ଏବଂ ବ୍ୟବହାରିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି।

ପ୍ରଧାନମନ୍ତ୍ରୀ ମୋଦି ମାଲେସିଆ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଥିରୁଭଲ୍ଲୁଭର କେନ୍ଦ୍ର ପ୍ରତିଷ୍ଠା ଏବଂ ଥିରୁଭଲ୍ଲୁଭର ଛାତ୍ରବୃତ୍ତି ଆରମ୍ଭ କରିବାର ଘୋଷଣା କରିଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ପ୍ରାଚୀନ ତାମିଲ କବି ଏବଂ ଦାର୍ଶନିକ ଥିରୁଭଲ୍ଲୁଭରଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଭାରତ ଏବଂ ମାଲେସିଆ ମଧ୍ୟରେ ସାଂସ୍କୃତିକ ଏବଂ ଲୋକ ସମ୍ପର୍କକୁ ସୁଦୃଢ଼ କରିବା। ଏହା ବ୍ୟତୀତ, ଭାରତ ମାଲେସିଆରେ ଏହାର ପ୍ରଥମ କନସୁଲେଟ ଖୋଲିବାକୁ ନିଷ୍ପତ୍ତି ନେଇଛି, ଯାହା କୂଟନୈତିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ ଭାରତୀୟ ନାଗରିକମାନଙ୍କୁ ଉନ୍ନତ ସେବା ପ୍ରଦାନ କରିବ। ସ୍ୱାକ୍ଷରିତ ଚୁକ୍ତିନାମା ମଧ୍ୟରେ, ସାଇବରଜୟା ବିଶ୍ୱବିଦ୍ୟାଳୟ ଏବଂ ଆଇଟିଆରଏ ଜାମନଗର ମଧ୍ୟରେ ସହଯୋଗ ଉପରେ ଆଲୋକପାତ କରାଯାଇଥିଲା। ଏହି ସହଭାଗୀତା ଆୟୁର୍ବେଦ ଏବଂ ପାରମ୍ପରିକ ଔଷଧ କ୍ଷେତ୍ରରେ ଗବେଷଣା ଏବଂ ଶୈକ୍ଷିକ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବ।

**ଟ୍ରମ୍ପଙ୍କୁ ଚେତାଇଦେଲା ଇରାନ**

# ଆକ୍ରମଣ କଲେ ସାମରିକ ଘାଟିକୁ ଧ୍ୱଂସ କରିଦେବୁ

ତେହେରାନ, ୮।୨ : ଆମେରିକା ସହିତ ପୁଣି ଆଲୋଚନା କରିବାକୁ ପ୍ରସ୍ତୁତ ଇରାନ। ଜାତୀୟ ସୁରକ୍ଷା ସହ ଜଡିତ ପ୍ରସଙ୍ଗ ଉପରେ କୌଣସି ସାଲିସ କରିବ ନାହିଁ ତେହେରାନ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଚେତାବନୀ ଦେଇଛନ୍ତି ଯେ, ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ, ତେବେ ତେହେରାନ ଏହି ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଧ୍ୱଂସ କରିଦେବ। ଆବାସ ଆରାଘଚି କହିଛନ୍ତି ଯେ, ଶୁକ୍ରବାର ଓମାନର



ମସ୍କଟରେ ହୋଇଥିବା ଆଲୋଚନା ସମୟରେ ଇରାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇନାହିଁ। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରତିରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ। ଇରାନ ମତ ହେଉଛି ଯେ, ଆଲୋଚନାରେ ପରମାଣୁ ପ୍ରସଙ୍ଗ ବ୍ୟତୀତ ଅନ୍ୟ କୌଣସି ବିଷୟ ଅନ୍ତର୍ଭୁକ୍ତ ହେବ ନାହିଁ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆସନ୍ତା ସପ୍ତାହରେ ୱାଶିଂଟନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ନେତାନ୍ୟାହୁ ଏହି ବୈଠକରେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଏହାର ସହଯୋଗୀଙ୍କ ପ୍ରସଙ୍ଗ ଉଠାଇବେ। ଇରାନ ଇସ୍ରାଏଲର ଏହି ମତକୁ ସମାଲୋଚନା କରି କହିଛି ଯେ, ଗୋଟିଏ ପଟେ ଇସ୍ରାଏଲ ତା'ର ଅସ୍ତ୍ରଶସ୍ତ୍ର ଭଣ୍ଡାର ବୃଦ୍ଧି କରୁଛି ଏବଂ ଅନ୍ୟପଟେ ଏହି ଅଞ୍ଚଳର ଅନ୍ୟ ଦେଶଗୁଡ଼ିକୁ ନିରସ୍ତ୍ରୀକରଣ ପାଇଁ ଚାପ ପକାଉଛି।

ଇରାନ-ଆମେରିକା ଉତ୍ତେଜନା ମଧ୍ୟରେ, ଆମେରିକୀୟ ଅଧିକାରୀ ଷ୍ଟିଭ୍ ୱିଟକଫ ଏବଂ ଜାରେଡ୍ କୁଶନର ଆରବ ସାଗରରେ ନିୟୋଜିତ ୟୁଏସଏସ ଆବ୍ରାହମ ଲିଙ୍କନ ବିମାନ ବାହକ ପରିଦର୍ଶନ କରିଛନ୍ତି। ଆରାଘଚି କହିଛନ୍ତି ଯେ, ପରମାଣୁ କାର୍ଯ୍ୟକ୍ରମ

**ରୁଷୀୟ ଜେନେରାଲଙ୍କ ଉପରେ ହୋଇଥିଲା ଗୁଳିମାଡ଼**

## ଦୁବାଇରୁ ଆକ୍ରମଣକାରୀ ଗିରଫ

ମସ୍କୋ, ୮।୨: ରୁଷର ଜଣେ ମିଲିଟାରି ଜେନେରାଲଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୁକ୍ତକୁ ଗିରଫ କରାଯାଇଛି। ଆକ୍ରମଣକାରୀ ରୁଷର ନାଗରିକ ହୋଇଥିବା ବେଳେ ତାଙ୍କୁ ଦୁବାଇରୁ ଗିରଫ କରାଯାଇଛି। ରୁଷ ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଶୁକ୍ରବାର ମସ୍କୋର ଉତ୍ତର-ପଶ୍ଚିମରେ ଏକ ଆପାର୍ଟମେଣ୍ଟ କୋଠା ବାହାରେ ରୁଷ ସାମରିକ ଗୁପ୍ତଚର ସଂସ୍ଥା, ଜିଆରୟୁର ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଭ୍ଲାଦିମିର ଆଲେକ୍ସେଭଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରାଯାଇଥିଲା। ଆକ୍ରମଣରେ ୬୪ ବର୍ଷୀୟ ଆଲେକ୍ସେଭ ଗୁରୁତର ହୋଇଥିଲେ ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଲୁବୋମିର କୋର୍ବା, ଜଣେ ରୁଷ ନାଗରିକ। ତାଙ୍କୁ ଦୁବାଇରେ ଗିରଫ କରାଯାଇଛି ଏବଂ ପରେ ରୁଷକୁ ଅଣାଯାଇଛି। ଆକ୍ରମଣରେ ଅନ୍ୟ ଦୁଇଜଣ ବ୍ୟକ୍ତି ମଧ ସାମିଲ ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ମସ୍କୋରେ ଗିରଫ କରାଯାଇଛି, ଯେତେବେଳେ ଅନ୍ୟ ଜଣେ ୟୁକ୍ରେନକୁ ପଳାଇ ଯାଇଥିବା ଜଣାପଡ଼ିଛି। ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏହି ଗୁଳିକାଣ୍ଡକୁ ୟୁକ୍ରେନର ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି। ଏହି ଆକ୍ରମଣ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନାକୁ ବାଧା ଦେବା ପାଇଁ କରାଯାଇଛି। ତଥାପି, ୟୁକ୍ରେନ ଏପର୍ଯ୍ୟନ୍ତ ଏହି ଅଭିଯୋଗଗୁଡ଼ିକର କୌଣସି ପ୍ରତିକ୍ରିୟା ଦେଇନାହିଁ।

## ଜେଲରେ ବାଂଲାଦେଶର ହିନ୍ଦୁ ନେତାଙ୍କ ମୃତ୍ୟୁ



ଢାକା, ୮।୨ : ବାଂଲାଦେଶର ଅନ୍ୟତମ ହିନ୍ଦୁ ନେତା ଏବଂ ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ସେନ(୮୫)ଙ୍କ ଶନିବାର ଜେଲରେ ମୃତ୍ୟୁ ଘଟିଛି। ସେ ବାଂଲାଦେଶୀର ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ଏବଂ ପାଞ୍ଚ ଥର ସାଂସଦ ମଧ ଥିଲେ, ଯିଏକି ୨୦୨୪ ମସିହାରେ ତାଙ୍କର ଶେଷ ନିର୍ବାଚନରେ ବିଜୟୀ ମଧ ହୋଇଥିଲେ। ଜେଲ ଅଧିକାରୀଙ୍କ ଅନୁଯାୟୀ, ଶନିବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଦିନାଜପୁର ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ତାଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜେଲ ଅଧୀକ୍ଷକ ଫରହାଦ ସରକାର ନିଶ୍ଚିତ କରିଛନ୍ତି। ସେନ୍ ଅନେକ ରୋଗରେ ପୀଡିତ ଥିଲେ। ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର ସମୟରେ ପୂର୍ବତନ ମନ୍ତ୍ରୀ ଭାବରେ ତାଙ୍କୁ ଯେଉଁ ସମ୍ମାନ ମିଳିବା କଥା ତାହା ମିଳୁ ନଥିଲା। ତାଙ୍କ ବିରୁଦ୍ଧରେ ହତ୍ୟା ସମେତ ତିନୋଟି ଅଭିଯୋଗ ଆସିଥିଲା। ଏଥିସହ ଅଗଷ୍ଟ ୨୦୨୪ ରେ ସେନଙ୍କ ଗିରଫଦାରୀର ଖବର ସାମ୍ନାକୁ ଆସିଥିଲା। ତାଙ୍କ ହାତକୁ ଏକ ରଶିରେ ବନ୍ଧା ହୋଇଥିଲା ଏବଂ ତାଙ୍କୁ ପୁଲିସ ଷ୍ଟେସନକୁ ନିଆଯାଇଥିଲା। ବାଂଲାଦେଶୀମାନେ ସେନଙ୍କ ମୃତ୍ୟୁ ଖବର ଫେସବୁକରେ ସେୟାର କରି ଏହାକୁ 'ଜେଲରେ ହତ୍ୟା' ବୋଲି କହିଛନ୍ତି। ଢାକାସ୍ଥିତ କଣ୍ଟେଣ୍ଟ କ୍ରିଏଟର ପ୍ରଦୀପ କୁମାର ଚୌଧୁରୀ ଫେସବୁକରେ ଲେଖିଛନ୍ତି, 'ମୁଁ ଜାଣେ ତାଙ୍କ ବିଷୟରେ ବହୁତ ମିଛ ପ୍ରଚାର କରାଯିବ। ସେମାନେ କହିବେ ଯେ, ସେ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଛନ୍ତି, କିନ୍ତୁ ନା, ଏହା ଆଉ ଏକ ହତ୍ୟା।

## କାବୁଲରେ ଗ୍ୟାସ୍ ସିଲିଣ୍ଡରର ବିସ୍ଫୋରଣ: ୮ ମୃତ



କାବୁଲ ୮।୨: ଆଫଗାନିସ୍ତାନ ରାଜଧାନୀ କାବୁଲରେ ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ଯୋଗୁ ୮ ଜଣଙ୍କ ମୃତ୍ୟୁ ହୋଇଛି। ଗଭର୍ଣ୍ଣରଙ୍କ କାର୍ଯ୍ୟାଳୟ ରବିବାର ଏହି ସୂଚନା ଦେଇଛି। ଦୁର୍ଘଟଣା ପୁଲିସ ଡିଷ୍ଟ୍ରିକ୍ଟ ୨୧ରେ ହୋଇଛି। ପରିବାର ଶୀତରୁ ରକ୍ଷା ପାଇବା ପାଇଁ ଗ୍ୟାସ ହିଟର ଉପଯୋଗ କରୁଥିଲେ। ଗ୍ୟାସ ଲିକ୍ କାରଣରୁ ସିଲିଣ୍ଡରରେ ବିସ୍ଫୋରଣ ହୋଇଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡିଛି। ଆଫଗାନିସ୍ତାନରେ ଆଧୁନିକ ହିଟିଂ ଉପକରଣର ମିଳୁନାହିଁ। ଏଣୁ ଲୋକେ ଶୀତ ଋତୁରେ ଘରକୁ ଉଷୁମ କରିବାକୁ ଗ୍ୟାସ୍ ହିଟର ଅଥବା ଚୁଲିର ବ୍ୟବହାର କରୁଛନ୍ତି।

ଏହା ପୂର୍ବରୁ ଫେବୃଆରୀ ୫ ତାରିଖ ଦିନ ଖୋସ୍ତ ପ୍ରାନ୍ତରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁ ୩ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା। ପ୍ରାନ୍ତିୟ ପୁଲିସ ମୁଖପାତ୍ର ତାହିର ଏହରାର କହିଛନ୍ତି ଯେ, ଏହି ଦୁର୍ଘଟଣାରେ ଜଣେ ଲୋକ ଗୁରୁତର ଆହତ ହୋଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ଶୀତରୁ ରକ୍ଷା ପାଇବା ପାଇଁ ଗ୍ୟାସ ହିଟର ବ୍ୟବହାର କରୁଥିଲେ। ତେବେ ଟାଙ୍କିରେ ଲିକ୍ ଥିବା ସେମାନେ ଜାଣି ନଥିଲେ। କିଛି ସପ୍ତାହ ପୂର୍ବରୁ ନଙ୍ଗରହର ପ୍ରାନ୍ତ ସ୍ପିନଘର ଜିଲ୍ଲାରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବା ଯୋଗୁ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା ଓ ୨ ଜଣ ପିଲା ପୋଡିହୋଇ ଆହତ ହୋଇଥିଲେ। ଜିଲ୍ଲାରେ ଜାନୁୟାରୀ ୧୪ ତାରିଖ ଦିନ ଏକ ହୋଟେଲରେ ଗ୍ୟାସ୍ ଲିକ୍ ହେବା ଯୋଗୁ ୧୪ ଜଣ କର୍ମଚାରୀ ପୋଡି ହୋଇ ଆହତ ହୋଇଥିଲେ। ପୁଲିସ ଯାଞ୍ଚ ପରେ ଏହି ଘଟଣା ପାଇଁ ହୋଟେଲ କର୍ମଚାରୀଙ୍କୁ ଦୋଷୀ କରାଯାଇଥିଲା।

## ପୁଣି ତାକାଇଚୀ ଜାପାନ ପ୍ରଧାନମନ୍ତ୍ରୀ!



**ଏଗଜିଟ୍ ପୋଲ ରିପୋର୍ଟରେ ବହୁ ଆଗୁଆ**

**ଟୋକିଓ, ୮।୨:** ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚୀଙ୍କ ନେତୃତ୍ୱାଧୀନ କ୍ଷମତାସୀନ ମେଣ୍ଟ ସରକାର ନିମ୍ନ ସଦନ ନିର୍ବାଚନରେ ବିଜୟ ଆଡକୁ ଅଗ୍ରସର ହେଉଥିବା ଦେଖାଯାଉଛି। ଏଗଜିଟ୍ ପୋଲ ଅନୁସାରେ ତାକାଇଚୀଙ୍କ ଲିବରାଲ ଡେମୋକ୍ରାଟିକ ପାର୍ଟି ଓ ସହଯୋଗୀ ଜାପାନ ଇନୋଭେସନ ପାର୍ଟି ମିଳିତ ୪୬୫ରୁ ୩୬୦ ସିଟ୍ ଦଖଲ କରିପାରନ୍ତି। ଏହି ବିଜୟ ମେଣ୍ଟକୁ ସୁପର ମେଜରିଟି ଦେଇପାରେ। ୬୪ ବର୍ଷ ବୟସ୍କ ତାକାଇଚୀ ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ, ଯିଏ ଦ୍ୱିତୀୟବାର ସରକାର ଗଢ଼ିବାକୁ ଯାଉଛନ୍ତି। ଗତବର୍ଷ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କର କଠୋର ଛବି ଓ ସ୍ପଷ୍ଟ ବକ୍ତବ୍ୟ ପାଇଁ ସେ ବେଶ ଲୋକପ୍ରିୟତା ହାସଲ କରିଛନ୍ତି। ବଢୁଥିବା ଲୋକପ୍ରିୟତାର ଲାଭ ଉଠାଇବାକୁ ସେ ବିରଳ ଶୀତକାଳୀନ ନିର୍ବାଚନର ବାଜି ଖେଳିଥିଲେ, ଯାହା ଏବେ ସଫଳ ହେଉଥିବା ଦେଖା ଯାଉଛି। ବିଶ୍ଳେଷକଙ୍କ ଅନୁସାରେ ତାକାଇଚୀଙ୍କ ବିଜୟ ଜାପାନ ପ୍ରତିରକ୍ଷା ନୀତିକୁ ଦୃଢ଼ କରିବ। ତାକାଇଚୀ ପ୍ରତିରକ୍ଷା ବଜେଟ ବଢାଇବା, ଅସ୍ତ୍ରଶସ୍ତ୍ର ରପ୍ତାନୀ ଉପରେ ଥିବା କଟକଣା କୋହଳ କରିବା ଓ ଇମିଗ୍ରେସନ ନିୟମ କଡ଼ାକଡି କରିବାର ପକ୍ଷଧର ଅଟନ୍ତି। ତାକାଇଚୀଙ୍କ ଜାତୀୟତାବାଦୀ ନୀତି ଓ ତାଇୱାନ ପ୍ରସଙ୍ଗରେ ଦେଇଥିବା ବୟାନ ଚୀନ୍ ସମ୍ପର୍କକୁ ବିଗାଡିଛି, ତେବେ ଆମେରିକା ସହିତ ସମ୍ପର୍କ ମଜଭୁତ କରିବା ତାଙ୍କର ପ୍ରାଥମିକତା ରହିଛି।



## ବିଲରେ ପଡ଼ିଲା ଦୁର୍ଘଟଣାଗ୍ରସ୍ତ ବିମାନ, ୨ ଗୁରୁତର

ନୂଆଦିଲ୍ଲୀ: ଦୁର୍ଘଟଣାଗ୍ରସ୍ତ ହେଲା ଟ୍ରେନିଂ ବିମାନ। ଏଥିରେ ପାଇଲଟ ଏବଂ ତାଲିମ ନେଉଥିବା ପାଇଲଟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର କର୍ଣ୍ଣାଟକର ବିଜୟପୁରା ଜିଲ୍ଲାରେ ରେଡ୍ ବାର୍ଡ କମ୍ପାନିର ଏକ ପ୍ରାଇଭେଟ୍ ଜେଟ୍ ମାଙ୍ଗାଲୋର ଗାଁ ନିକଟରେ ଦୁର୍ଘଟଣା ହୋଇଛି। ଏଥିରେ ପାଇଲଟ୍ ଏବଂ ତାଲିମପ୍ରାପ୍ତ ପାଇଲଟ୍ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଇଛି। ପୁଲିସର କହିବା ଅନୁସାରେ, ତଦନ୍ତ ଚାଲିଛି ଏବଂ ତଦନ୍ତ ସମାପ୍ତ ହେବା ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, କାଲାବୁରାଗି ନିକଟରେ ବିମାନଟି ନିୟନ୍ତ୍ରଣ ହରାଇଥିଲା। ପାଇଲଟ୍ ବିମାନକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହା ମାଙ୍ଗାଲୋର ନିକଟସ୍ଥ ଏକ କ୍ଷେତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତଦନ୍ତରୁ ଜଣାପଡିଛି ଯେ, ଇନ୍ଧନ ଅଭାବ ଯୋଗୁ ଏହି ଦୁର୍ଘଟଣା ଘଟିଛି। ତଥାପି, ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବିବୃତ୍ତି ଦିଆଯାଇନାହିଁ।

## ଜୁନ ସୁଦ୍ଧା ଯୁଦ୍ଧ ସାରିବାକୁ ଟ୍ରମ୍ପଙ୍କ ଯୋଜନା



କିବ୍,୮।୨ : ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି, ଆମେରିକା ୟୁକ୍ରେନ ଓ ରୁଷକୁ ଯୁଦ୍ଧ ସମାପ୍ତ କରିବା ପାଇଁ ଜୁନ୍ ମାସର ନୂତନ ସମୟସୀମା ଦେଇଛି। ଜେଲେନସ୍କିଙ୍କ ଅନୁଯାୟୀ, ଆମେରିକା ପ୍ରଶାସନ ଚାହୁଁଛି ଯେ, ଗ୍ରୀଷ୍ମ ଋତୁ ଆରମ୍ଭ ହେବା ପୂର୍ବରୁ ରୁଷ-ୟୁକ୍ରେନ ଯୁଦ୍ଧ ଶେଷ ହେଉ। ସେ ଏହା ମଧ କହିଛନ୍ତି, ଆସନ୍ତା ସପ୍ତାହରେ ଦୁଇ ଦେଶକୁ ଆଉ ଏକ ପର୍ଯ୍ୟାୟ ଆଲୋଚନା ପାଇଁ ଡକାଯାଇଛି। ଜେଲେନସ୍କି ଗଣମାଧ୍ୟମକୁ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଜୁନ୍ ସୁଦ୍ଧା ଏକ ଶାନ୍ତି ଚୁକ୍ତିନାମାରେ ପହଞ୍ଚିବା ପାଇଁ ୟୁକ୍ରେନ ଓ ରୁଷ ଉଭୟଙ୍କୁ ଚାପ ପକାଇବେ। ଆମେରିକା ଚାହୁଁଛି ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ହେଉ। ଟ୍ରମ୍ପ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ସ୍ପଷ୍ଟ ସମୟସୀମା ଚାହାନ୍ତି। ଯଦି ଜୁନ୍ ସୁଦ୍ଧା କୌଣସି ଚୁକ୍ତିନାମାରେ ନପହଞ୍ଚା ଯାଏ, ତେବେ ଆମେରିକା ଉଭୟ ପକ୍ଷ ଉପରେ ଆହୁରି ଚାପ ପକାଇପାରେ ଜେଲେନସ୍କି ମନେ ପକାଇ ଦେଇଛନ୍ତି, ରାଷ୍ଟ୍ରପତି ହେବା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ କହିଥିଲେ, ସେ ୨୪ଘଣ୍ଟା ମଧ୍ୟରେ ଯୁଦ୍ଧ ସମାପ୍ତ କରିବେ। ପରେ ୟୁକ୍ରେନ ପାଇଁ ତାଙ୍କର ସ୍ୱତନ୍ତ୍ର ଦୂତ କିଥ୍ କେଲୋଗ୍ କହିଥିଲେ, ଟ୍ରମ୍ପଙ୍କ ଶପଥ ଗ୍ରହଣର ୧୦୦ ଦିନ ମଧ୍ୟରେ ଏକ ଚୁକ୍ତି ହୋଇପାରେ। ମାତ୍ର ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ପରବର୍ତ୍ତୀ ସମୟରେ ଆମେରିକା ଗତବର୍ଷ ଅଗଷ୍ଟରେ ଏକ ନୂତନ ସମୟସୀମା ସ୍ଥିର କରିଥିଲା, କିନ୍ତୁ ତାହା ମଧ କୌଣସି ଫଳାଫଳ ବିନା ଶେଷ ହୋଇଯାଇଥିଲା। ଡିସେମ୍ବରରେ, ଟ୍ରମ୍ପ ଦାବି କରିଥିଲେ, ଏକ ଶାନ୍ତି ଚୁକ୍ତିନାମା ପ୍ରାୟ ୯୫% ପ୍ରସ୍ତୁତ, ତଥାପି ଯୁଦ୍ଧ ଜାରି ରହିଛି।

## ବାଂଲାଦେଶକୁ ଭାଗବତଙ୍କ ଚେତାବନୀ



ନୂଆଦିଲ୍ଲୀ,୮।୨: ବାଂଲାଦେଶରେ ହିନ୍ଦୁଙ୍କ ବଢୁଥିବା ସମସ୍ୟା ନେଇ କଡ଼ା ପ୍ରତିକ୍ରିୟା ଦେଇଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ମୁଖ୍ୟ ମୋହନ ଭାଗବତ। ଯଦି ବାଂଲାଦେଶର ହିନ୍ଦୁ ଏକଜୁଟ ହୋଇ ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ନିଷ୍ପତ୍ତି ନେବେ ତାହାଲେ ସାରା ବିଶ୍ୱରେ ହିନ୍ଦୁମାନଙ୍କ ଠାରୁ ତାଙ୍କୁ ସମର୍ଥନ ମିଳିବ। ରବିବାର ମୁମ୍ବାଇର ଆରଏସଏସ୍ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ନିଜର ବକ୍ତବ୍ୟ ରଖିବା ବେଳେ ଏଭଳି କଡ଼ା ମେସେଜ୍ ଦେଇଛନ୍ତି ଆରଏସଏସ୍ ମୁଖ୍ୟ ମୋହନ ଭାଗବତ।

ମୋହନ ଭାଗବତ କହିଛନ୍ତି 'ବାଂଲାଦେଶରେ ପାଖାପାଖି ୧.୨୫ କୋଟି ହିନ୍ଦୁ ଜନସଂଖ୍ୟା ରହିଛି। ଯଦି ସେମାନେ ସେଠାରେ ରହି ଲଢ଼େଇ କରିବାକୁ ନିଷ୍ପତ୍ତି ନେବେ, ତେବେ ସାରା ବିଶ୍ୱରେ ଥିବା ହିନ୍ଦୁମାନେ ତାଙ୍କୁ ସହଯୋଗ କରିବେ।' ମୁମ୍ବାଇ ୱାର୍ଲିର ନେହେରୁ ସେଣ୍ଟରରେ ଆରଏସଏସ ଶତବାର୍ଷିକୀ ପାଳନ ପାଇଁ ଆୟୋଜିତ 'ସଂଘ ଯାତ୍ରାର ୧୦୦ ବର୍ଷ: ନୂଆ ଦିଗନ୍ତ' ଶୀର୍ଷକ ଦୁଇଦିନିଆ ବ୍ୟାଖ୍ୟାନମାଳା ଅବସରରେ ଏହା କହିଥିଲେ ଭାଗବତ। ଶେଖ ହସିନାଙ୍କ ସରକାରର ପତନ ପରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ଭିଡ଼ ହିଂସା ବଢ଼ିଯାଇଛି। ବିଶେଷକରି ଭାରତ ବିରୋଧୀ ବାଂଲାଦେଶୀ ଛାତ୍ର ନେତା ଉସମାନ ହାଦୀର ମୃତ୍ୟୁ ପରେ ସ୍ଥିତି ଆହୁରି ସାଂଘାତିକ ହୋଇଯାଇଛି। ଭାରତ ସରକାର ଏନେଇ ବାରମ୍ବାର ଢାକା ନିକଟରେ ଅଭିଯୋଗ ଉଠାଇଥିଲେ ମଧ ବାଂଲାଦେଶରେ ମୁସଲିମ ମୌଳବାଦୀଙ୍କର ଉତ୍ପାତ ଦିନକୁ ଦିନ ବଢ଼ି ଚାଲିଛି। ଏହି ଅଶାନ୍ତି ମଧ୍ୟରେ, ହିଂସାତ୍ମକ ବାଂଲା ଜନତା ଦେଶବ୍ୟାପୀ ହିନ୍ଦୁ ନାଗରିକଙ୍କୁ ଟାର୍ଗେଟ କରୁଛନ୍ତି। ଯେଉଁଥିରେ ବ୍ୟବସାୟୀ, ଶ୍ରମିକ ଏବଂ ଛାତ୍ରଙ୍କମାନେ ବି ଅଛନ୍ତି। ସେହିପରି ସଂଗଠନର ନେତୃତ୍ୱ ଓ ଜାତିଗତ ଭେଦଭାବ ନେଇ ମଧ ସେ କହିଛନ୍ତି ଯେକୌଣସି ଜାତିର ଯେକୌଣସି ବ୍ୟକ୍ତି ଆରଏସଏସ ମୁଖ୍ୟ ହୋଇପାରିବେ। ଏସସି-ଏସଟି କିମ୍ବା ବ୍ରାହ୍ମଣ ହେବା କୌଣସି ଯୋଗ୍ୟତା ନୁହେଁ। ଯଦିଓ ଆରଏଏସ ପ୍ରାରମ୍ଭରେ ବ୍ରାହ୍ମଣମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ତେବେ ଆମେ ସମସ୍ତ ଜାତି ପାଇଁ କାମ କରୁ।' ତେବେ ଆରଏସଏସର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି ଯେ, ସଂଘ କାହା ବିରୁଦ୍ଧରେ ନୁହେଁ। ଏହା କ୍ଷମତା ଚାହେଁ ନାହିଁ। ଏହାର ଉଦ୍ଦେଶ୍ୟ କେବଳ ସମାଜକୁ ଏକତ୍ର କରିବା।

**ଖରାଦିନେ ପାକିସ୍ତାନକୁ ମିଳିବନି ଟୋପାଏ ପାଣି**

# ଚେନାବ ନଦୀରେ ଭାରତର ବଡ଼ ପ୍ରକଳ୍ପ

**ଏନ୍ଏଚ୍ପିସି ୫୧୨୯ କୋଟିର ଟେଣ୍ଡର ଜାରି କରିଛି**

**ଚେନାବ ନଦୀରୁ ଆରମ୍ଭ ହେବ ବିଦ୍ୟୁତ ଉତ୍ପାଦନ**

**ପ୍ରକଳ୍ପ ନିର୍ମାଣ ୩୨୮୫ ଦିନରେ ସାରିବାକୁ ନିର୍ଦ୍ଦେଶ**

**ଆର୍ଥିକ ଏବଂ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ**



ଶ୍ରୀନଗର, ୮।୨ : ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତିକୁ ବାତିଲ କରିଛି ଭାରତ। ପହଲଗାମ ଆକ୍ରମଣ ପରେ ଆକ୍ସନ ନେଇଛନ୍ତି କେନ୍ଦ୍ର ସରକାର। ବନ୍ଦ କରିଦେଇଛନ୍ତି ସବୁ ପୁରୁଣା ଚୁକ୍ତି। ଫଳରେ ପାଣି ଟୋପାଏ ପାଇଁ ବିକଳ ହେଉଛି ଶତ୍ରୁ ଦେଶ। ଏବେ ପାକିସ୍ତାନର ଆତଙ୍କବାଦୀ ପ୍ରୀତି ଆହୁରି ମହଙ୍ଗା ପଡିବାକୁ ଯାଉଛି। ଭାରତ ସରକାର ଚେନାବ ନଦୀରେ ବଡ଼ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ କମ୍ପାନୀ ଏନଏଚପିସି ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ସାୱଲକୋଟ୍ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରକଳ୍ପ ନିର୍ମାଣ ପାଇଁ ଟେଣ୍ଡର ଜାରି କରିଛି।

ରିପୋର୍ଟ ଅନୁସାରେ, ଏନଏଚପିସି ୫୧୨୯ କୋଟି ଟଙ୍କାର ଟେଣ୍ଡର ଜାରି କରିଛି। ସମସ୍ତ ପ୍ରକଳ୍ପକୁ ଗୋଟିଏ ପର୍ଯ୍ୟାୟରେ ତିଆରି କରାଯିବ। ଏଥିରେ ଡାଇଭର୍ଜେଣ୍ଟ୍ ଟନେଲ ନିର୍ମାଣ, ଡ୍ୟାମ୍ ଆଦି ସାମିଲ ରହିଛି। ଡ୍ୟାମ୍ ସହ ଜଡିତ ରାସ୍ତା ନିର୍ମାଣ, ଦକ୍ଷିଣ ପାର୍ଶ୍ୱର ଶାଖାନଦୀର ବିକାଶ ଏବଂ ଏହା ସହ ଜଡିତ ସମସ୍ତ ସହାୟକ କାର୍ଯ୍ୟ ସମାନ ଟେଣ୍ଡରରେ ନିର୍ମାଣ ହେବ। ଗୋଟିଏ ଟେଣ୍ଡରରେ ହିଁ ସବୁ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାମ ସରିଲେ ଚେନାବ ନଦୀରୁ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହେବ। ଯାହା ସ୍ଥାନୀୟ ଅଞ୍ଚଳ ସମେତ ପଡୋଶୀ ରାଜ୍ୟର ବିଜୁଳି ନିଅଣ୍ଟ ପୂରା କରିପାରିବ।

ଆହୁରି ମଧ ଟେଣ୍ଡରରେ କୁହାଯାଇଛି ଯେ, ପ୍ରକଳ୍ପ କାମ ପାଇଁ ନିଲାମି ମାର୍ଚ୍ଚ ୧୨ ତାରିଖରୁ ଆରମ୍ଭ ହେବ। ଯାହା ମାର୍ଚ୍ଚ ୨୦ ଯାଏଁ ଚାଲିବ। ନିଲାମିର ବୈଧତା ୧୮୦ ଦିନ ରଖାଯାଇଛି। ସେହିପରି ପ୍ରକଳ୍ପ ନିର୍ମାଣ ୩୨୮୫ ଦିନରେ ସାରିବା ପାଇଁ ନିର୍ଦ୍ଦେଶ ରହିଛି। ସାୱଲକୋଟ୍ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରକଳ୍ପରୁ ୧୮୫୬ ମେଗାୱାଟର ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ରହିଛି। ଏହା ଜମ୍ମୁ କାଶ୍ମୀରର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବ। ଦେଶର ପାୱାର୍ ଗ୍ରୀଡକୁ ମଧ ମଜବୁତ କରିବ। ସିନ୍ଧୁ ନଦୀ ବିବାଦ ପରେ ଚେନାବ ନଦୀରେ ଭାରତର ସମ୍ଭାବ୍ୟ ପ୍ରକଳ୍ପକୁ ଆର୍ଥିକ ଏବଂ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବୋଲି କୁହାଯାଉଛି। ଏହି ପରିଯୋଜନା ଜଳ ଉତ୍ସକୁ ସଠିକ ଢଙ୍ଗରେ ବ୍ୟବହାର କରିବାରେ ସାହାଯ୍ୟ କରିବ। ଏହାସହ ପାକିସ୍ତାନକୁ ମଧ ବଡ଼ ଝଟକା ଦେବ।

# ଇଂଲଣ୍ଡଠାରୁ ୪ ରନରେ ହାରିଲା ନେପାଳ




**ମୁମ୍ବାଇ,୮।୨ :** ଟି-୨୦ ବିଶ୍ୱକପ୍ ୨୦୨୬ରେ ଆଜି ବଡ଼ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଛି। ଶେଷ ପର୍ଯ୍ୟନ୍ତ ଲଢ଼ି ହାରିଲା ନେପାଳ। କିନ୍ତୁ ସମସ୍ତ କ୍ରିକେଟ୍ ପ୍ରେମୀଙ୍କ ହୃଦୟ ଜିତି ନେଇଛି ଏହି ଅନଭିଜ୍ଞ ଦଳ। ଆଉ ମ୍ୟାଚକୁ ବହୁ କଷ୍ଟରେ ୪ ରନରେ ଜିତିବାରେ ସଫଳ ହୋଇଛି ଇଂଲଣ୍ଡ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୧୮୪ ରନ କରିଥିଲା। ଜବାବରେ ନେପାଳ କଡ଼ା ଟକ୍କର ଦେଇ ମ୍ୟାଚକୁ ଶେଷ ବଲ୍ ପର୍ଯ୍ୟନ୍ତ ନେଇ ୬ ବିକେଟ୍ ରାଇ ୧୮୦ ରନ କରି ପାରିଛି। ଦୀପେନ୍ଦ୍ର ସିଂ ୪୪ ରନ କରିଥିବା ବେଳେ ଲୋକେଶ ବନା ୩୯ ରନର ଦ୍ରୁତ ଇନିଂସ ଖେଳିଥିଲେ ମଧ ଦଳ ବିଜୟଠୁ ୪ ରନ ଦୂରରେ ରହିଯାଇଥିଲା। ଅଧିନାୟକ ରୋହିତ ପୌଡେଲ ୩୯ ରନ କରିଥିଲେ। ଶେଷ ଓଭରରେ ନେପାଳକୁ ଜିତିବା ପାଇଁ ଦରକାର ଥିଲା ୧୦ ରନ। କିନ୍ତୁ ସାମ କରନ ୨୦ ତମ ଓଭର ବୋଲିଂ କରି ଇଂଲଣ୍ଡକୁ ଲଜ୍ଜାଜନକ ପରାଜୟରୁ ବଞ୍ଚାଇଛନ୍ତି। ଆଉ ଚଳିତ ଟି-୨୦ ବିଶ୍ୱକପରେ ବଡ଼ ବିପର୍ଯ୍ୟୟରୁ ବର୍ଞ୍ଚିଯାଇଛି ଇଂଲଣ୍ଡ। ବ୍ୟାଟିଂରେ ଇଂଲଣ୍ଡ ପକ୍ଷରୁ ହ୍ୟାରି ବ୍ରୁକ ଓ ଜ୍ୟାବକ ବେଥେଲ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।

୧୮୫ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ନେପାଳର ଦୁଇ ଓପନର କୁଶଲ ଭୁରତେଲ ଓ ଆସିଫ ଶେଖ ୩୭ ରନ ଯୋଡ଼ିଥିଲେ। ଆସିଫ ୭ ରନ କରି ଆଉଟ୍ ହୋଇଥିଲେ। କୁଶଲ ଉପଯୋଗୀ ୨୯ ରନ କରିଥିଲେ। ଏହା ପରେ ଅଧିନାୟକ ରୋହିତ ପୌଡେଲ ଓ ଦୀପେନ୍ଦ୍ର ସିଂ ଏରି ଇନିଂସ ସମ୍ଭାଳିଥିଲେ। ଦୁହେଁ ଇଂଲଣ୍ଡ ବୋଲରଙ୍କ ଉଚିତ୍ ମୁକାବିଲା କରି ତୃତୀୟ ବିକେଟ୍ ପାଇଁ ୮୨ ରନ ଯୋଡ଼ିଥିଲେ। ତେବେ ଏହି ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ନେପାଳକୁ ବଡ଼ ଝଟକା ଦେଇଥିଲା। ପୌଡେଲ ୩୯ ରନ ଓ ଦୀପେନ୍ଦ୍ର ୪୪ ରନ କରି ପାଭିଲିୟନ ଫେରିଥିଲେ। ତଥାପି ହାର ମାନି ନ ଥିଲା ନେପାଳ। ପ୍ରତିଟି ରନ ପାଇଁ ଦୁଇ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା।



କିନ୍ତୁ ଶେଷ ପର୍ଯ୍ୟନ୍ତ ଲୋକେଶ ବାମ୍ କ୍ରିଜରେ ରହି ନେପାଳ ବିଜୟକୁ ଉଜ୍ଜିବୀତ ରଖିଥିଲେ। ହେଲେ ଇଂଲଣ୍ଡ ନିଜ ଅଭିଜ୍ଞତାର ଫାଇଦା ଉଠାଇ ମ୍ୟାଚକୁ ବହୁ କଷ୍ଟରେ ଜିତିବାରେ ସଫଳ ହୋଇଛି। ଶେଷ ଓଭରରେ ୧୦ ଦରକାର ଥିଲେ ହେଁ ନେପାଳ ୫ ରନ କରି ପାରିଥିଲା। ଶେଷ ପର୍ଯ୍ୟନ୍ତ ଲଢ଼ି ୪ ରନରେ ହାରିଛି ନେପାଳ।

## ପାକ୍ସ ସିଲିକାରେ ଯୋଗଦେବାକୁ ଭାରତକୁ ଆମନ୍ତ୍ରଣ

**ନୂଆଦିଲ୍ଲୀ/ୱାଶିଂଟନ,୮।୨:** ଭାରତ ସହିତ ରଣନୈତିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ଆମେରିକା ଏକ ପ୍ରମୁଖ ପଦକ୍ଷେପ ନେଇଛି। ଭାରତକୁ ପ୍ୟାକ୍ସ ସିଲିକା ପ୍ରୟାସରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ଆମେରିକା ନିମନ୍ତ୍ରଣ କରିଛି। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ସେମିକଣ୍ଡକ୍ଟର ଓ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ। ଭାରତର ଅଂଶଗ୍ରହଣ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଯଥେଷ୍ଟ ସୁରକ୍ଷିତ ତଥା ସମୃଦ୍ଧ କରିବ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ପରେ, ପାକ୍ସ ସିଲିକା ରୂପରେ ଏକ ନୂତନ ରଣନୈତିକ ସହଭାଗିତା ଉଭା ହୋଇଛି। ଆମେରିକାର ଅଧିକାରୀ ଜ୍ୟାକବ ହେଲବର୍ଗ ନିଶ୍ଚିତ କରିଛନ୍ତି, ଭାରତକୁ ଏହି ସ୍ୱତନ୍ତ୍ର ଗୋଷ୍ଠୀରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଭାରତ ସରକାର ଖୁବ୍ ଶୀଘ୍ର ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାରେ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର କରିବେ। ଯାହା ଦୁଇ ଦେଶ ମଧ୍ୟରେ ଆର୍ଥିକ ଓ ରଣନୈତିକ ସମ୍ପର୍କକୁ ବୃଦ୍ଧି କରିବ। ଡିସେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ପାକ୍ସ ସିଲିକା ମୁଖ୍ୟତଃ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣକୁ ସୁରକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର,ଏଆଇ ଭିତ୍ତିଭୂମି ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ଦୃଢ଼ ଏବଂ ସମୃଦ୍ଧ ନେଟୱାର୍କ ମଧ ନିର୍ମାଣ କରିଛି। ଏଥିରେ ଯୋଗଦାନ ଦ୍ୱାରା ଭାରତ ଭବିଷ୍ୟତର ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ସମ୍ବଳଗୁଡ଼ିକୁ ସହଜରେ ପାଇପାରିବ ବୋଲି ଆଶା କରାଯାଉଛି। ଭାରତ ଏବଂ ଆମେରିକା ଜାନୁଆରି ମାସରେ ଏହି ସହଭାଗୀତା ଉପରେ ସହମତ ହୋଇଥିଲେ। ମାଧ୍ୟମରେ, ଉଭୟ ଦେଶ ସେମାନଙ୍କର ଶକ୍ତିକୁ ଏକତ୍ର କରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା କରିପାରିବେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

## ସରକାରୀ ଓକିଲଙ୍କ ଫି' ବଢ଼ିଲା

**ନୂଆଦିଲ୍ଲୀ ୮।୨:** କେନ୍ଦ୍ର ସରକାର କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ସରକାରୀ ଓକିଲଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ଦେଇଛନ୍ତି। ପାଖାପାଖି ୧୧ ବର୍ଷ ପରେ କେନ୍ଦ୍ରୀୟ ଆଇନ ମନ୍ତ୍ରାଳୟ ସରକାରୀ ଓକିଲଙ୍କ ଫି ବୃଦ୍ଧି ନିମନ୍ତେ ପଦକ୍ଷେପ ନେଇଛି। ମୁଦ୍ରାସ୍ଫୀତି ଓ ଆଇନ ସେବାର ବ୍ୟୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସଂଶୋଧନ ଆବଶ୍ୟକ ଥିଲା। ଆଇନ ମନ୍ତ୍ରାଳୟ ଦ୍ୱାରା ୫ ଫେବୃଆରୀରେ ଜାରି ନୂଆ ଅଧିସୂଚନା ସରକାରୀ ଓକିଲଙ୍କ ମଧ୍ୟରେ ଖୁସିର ଲହର ଖେଳାଇ ଦେଇଛି। ସରକାରୀ ଓକିଲଙ୍କ ଫି ସଂରଚନା ଅନୁସାରେ ଗ୍ରୁପ 'ଏ' ଓକିଲଙ୍କୁ ଏବେ ନିୟମିତ ଅପିଲ ଓ ଡିଫେଣ୍ଡେଡ ପିଟିସନର ଚୂଡ଼ାନ୍ତ ଶୁଣାଣି ନିମନ୍ତେ ପ୍ରତି ମୋକଦ୍ଦମା ଦୈନିକ ୨୧,୬୦୦ ଟଙ୍କା ଦିଆଯିବ। ପୂର୍ବରୁ ଏହି ରାଶି ୧୩,୫୦୦ ଟଙ୍କା ଥିଲା। ଗ୍ରୁପ 'ବି' ଓ 'ସି' ଶ୍ରେଣୀର ଓକିଲଙ୍କ ଫି ୯୦୦୦ ଟଙ୍କାରୁ ବଢ଼ାଇ ପ୍ରତି ମୋକଦ୍ଦମା ପ୍ରତି ଦିନ ୧୪,୪୦୦ ଟଙ୍କା କରାଯାଇଛି। କେବଳ କୋର୍ଟ ଶୁଣାଣି ନୁହେଁ କେନ୍ଦ୍ରୀୟ ମନ୍ତ୍ରାଳୟ ସହିତ ଗୁରୁତ୍ୱପୂର୍ଣ୍ଣ ଆଇନ ପରାମର୍ଶ ବୈଠକ ଫି ମଧ ବୃଦ୍ଧି କରାଯାଇଛି। ଯଦି କୌଣସି ସରକାରୀ ଓକିଲ ମୁଖ୍ୟାଳୟରୁ ଦୂରରେ କୌଣସି ଅନ୍ୟ ସହରର କୋର୍ଟରେ ଶୁଣାଣି କରିବାକୁ ଯାଆନ୍ତି ଏଥି ପାଇଁ ତାଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା ଓ ପୈଠ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଓକିଲଙ୍କୁ ପ୍ରଶାସନିକ ଓ ପରାମର୍ଶ ସମ୍ପର୍କିତ କାର୍ଯ୍ୟ ନିମନ୍ତେ ଭଲ ପାରିତୋଷିକ ମିଳିବ।

● ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଯାପିତ

## ବ୍ୟକ୍ତିଗତ ବର୍ଗରେ ଦିଲ୍ଲୀପ ଓ ରୋଜାଲିନ୍ ଚାମ୍ପିଅନ




**କଟକ,୮।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୫୧ତମ ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଆଜି ଉଦଯାପିତ ହୋଇଛି। ଏଥିରେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଅବକାରୀ ସିପାହୀ ଦିଲିପ କୁମାର ସାମନ୍ତ ୧୦ ପଏଣ୍ଟ ପାଇ ପୁରୁଷ ବର୍ଗରେ ବ୍ୟକ୍ତିଗତ ଚାମ୍ପିଅନ୍ ହୋଇଥିବା ବେଳେ ଅବକାରୀ ଗୁଇନ୍ଦା ସଂସ୍ଥାର ଅବକାରୀ ସିପାହୀ ରୋଜାଲିନ୍ ବେହେରା ୧୦ ପଏଣ୍ଟ ସହ ମହିଳା ବର୍ଗରେ ବ୍ୟକ୍ତିଗତ ଚାମ୍ପିଅନ୍ ହେବାର ଗୌରବ ପାଇଛନ୍ତି। ଏହାଛଡ଼ା ମୟୂରଭଞ୍ଜ ଅବକାରୀ ଜିଲ୍ଲା ୩୧ ପଏଣ୍ଟ ପାଇ ରାଜ୍ୟସ୍ତରୀୟ ଚାମ୍ପିଅନ ହୋଇଥିବା ବେଳେ ନବରଙ୍ଗପୁର ଅବକାରୀ ଜିଲ୍ଲା ୨୦ ପଏଣ୍ଟ ପାଇ ରନର୍ସଅପ ହୋଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଏସବିସିଏଲର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀ, ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ଓ ଭାରତୀୟ କନିଷ୍ଠ ମହିଳା ଫୁଟବଲ ଦଳର କୋଚ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ ଓଏସ୍‌ବିସିଏଲ୍‌ର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ସିନ୍ଧୁଜାର ବାର୍ଷିକୋତ୍ସବ ଅନୁଷ୍ଠିତ

## ନାରୀ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ



**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ମହିଳା ଆଗକୁ ଆସିଲେ ସମାଜରେ ବ୍ୟାପକ ପରିବର୍ତ୍ତନ ହେବ। ନାରୀ ସଶକ୍ତ ହେଲେ ରାଜ୍ୟ ତଥା ଦେଶ ସମୃଦ୍ଧ ହୋଇପାରିବ ବୋଲି ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ଫିଚରଧର୍ମୀ ପତ୍ରିକା 'ସିନ୍ଧୁଜା'ର ୧୪ଶ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଆୟୋଜିତ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ତଥା ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡ. ଅରୁଣ ପଣ୍ଡା, ବରିଷ୍ଠ ଆଇପିଏସ୍ ଅମିତାଭ ଠାକୁର ଓ ଅଭିନେତ୍ରୀ ତଥା ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସମ୍ପାଦିକା ପିଙ୍କି ପ୍ରଧାନ ଯୋଗଦେଇଥିଲେ। ସୁଲେଖିକା, ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ମହିଳାମାନେ ଆଗକୁ ଆସିଲେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିବ। ଏଥିସହ ସମାଜରେ ଦେଖାଦେଉଥିବା ଘରୋଇ ହିଂସାର ବିଲୋପ ହେବ ଓ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଯୋଜନାଗୁଡ଼ିକର ସୁଫଳ ପାଇପାରିବେ।

ସେହିପରି ନାରୀ ଶିକ୍ଷା ଓ ସଚେତନତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣଙ୍କୁ ସିନ୍ଧୁଜା ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଛି। ସିନ୍ଧୁଜା ଗଳ୍ପ ସମ୍ମାନ ଡ. ଗଣେଶ୍ୱର ଜେନା, ସିନ୍ଧୁଜା କବିତା ସମ୍ମାନ ଅଖିଳ କୁମାର ମିଶ୍ର, ପ୍ରବନ୍ଧ ସମ୍ମାନ ରୂପାଲି ମହାରଣା, କର୍ପୋରେଟ ସମ୍ମାନ ସୁଧୀ ରଞ୍ଜନ ମିଶ୍ର ଓ ସିନ୍ଧୁଜା ସେବା ସମ୍ମାନ ସ୍ୱରୂପ ରାଜ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦେବଯାନୀ ଦାସଙ୍କୁ ପ୍ରଦାନ କରାଯାଇଛି। ସିନ୍ଧୁଜା ସମ୍ପାଦିକା ଶର୍ମିଳା ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଚାଳନା ନିର୍ଦ୍ଦେଶକ ମାଧବ ବେହୁରା ସ୍ୱାଗତ ଭାଷଣ ଦେଇଥିଲେ।

## ପୁଅକୁ ଛୁରୀ ଭୁଷି ହତ୍ୟା

● ପୁଲିସ୍‌କୁ ଦୋଷ ଦେଲେ ପରିବାର ଲୋକେ

**ଢେଙ୍କାନାଳ, ୮।୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା କମ୍ପୁଲେଇ ଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ପୁଅଙ୍କୁ ଛୁରୀ ଭୁଷି ହତ୍ୟା କରିଛି। ମୃତକଙ୍କ ନାଁ କ୍ଷୀରୋଦ ସାହୁ। ତାଙ୍କ ବାପା ତଥା ଅଭିଯୁକ୍ତଙ୍କ ନାଁ ବିଭୂତି ସାହୁ।

ଗତକାଲି କୌଣସି କାରଣକୁ ନେଇ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ବିଭୂତି ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିବା ସହ ପୁଅ କ୍ଷୀରୋଦଙ୍କୁ ମାରିବା ପାଇଁ ଇଟା ଓ ପଥର ଆଦି ଫୋପାଡ଼ିଥିଲେ। ଏ ନେଇ କ୍ଷୀରୋଦ କଙ୍କଡାହାଡ଼ ଥାନାରେ ଅଭିଯୋଗ କରିଥିଲେ । ମାତ୍ର ପୁଲିସ ଏହି ଅଭିଯୋଗକୁ ହାଲକା ଭାବେ ନେଇ କୌଣସି ତତ୍ପରତା ଦେଖାଇ ନଥିଲା। ଆଜି ବିଭୂତି ପୁଅ କ୍ଷୀରୋଦକୁ ଛୁରୀ ଭୁଷି ଦେଇଥିଲେ। ପରିବାର ଲୋକେ କ୍ଷୀରୋଦଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କ୍ଷୀରୋଦଙ୍କ ମୃତ୍ୟୁ ଖବର ପାଇ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଡାକ୍ତରଖାନାରେ ପହଞ୍ଚି ପଚରାଉଚରା କରିଥିଲେ। ପୁଲିସର ଅବହେଳା ଯୋଗୁ କ୍ଷୀରୋଦଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ତାଙ୍କ ମା' ଓ ଭାଇ। ପୁଲିସ ଯଦି ବିଭୂତିଙ୍କ ବିରୋଧରେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ନେଇଥା'ନ୍ତା, ତା'ହେଲେ ଏମିତି ଘଟି ନଥାଆନ୍ତା ବୋଲି ସେମାନେ କହିଛନ୍ତି।



### ସାମ୍ବାଦିକ - ସଚିବାଳୟ ସୁରକ୍ଷା ବାହିନୀ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ

## ମିଡିଆ ଏକାଦଶ ବିଜୟୀ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସ୍ଥିତ ସ୍ପେଶାଲ ସିକୁରିଟି ବାଟାଲିୟନ ପଡିଆରେ ୧୫ ଓଭର ବିଶିଷ୍ଟ ମ୍ୟାଚରେ ଟସ୍ ଜିତି ସଚିବାଳୟ ସୁରକ୍ଷା ବାହିନୀ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୧୦୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ମିଡ଼ିଆ ଏକାଦଶ ୧୨ ଓଭରରେ ୧୦୯ ରନ କରି ବିଜୟ ଲାଭ କରିଛି। ମିଡ଼ିଆ ଏକାଦଶ ତରଫରୁ ଶେଖ ଓ ପ୍ରଭାତଙ୍କ ସହାଭାଗିତା ମ୍ୟାଚକୁ ବିଜୟ ଲାଭ କରିଥିଲା। ପ୍ରଭାତ ୧୯ରନ ସହ ୨ ଉଇକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ ହୋଇଥିବା ବେଳେ ମିଡ଼ିଆ ଏକାଦଶ ଅଧିନାୟକ ଜଗଦୀଶ ୨୧ ରନ କରିଥିଲେ। ମିଡ଼ିଆ ଏକଦାଶ ତରଫରୁ ବିଭୁ ୩ଟି, ପିଣ୍ଟୁ ୨ଟି, ପ୍ରଭାତ ୨ଟି, ସାରଦା ୨ଟି ଓ ସୀମା ଗୋଟିଏ ଉଇକେଟ ହାସଲ କରିଥିଲେ। କର୍ମମୟ ଜୀବନ ମଧ୍ୟରୁ ସମୟ କାଢ଼ି ସାମ୍ବାଦିକ ଓ ସଚିବାଳୟ ସୁରକ୍ଷା ବାହିନୀ ଏକ ବନ୍ଧୁତ୍ୱପୂର୍ଣ୍ଣ ସମୟ ବିତାଇଥିଲେ। ଉଭୟ ଟିମର ସହଯୋଗରେ ଏଭଳି ମ୍ୟାଚ ଜାରି ରଖିବା ପାଇଁ ଉପସ୍ଥିତ ଅତିଥିମାନେ କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କିଏ...

ଯୋଗଦାନ କରିଥିଲେ। ତାଙ୍କୁ ସ୍ୱାଗତ କରି ସଭାପତି ଶ୍ରୀ ଦାସ କହିଥିଲେ ଯେ ବିଶ୍ୱଜିତ ବାବୁଙ୍କ ପିତା ବାରିଷ୍ଟର ରଣଜିତ୍ ମହାନ୍ତି ମୋର ଜଣେ ମାର୍ଗଦର୍ଶକ ଥିଲେ ଓ ମତେ ପୁତ୍ରବତ ସ୍ନେହ କରୁଥିଲେ। ବିଶ୍ୱଜିତ ବାବୁଙ୍କ କଂଗ୍ରେସରେ ଯୋଗଦାନ ଦଳକୁ ଅଧିକ କ୍ରିୟାଶୀଳ ଓ ସଶକ୍ତ କରିବ।

କଟକ ଏକ ବୈଚାରିକ ସହର, କଂଗ୍ରେସ ପ୍ରତି ଅନେକ ବିଚାରବନ୍ତ ମହାନୁଭବଙ୍କ ଦାନ ଅତୁଳନୀୟ। ତେଣୁ ଐତିହାସିକ ଏବଂ ମର୍ଯ୍ୟାଦା ଦୃଷ୍ଟିରୁ କଟକ କଂଗ୍ରେସ ପାଇଁ ମହତ୍ତ୍ୱପୂର୍ଣ୍ଣ। କଂଗ୍ରେସ ବର୍ତ୍ତମାନ ଆଗେଇ ଚାଲିଛି, ଅଧିକରୁ ଅଧିକ ଲୋକ ଦଳରେ ସାମିଲ ହେଉଛନ୍ତି। ସେହିପରି ଶ୍ରୀ ମହାନ୍ତି ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ଓ ସଭାପତି ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କଂଗ୍ରେସକୁ ସଶକ୍ତ କରି କ୍ଷମତାସୀନ କରିବା ଓ ବିଜେପିକୁ ତଡ଼ିବା ଆମ ଲକ୍ଷ୍ୟ ବୋଲି କହିଥିଲେ। ତେବେ କଟକ ସହର ଓ କଂଗ୍ରେସ ପାଇଁ ଆଗାମୀ ଦିନରେ ଶ୍ରୀ ମହାନ୍ତି ବଡ଼ ଭୂମିକା ତୁଲାଇବେ ବୋଲି କହି ଶ୍ରୀ ଦାସ କଟକ ନେତୃତ୍ୱ ନେଇ ଇସାରା ଦେଇଛନ୍ତି।

## ରାଜ୍ୟସଭାରେ...

ଜଣାପଡ଼ିଛି। ଏହା ପୁଣି ଥରେ ପ୍ରମାଣିତ କରିଛି ଯେ ବିଜେଡିର ରାଜନୈତିକ ଦୃଷ୍ଟିଭଙ୍ଗୀ ବିଜେପିଠାରୁ କଦାପି ଅଲଗା ନୁହେଁ। ଏକଥା ପୂର୍ବରୁ ଅନେକ ଥର ପ୍ରମାଣିତ ହୋଇଛି। ବିଜେପିକୁ କ୍ଷୁବ୍ଧ କରି ନବୀନ କଂଗ୍ରେସ ସହ ରାଜନୈତିକ ବୁଝାମଣା କରିବେ ନାହିଁ। ଯଦିଓ ୨୦୦୯ରେ ବିଜେପି ସହ ମେଣ୍ଟ ଭାଙ୍ଗିବା ସମୟରେ ନବୀନ ଉଭୟ କଂଗ୍ରେସ ଓ ବିଜେପିଠାରୁ ସମଦୂରତା ଅବଲମ୍ବନ କରିଥିବା ଘୋଷଣା କରିଥିଲେ। ହେଲେ ବିଭିନ୍ନ ଘଟଣା କ୍ରମରେ ନବୀନ ପ୍ରମାଣିତ କରିଛନ୍ତି ଯେ ବିଜେଡି କଂଗ୍ରେସଠାରୁ ଦୂରତା ରଖିଥିଲେ ବି ବିଜେପିକୁ ହାତଛଡ଼ା କରିବେ ନାହିଁ। ଜଣେ ପୋଖତ ସୁବିଧାବାଦୀ ନେତା ଭାବେ ସେ ସବୁ ସମୟରେ ନିଜର ରାଜନୈତିକ ଫାଇଦା ପାଇଁ ସୁବିଧା ମୁତାବକ ନୀତି ଅବଲମ୍ବନ କରିଥାନ୍ତି।

## ସଡ଼କ...

ବାଇକ ଯୋଗେ ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗ୍ରାମକୁ ବାଇକ ଯୋଗେ ଯାଉଥିଲେ। ହେଲେ ପଣ୍ଡରେନ ନିକଟରେ ବାଇକକୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର୍ ମାରିଥିଲା। ଏଥିରେ ଘଟଣାସ୍ଥଳରେ ଅଜା ଓ ନାତି ଏବଂ ଜ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଫୁଲମତୀଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଏକକାଳୀନ ଘଟିଥିବାରୁ ଏହା ସ୍ଥାନୀୟଙ୍କୁ ସ୍ତବ୍ଧ କରିଦେଇଛି। ତୁରେକେଲା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ସୁଙ୍କି-ଅମ୍ବାବାଲି ପଞ୍ଚାୟତ ବୋରିଗୁଡ଼ା ଛକ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକମାନେ ହେଲେ ପେଟୁରୁ ପଞ୍ଚାୟତ ପଡାଲଗୁଡ଼ା ଗ୍ରାମର ଅନିତା ସେଡ଼ା, ତାଙ୍କ ସ୍ୱାମୀ ସେଡା ଆପାନା ଓ ଗୁମୁଡୁପାଡୁ ଗ୍ରାମର ଚିନ୍ତା ଏକବ୍। ଆଜି ରାତିରେ ଅନିତା, ସ୍ୱାମୀ ସେଡା, ୨ ପିଲା ଦାନିୟାଲ ଏବଂ ଦିନାଙ୍କ ସହ ବାଇକ୍ (ନଂ.ଏପି୩୯-ଡିଏସ୍-୫୬୦୧) ଯୋଗେ ଆନ୍ଧ୍ର ପ୍ରଦେଶର ବାରିଗାଁରୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ.ଏପି୩୯-ସିୟୁ-୬୪୨୨) ସହ ଏହା ମୁହାଁମୁହିଁ ଭାବେ ଧକ୍କା ହୋଇଥିଲେ। ଏଥିରେ ଅନିତା ଓ ଚିନ୍ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନିତାଙ୍କ ସ୍ୱାମୀ, ତାଙ୍କ ୨ ପିଲା, ଅନ୍ୟ ବାଇକ୍‌ରେ ଥିବା ଅମ୍ବାବାଲି ପଞ୍ଚାୟତ ପୁଟାବନ୍ଧ ଗ୍ରାମର ମୁସୁରି ଇସାକ ଓ ଆଉ ୨ଜଣ ଗୁରୁତର ହୋଇଥିଲେ। ଖବର ପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକଙ୍କ ସହ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମେଡିକାଲରେ ପହଞ୍ଚିବା ପୂର୍ବରୁ ସେଡାଙ୍କ ମୃତ୍ୟୁ ହୋଇଥିଲା। ୪ ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅନ୍ୟ ଜଣଙ୍କ ପରିଚୟ ମିଳି ପାରିନାହିଁ।

## ଚୋର୍...

ରାଜଧାନୀରେ ଏଭଳି ଲୁଟ୍ ନୂଆ ନୁହେଁ। କିଛି ମାସ ତଳେ ବଡ଼ଗଡ଼ ଥାନା ଅଧୀନସ୍ଥ ବାଇପାସ ରୋଡ୍‌ରେ ଥିବା କେତେକ ମଣ୍ଡପରେ ସମାନ ଢଙ୍ଗରେ ଲୁଟପାଟ କରିଥିଲେ। ଲୁଟେରାଙ୍କ ମଧ୍ୟରେ କିଛି ମହିଳା ମଧ ଥିଲେ। ପରେ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା କମିଶନରେଟ ପୁଲିସ। ଏସବୁ ଘଟଣା ବାରମ୍ବାର ଘଟିବା ପରେ ନିଜେ ସଚେତନ ହେବାର ସମୟ ଆସିଛି। ମଣ୍ଡପ କର୍ତ୍ତୃପକ୍ଷ ମଧ ସୁରକ୍ଷାକର୍ମୀ ନ ରଖିଲେ ଆଗକୁ ଏପରି ଘଟଣାର ପୁନରାବୃତ୍ତି ହେବା ନିଶ୍ଚିତ ବୋଲି କହିଛନ୍ତି ରାଜଧାନୀ ବାସିନ୍ଦା୍ର

## ଏପ୍ରିଲରୁ...

ଅଢ଼େଇ ବର୍ଷ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରହିଥିବା ସ୍ପଷ୍ଟ କରିଛି ଏନଏଚଏଆଇ। ରିଙ୍ଗ ରୋଡ କାମ ସରିଲେ ଜାତୀୟ ରାଜପଥ ୧୬ ଉପରୁ ଚାପ କମିବ। ବିଶେଷକରି ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକର ମୁଖ୍ୟ ରାସ୍ତାରେ ଭିଡ଼ କମିବ। ୩ଟି ପ୍ୟାକେଜରେ କାମ ହେବାକୁ ଥିବା ବେଳେ ପ୍ରତି ପ୍ୟାକେଜ ପାଇଁ ୧୫ଟି ଲେଖାଏଁ ବିଡ୍ ଗ୍ରହଣ କରାଯାଇଛି। ଆଗାମୀ ଦେଢ଼ ମାସ ମଧ୍ୟରେ ଠିକା ସଂସ୍ଥା ଚୂଡ଼ାନ୍ତ ହେବ। ତେବେ ଏହା ଏକ ଆକ୍ସେସ କଣ୍ଟ୍ରୋଲ୍ ଗ୍ରିନ୍‌ଫିଲ୍ଡ ପ୍ରକଳ୍ପ, ଅର୍ଥାତ୍ ଯେଉଁଠି ସେଠି ଯାନବାହନ ପ୍ରବେଶ କରିପାରିବେ ନାହିଁ। ମୋଟ ୮ଟି ସ୍ଥାନରେ ନିର୍ଦ୍ଧାରିତ ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟ ରହିବ। ଏହାଦ୍ୱାରା ଅଯଥା ଭିଡ଼ ହେବ ନାହିଁ ଏବଂ ଯାତ୍ରୀମାନେ କମ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ। ଏପ୍ରିଲରୁ ଯଦି କାମ ଆରମ୍ଭ ହୁଏ, ତେବେ ଆଗାମୀ ଦୁଇରୁ ଅଢ଼େଇ ବର୍ଷ ମଧ୍ୟରେ କ୍ୟାପିଟାଲ ରିଜିଅନ୍‌ରେ ଯାତାୟାତ ଚିତ୍ର ସମ୍ପୂର୍ଣ୍ଣ ବଦଳିଯିବ।

## ୧୭୦...

ଓ କୃଷିର ବିକାଶ ଦିଗରେ ସମର୍ପିତ ହେବା ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ଅନୁଗୋଳ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପବିତ୍ରନଗର ଠାରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ଗରିମାମୟ ଉପସ୍ଥିତିରେ ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକ ତଥା ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜୟନ୍ତୀ ଅବସରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ପବିତ୍ର ନଗର ଠାରେ ଏହି ମହାନାୟକଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ଏବଂ 'ସ୍ମୃତିପୀଠ' ଉନ୍ମୋଚନ କରିଥିଲେ। ଏହାସହ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପିତ କରିଥିଲେ ରାଜ୍ୟପାଳ।

ଏଥିରେ ପ୍ରାୟ ୧୫୩ କୋଟି ଟଙ୍କାର ୨୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୬ କୋଟି ଟଙ୍କାର ୬ଟି ପ୍ରକଳ୍ପ ରହିଛି। ପବିତ୍ର ମୋହନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ପବିତ୍ରନଗର ଠାରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମୃତି ପୀଠ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଛି। ଖମାରଠାରେ ୧୧ କୋଟି ଟଙ୍କାର ସିଏଚସି ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପିଏଚସି କୋଠାର ଉଦଘାଟନ ହୋଇଛି। ପବିତ୍ରନଗର ଡିଗ୍ରୀ କଲେଜରେ ୩.୬୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏବଂ ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଗମନାଗମନ ସୁବିଧା ପାଇଁ ସମାକୋଇ ନଦୀ ଉପରେ ୩୦ କୋଟି ଟଙ୍କାରେ ହାଇଲେଭଲ ବ୍ରିଜ୍ ଏବଂ ୨୧.୮୭ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥ-୬ରୁ ଜମାରଡିହି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପାଲଲହଡ଼ାଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ପବିତ୍ରନଗରରେ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ପାଇଁ ମଧ ଶିଳାନ୍ୟାସ ହୋଇଛି। ସମସ୍ତ ବିକାଶମୂଳକ କାର୍ଯ୍ୟ ପାଇଁ କେନ୍ଦ୍ରମନ୍ତ୍ରୀ ମାନ୍ୟବର ରାଜ୍ୟପାଳଙ୍କୁ ଧନ୍ୟବାଦ ଜଣାଇବା ସହ ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ପାଲଲହଡ଼ା ବଧାୟକ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିକ୍ରମ...

ଭରସା ରହିଛି। ମହାପ୍ରଭୁ ଜଗନ୍ନାଥ ତାଙ୍କ ସହ ଅଛନ୍ତି ଓ ତାଙ୍କ କୃପାରୁ ସେ ଦିନେ ନା ଦିନେ ନିର୍ଦ୍ଦୋଷ ସାବ୍ୟସ୍ତ ହେବେ ବୋଲି ମଧ ଶ୍ରୀ ପଣ୍ଡା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆଇନଜୀବୀ ଶ୍ରୀ ପଣ୍ଡାଙ୍କ ହତ୍ୟା ମାମଲାରେ ମୋଟ ୧୪ ଜଣ ଗିରଫ ହୋଇଥିଲେ। ଗତ ବର୍ଷ କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଅଭିଯୁକ୍ତ କୁରୁପତି ଭୂୟାଁ ଓ ବିଷ୍ଣୁ ପ୍ରଧାନ ଏକ ବାଇକରେ ବୈକୁଣ୍ଠ ନଗର ଅଞ୍ଚଳକୁ ଯାଇ ତାଙ୍କୁ ଗୁଳିମାରି ହତ୍ୟା କରିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ପ୍ରଥମେ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ମୋଟ୍ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଦୁଇ ଜଣଙ୍କୁ ଛାଡ଼ି ଦିଆଯାଇଥିଲା।

## କଳା...

ସ୍ଥାନୀୟ ବାସିନ୍ଦା ରାସ୍ତାରେ ହମ୍ପସ ତିଆରି ଦାବିରେ ରାସ୍ତାରୋକ କରିଥିଲେ। ଆଉ ଏହି ସମୟରେ ଏକ ଏକ୍ସୟୁଭି ଯିବା ପାଇଁ ଚେଷ୍ଟା କରିବାରୁ ଉତ୍ତ୍ୟକ୍ତ ଲୋକେ ଗାଡ଼ି ଉପରକୁ ପଥର ମାଡ଼କରିବା ସହ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। କାରରେ ଥିବା କିଛି ଯୁବକଙ୍କୁ ନିର୍ଘୁମ ମାଡ଼ ମାରିଥିବା ଭିଡିଓ ବି ଭାଇରାଲ ହୋଇଛି । ତେବେ ସେ ଗାଡ଼ିରେ କିଏ କିଏ ଥିଲେ, ତାହା ପୁଲିସ ଏପର୍ଯ୍ୟନ୍ତ ସ୍ପଷ୍ଟ କରୁନଥିବାରୁ ସନ୍ଦେହ ବଢ଼ିଛି।

ନିଜେ ବିଧାୟକ ବରତୋଲ ଗାଁର କିଛି ଲୋକଙ୍କୁ ଡାକି ଆଲୋଚନା କରୁଥିବା ବେଳେ ତାଙ୍କ କଥାରୁ ଘଟଣା ଦିନ ତାଙ୍କ ପୁଅ ଥିବା ଏକ ପ୍ରକାର ସ୍ପଷ୍ଟ ହେଉଛି। ବିଧାୟକ କହିଛନ୍ତି ଯେଉଁ ଘଟଣା ଘଟିଛି ତାହା ପୂର୍ବ ଯୋଜନା ମୁତବାକ ନୁହେଁ। ହେଲେ ସେ ପୁଅକୁ ଏ ସମ୍ପର୍କରେ ପଚାରିଥିଲେ, କିନ୍ତୁ ପୁଅ ଗାଡ଼ି ସାଇଡ୍ କରି ଦେଇଥିବା କହିଥିଲା। ତାଙ୍କ ପୁଅକୁ ଆକ୍ରମଣ ହୋଇଥିବା ନେଇ ଯେଉଁ ପ୍ରଚାର ଚାଲିଛି, ତାହା ସମ୍ପୂର୍ଣ୍ଣ ମିଛ, ବରଂ ପୁଅର କିଛି ହୋଇନି ଓ ସେ ମୋ ସାଙ୍ଗରେ ବୁଲୁଛି ବୋଲି କହିଛନ୍ତି ବିଧାୟକ।

ଦୁଇ ତାରିଖର ଏ ଘଟଣା ପଛର ସତ କ'ଣ ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୁଲିସ ସୂଚନା ଅନୁସାରେ ଦୁର୍ଘଟଣା ମୃତ୍ୟୁଦିନ ଛତିଶଗଡ଼ ନମ୍ବର ଥିବା କଳା ରଙ୍ଗର କାର ଲୋକଙ୍କ ଭିଡ଼ରୁ ଯିବାକୁ ଉଦ୍ୟମ କରିଥିଲା। ଯାହାକୁ ନେଇ ଉତ୍ତ୍ୟକ୍ତ ଲୋକେ କ୍ଷୁବ୍ଧ ହୋଇ ହଠାତ୍ ଆକ୍ରମଣ କରିଥିଲେ। ପୁଲିସ ଉପସ୍ଥିତ ଥାଇ ବି ଅସହାୟ ହୋଇପଡିଥିଲା। ପରେ ୩ ତାରିଖରେ ଘଟଣାସ୍ଥଳରେ ଥିବା ଏଏସଆଇ ଚିନ୍ମୟ ରାହୁଲ ବରଗଡ଼ ଥାନାରେ ଏକ ଏତଲା କରିଥିଲେ। ଯାହାକୁ ଭିତ୍ତିକରି ବରତୋଲ ଗାଁର ୨୫ ଜଣ ଓ ୨୦ ଜଣ ଅଜଣା ଲୋକଙ୍କ ନାଁରେ ମାମଲା ରୁଜୁ ହୋଇଛି। ଅଥଚ କଳା କାର ଭିତରେ କେଉଁମାନେ ଥିଲେ, ଏପର୍ଯ୍ୟନ୍ତ ସେମାନଙ୍କ ନାଁ କି ପରିଚୟ ପୁଲିସ ଦେଉନଥିବାରୁ ଚର୍ଚ୍ଚା ବଢ଼ୁଛି। ତେଣେ ଉକ୍ତ ଘଟଣାକୁ ନେଇ ତେଜିଛି ରାଜନୀତି। ବିଜେଡି ଅଭିଯୋଗ କରିଛି ବିଧାୟକଙ୍କ ପୁଅ ଆଇନଶୃଙ୍ଖଳାକୁ ଭ୍ରୂକ୍ଷେପ ନକରି ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଅମାନବୀୟ କାଣ୍ଡ ଘଟାଇଛନ୍ତି। ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ତାଙ୍କୁ ବଦନାମ କରିବାକୁ ହୀନ ଉଦ୍ୟମ ହୋଇଛି।

## ଡବଲ୍...

ଗୃହ ସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ, ଗୃହ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା), ଛତିଶଗଡ଼ର ମୁଖ୍ୟ ସଚିବ, କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ (ସିଆର୍‌ପିଏଫ୍), ଜାତୀୟ ତଦନ୍ତ ବ୍ୟୁରୋ (ଏନ୍‌ଆଇଏ), ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍), ଭାରତ-ତିବ୍ବତ ସୀମା ପୋଲିସ୍ (ଆଇଟିବିପି)ର ମହାନିର୍ଦ୍ଦେଶକ, ଛତିଶଗଡ଼, ତେଲେଙ୍ଗାନା, ଝାଡ଼ଖଣ୍ଡ, ଓଡ଼ିଶା ଓ ମହାରାଷ୍ଟ୍ରର ଗୃହ ସଚିବ ଓ ପୁଲିସ ମହାନିର୍ଦ୍ଦେଶକ (ଡିଜିଏସ୍‌ପି) ଯୋଗ ଦେଇଥିଲେ। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କ ସୁରକ୍ଷା-କେନ୍ଦ୍ରିକ ରଣନୀତି, ଭିତ୍ତିଭୂମି, ନକ୍ସଲ ଆର୍ଥିକ ନେଟୱାର୍କ ଉପରେ ଆକ୍ରମଣ ଓ ଆତ୍ମସମର୍ପଣ ନୀତି ସକାରାତ୍ମକ ଫଳାଫଳ ଦେଇଛି। ଏହା ଆଗାମୀ ମାର୍ଚ୍ଚ ୩୧ ସୁଦ୍ଧା ସମଗ୍ର ଦେଶକୁ ନକ୍ସଲବାଦରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ କରାଯିବା ନେଇ ରହିଥିବା ସଂକଳ୍ପ ପୂରଣ ହେବା ଏକରକମ ସୁନିଶ୍ଚିତ। ଛତିଶଗଡ଼ ଏକଦା ନକ୍ସଲ ହିଂସାର ଗଡ଼ ଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଡବଲ ଇଞ୍ଜିନ ସରକାରରେ ଏହା ଏବେ ବିକାଶର ପ୍ରତୀକ ପାଲଟିଛି। ଛତିଶଗଡ଼ର ଯୁବପିଢ଼ି କ୍ରୀଡ଼ା, ଫରେନସିକ୍ ବିଜ୍ଞାନ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ସହ ସେମାନଙ୍କ ସଂସ୍କୃତି ଓ ପରମ୍ପରାକୁ ମଧ ସଂରକ୍ଷିତ କରୁଛନ୍ତି ବୋଲି ଶ୍ରୀ ଶାହ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଦେଶରୁ ନକ୍ସଲବାଦକୁ ସମ୍ପୂର୍ଣ୍ଣ ରୂପେ ମୂଳପୋଛ କରିବା ପାଇଁ ଡବଲ ଇଞ୍ଜିନ ସରକାର ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି। ମୋଦି ସରକାରରେ ଦେଶ ନକ୍ସଲବାଦ ସମାପ୍ତିର ଦ୍ୱାରଦେଶରେ ପହଞ୍ଚିସାରିଛି। ତେଣୁ ମାର୍ଚ୍ଚ ୩୧ ସୁଦ୍ଧା ଦେଶରେ ଗୋଟିଏ ବି ନକ୍ସଲ ନଥିବେ, ଏହା ନିଶ୍ଚିତ। ଦେଶ ଖୁବ୍ ଶୀଘ୍ର ନକ୍ସଲବାଦରୁ ମୁକ୍ତ ହେବ, ଯାହା ଅନେକ ପିଢ଼ିକୁ ଦାରିଦ୍ର୍ୟ ଓ ନିରକ୍ଷରତାର ଅନ୍ଧକାର ଭିତରକୁ ଠେଲିଦେଇଛି। ନକ୍ସଲମାନଙ୍କ ବିରୋଧରେ ଚାଲିଥିବା ଲଢ଼େଇକୁ ପ୍ରତିହତ କରାଯିବା ଅନୁଚିତ। ବରଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ଏଜେନ୍ସି ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ଶ୍ରୀ ଶାହ କହିଛନ୍ତି। ଏଥିସହ ଛତିଶଗଡ଼ ଉଭୟ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳ ଲୋକେ ବିକାଶ ପାଇଁ ସମାନ ସୁଯୋଗ ପାଇବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଭରସା ଦେଇଛନ୍ତି।

## ପିଓକେ, ଅକସାଇ ଚୀନ୍ ଭାରତର

**ୱାଶିଂଟନ, ୮।୨:** ଟାରିଫ୍ ଟେନସନ୍ ପରେ ଐତିହାସିକ ଟ୍ରେଡ୍ ଡିଲ୍। ଆଉ ତାପରେ ଟ୍ରମ୍ପ ପ୍ରଶାସନ ଜାରି କରିଛି ଭାରତର ଅଫିସିଆଲ୍ ମ୍ୟାପ୍। ଯେଉଁଥିରେ ସ୍ପଷ୍ଟ କରାଯାଇଛି ଯେ, କାଶ୍ମୀର, ପିଓକେ ଏବଂ ଅକସାଇ ଚୀନ୍ ଭାରତର। କାଶ୍ମୀରକୁ ଭାରତ ସବୁବେଳେ ନିଜର ଅଭିନ୍ନ ଅଙ୍ଗ ଭାବେ ଦର୍ଶାଇଛି। ତେବେ ପାକିସ୍ତାନ କାଶ୍ମୀରର କିଛି ଅଂଶକୁ ନିଜ କବଜାରେ ରଖିଛି। ପିଓକେ ନାଁରେ ଏହି ଅଂଶ ବି ଭାରତର ବୋଲି କହିଛି ୱାଶିଂଟନ୍। ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ, ପିଓକେ ପ୍ରସଙ୍ଗ ଦ୍ୱିପାକ୍ଷିକ ଏବଂ ଭାରତ-ପାକିସ୍ତାନ ମିଶି ଏହାର ସମାଧାନ କରିବା ଉଚିତ। ହେଲେ ଏବେ ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟରୁ ଜାରି ନୂଆ ମ୍ୟାପରେ ପିଓକେକୁ ଭାରତର ଅଂଶ ବୋଲି ଦର୍ଶାଯାଇଛି। କେବଳ ଏତିକି ନୁହେଁ, ଲଦାଖର ଅକସାଇ ଚୀନକୁ ବି ଭାରତର ଅଂଶ ବୋଲି କହିଛି ଆମେରିକା। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପାକିସ୍ତାନକୁ ଝଟକା ଦେଇଛି। ପାକିସ୍ତାନ ପାଇଁ ଏହା ଆମେରିକାର ଏକ ରାଜନୈତିକ ଓ କୂଟନୈତିକ ସନ୍ଦେଶ ବୋଲି କୁହାଯାଉଛି। ସାରା ବିଶ୍ୱ ସାମ୍ନାରେ ଭାରତର ନୂଆ ମ୍ୟାପ୍ ଜାରି କରି ସମସ୍ତଙ୍କୁ ଚକିତ କରିଦେଇଛି ଆମେରିକା। ବଡ଼ କଥା ହେଉଛି ଯେ, ମ୍ୟାପରେ ଅକସାଇ ଚୀନକୁ ମଧ ଭାରତର ଅଂଶ ବୋଲି ଦର୍ଶାଇଛି ଆମେରିକା। ଅକସାଇ ଚୀନକୁ ନେଇ ଭାରତ ଓ ଚୀନ ମଧ୍ୟରେ ବିବାଦ ଲାଗି ରହିଛି। ଅକସାଇ ଚୀନକୁ ଚାଇନା ନିଜର ବୋଲି ଦାବି କରି ଆସୁଛି। ୨୦୨୩ରେ ଚୀନ ପକ୍ଷରୁ ଜାରି କରାଯାଇଥିବା ମ୍ୟାପରେ ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତ ଏବଂ ଅକସାଇ ଚୀନକୁ ନିଜର ବୋଲି ଦର୍ଶାଯାଇଥିଲା। ସେତେବେଳେ ଭାରତ ଏହାର କଡ଼ା ବିରୋଧ କରି କହିଥିଲା। ଏବେ ଆମେରିକା ପକ୍ଷରୁ ମ୍ୟାପ ଜାରି ପରେ ଚୀନକୁ ବି ଲାଗିଛି ଶକ୍ତ ଝଟକା।

# ମଣ୍ଡିରେ ଧାନ କିଣା ବିଳମ୍ବ: ଚାଷୀଙ୍କ ଅସନ୍ତୋଷ ଚରମସୀମାରେ

**ଖୋଲା ଆକାଶ ତଳେ ପଡ଼ି ନଷ୍ଟ ହେଉଛି ଧାନ**

**କଟନି ଛଟନି ଅଭିଯୋଗ ନେଇ ଚାଷୀଙ୍କ ରୋଷ**




**ଯାଜପୁର,୮।୨ (ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁରେ ଧାନ କ୍ରୟ ବ୍ୟବସ୍ଥାକୁ ନେଇ ଯାଜପୁର ଜିଲ୍ଲାର ଚାଷୀମାନଙ୍କ ମନରେ ଅସନ୍ତୋଷ ଓ ଅନିଶ୍ଚିତତା ଦିନକୁ ଦିନ ବଢ଼ୁଛି। ମଣ୍ଡି ଖୋଲିବାରେ ପ୍ରଥମେ ବିଳମ୍ବ, ତା'ପରେ ନିୟମିତ ଧାନ କ୍ରୟ ନ ହେବା ଏହି ଦୁଇଟି ସମସ୍ୟା ଚାଷୀଙ୍କ ଚିନ୍ତାକୁ ଦୁଇଗୁଣ କରିଦେଇଛି। ନିଜର କଠିନ ପରିଶ୍ରମରେ ଉତ୍ପାଦିତ ଧାନ ବିକ୍ରି ହେବ କି ନାହିଁ, ସେଥିପାଇଁ ଏବେ ସେମାନେ ଗଭୀର ଅନିଶ୍ଚିତତାରେ ଅଛନ୍ତି।

ଦଶରଥପୁର ବ୍ଲକର ବିରିପଟା ଧାନ ମଣ୍ଡିରୁ ଆସୁଥିବା ଚିତ୍ର ବିଶେଷ ଚିନ୍ତାଜନକ। ମଣ୍ଡି ଔପଚାରିକ ଭାବେ ଖୋଲାଯାଇଥିଲେ ମଧ୍ୟ ନିୟମିତ ଧାନ କ୍ରୟ ହେଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଫଳରେ ସେମାନଙ୍କ ଧାନ ଖୋଲା ଆକାଶ ତଳେ ଶୀତ କାକର ଓ ଖରାରେ ପଡ଼ି ରହିଛି। ଦିନକୁ ଦିନ ଧାନର ଗୁଣମାନ ହ୍ରାସ ପାଉଥିବାରୁ ଚାଷୀମାନଙ୍କ ମନରେ ଆର୍ଥିକ କ୍ଷତିର ଭୟ ବଢ଼ୁଛି। ସ୍ଥାନୀୟ ଚାଷୀଙ୍କ କହିବା ଅନୁଯାୟୀ, "ମଣ୍ଡିକୁ ଧାନ ଆଣି ଦିନେଦିନେ ଅପେକ୍ଷା କରୁଛୁ, କିନ୍ତୁ ଗାଡ଼ି ଆସୁନାହିଁ। କେବେ କ୍ରୟ ହେବ ତାର କିଛି ସ୍ପଷ୍ଟତା ନାହିଁ।" ମଣ୍ଡି ପରିଚାଳନାରେ ନିଯୁକ୍ତ କର୍ମଚାରୀ ଓ ଅଧିକାରୀମାନେ ମଧ୍ୟ ସଠିକ୍ ତଥ୍ୟ ଦେଇପାରୁନାହାନ୍ତି ବୋଲି ଅଭିଯୋଗ ଆସୁଛି। ଏହା ସହ ଅଘୋଷିତ କଟନି-ଛଟନି ନେଇ ମଧ୍ୟ ଚାଷୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ନିୟମ ମାନି ଧାନ ଆଣିଥିଲେ ମଧ୍ୟ କାହିଁକି ଏପରି କେମିତି କରାଯାଉଛି, ସେଥିପାଇଁ ସେମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ଓ ମିଲରମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଇଛି ବୋଲି ଚାଷୀମାନଙ୍କ ମତ। ସବୁଠୁ ବଡ଼ ଚିନ୍ତାର ବିଷୟ ହେଉଛି ଅନେକ ଚାଷୀଙ୍କ ଟୋକନ ସମୟସୀମା ଶେଷ ହେବାକୁ ବସିଲାଣି। ସମୟ ମଧ୍ୟରେ ଧାନ କ୍ରୟ ନ ହେଲେ ସେମାନେ ସରକାରୀ ନ୍ୟୁନତମ ସମର୍ଥନ ମୂଲ୍ୟରେ ଧାନ ବିକ୍ରି କରିପାରିବେ କି ନାହିଁ ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଘୁରୁଛି।

ଚାଷୀମାନଙ୍କ ଦାବି ସ୍ପଷ୍ଟ ମଣ୍ଡିରେ ନିୟମିତ ଧାନ କ୍ରୟ ବ୍ୟବସ୍ଥା ତୁରନ୍ତ ଚାଲୁ କରାଯାଉ, ଧାନ ଉଠାଣ ପାଇଁ ଯଥେଷ୍ଟ ଗାଡ଼ି ବ୍ୟବସ୍ଥା ହେଉ, ଅଘୋଷିତ କଟନି-ଛଟନି ପ୍ରଥା ବନ୍ଦ କରାଯାଉ, ଟୋକନ ସମୟସୀମା ବୃଦ୍ଧି କରାଯାଉ। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ଯାଜପୁରରେ ତିବ୍ର ରୂପ ନେଇପାରେ ବୋଲି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି।

## ୧୬ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ



**ଫୁଲବାଣୀ,୮।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ତରଫରୁ ଅପରେସନ ନୀଳ ଜହର ଅଭିଯାନ ଜାରି ରହିଥିବା ବେଳେ ଫିରିଙ୍ଗିଆ ଥାନା ତରଫରୁ ମଧ୍ୟ ଦୁଇଦିନ ହେଲା ଲଗାତାର ଭାବରେ ବଣ ପାହାଡ଼ ଘେରା ଜଙ୍ଗଲ ମାନଙ୍କରେ ଚଢ଼ାଉ କରାଯାଇ ଗଛିତ ରଖାଯାଇଥିବା ପ୍ରାୟ ଷୋହଳ କୁଇଣ୍ଟାଲ ଗଞ୍ଜେଇକୁ ଜବତ କରାଯାଇଥିବା ସୂଚନା ମିଳିଛି। ତେବେ ଗତ ଦୁଇଦିନ ହେଲା ଥାନାରେ ନୂତନ ଭାବରେ ଯୋଗ ଦେଇଥିବା ଥାନା ଅଧିକାରୀ ମୁରଲିଧର ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ ଜାରି ରହିଥିବା ବେଳେ ପ୍ରଥମ ଦିନରେ କାଶିନୀପଦର ପଂଚାୟତ ମାଝିପଡ଼ା ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ାଉ କରି ୯ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପୁଣି ଏହି ଥାନା ଅଧୀନରେ ଥିବା ବନ୍ଧଗଡ଼ ଗାଁ ନିକଟରେ ଥିବା ଜଙ୍ଗଲରୁ ୭ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଫିରିଙ୍ଗିଆ ଥାନାରେ ୦୩/୨୦୨୬ ଓ ୨୯/୨୦୨୬ରେ ପୃଥକ ପୃଥକ ଦୁଇଟି ମାମଲାରୁଜୁ କରାଯାଇ ଜବତ ଗଞ୍ଜେଇକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ମୁରଲି ଧର ସାହୁ।

## ଅଗ୍ନିକାଣ୍ଡରେ କାଠ ଦୋକାନ ଭସ୍ମୀଭୂତ



**ମହାକାଳପଡ଼ା,୮।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ବାରଡାଙ୍ଗ ଗ୍ରାମରେ ରବିବାର ଏକ କାଠ ଦୋକାନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ଖୁଦିରାମ ଓଝାଙ୍କ ପୁଅ ଆଲୋଲ ଓଝା ଲୋନ୍ କରି ଏକ କାଠ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। କୌଣସି କାରଣରୁ ହଠାତ୍ ଦୋକାନଟିରେ ନିଆଁ ଲାଗି ଯାଇ ସମ୍ପୂର୍ଣ୍ଣ ଦୋକାନ ଜଳି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ଦୋକାନ ଭିତରେ ଥିବା ବହୁମୂଲ୍ୟ କାଠ ସାମଗ୍ରୀ, ଆସବାବପତ୍ର ସହିତ ନଗଦ ଟଙ୍କା ଓ ଦୋକାନର ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣା ପରେ ଆଲୋଲ ଓଝା ମାନସିକ ଭାବେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

## ଖବରକାଗଜ ବିତରକଙ୍କ ପରଲୋକ



**ସତ୍ୟବାଦୀ,୮।୨ (ସଂଚାର ବ୍ୟୁରୋ):** ସାକ୍ଷୀଗୋପାଳର ଜଣେ ଜଣାଶୁଣା ବହି ଦୋକାନି ସହିତ ବିଭିନ୍ନ ଖବରକାଗଜର ଏଜେଣ୍ଟ ତଥା ବିତରକ ଭାବେ ଦୁଃଖିଶ୍ୟାମ ସାହୁ ତଥା ଦୁଖିଆ ଭାଇ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ଭୁବନେଶ୍ୱରରୁ ଖବର କାଗଜ ଆଣି ସାକ୍ଷୀଗୋପାଳରୁ ବିଭିନ୍ନ ଗ୍ରାମରେ ବିତରଣ କରିଥିଲେ। ଶନିବାର ରାତିରେ ଘରେ ଶୋଇଥିବା ସମୟରେ ଦେହ ଖରାପ ହେବାରୁ ତାଙ୍କୁ ତାଙ୍କ ପରିବାର ପକ୍ଷରୁ ସାକ୍ଷୀଗୋପାଳ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ନଅଟା ସମୟରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ , ଧାର୍ମିକ ବ୍ୟକ୍ତି ଥିଲେ।ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ସାମ୍ବାଦିକ ମାନେ ଶୋକପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ବାଲିବୋଝେଇ ଟ୍ରାକ୍ଟରରୁ ଖସି ଯୁବକ ମୃତ

**ନୀଳଗିରି,୮।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ସୋନନଦୀ ଅବବାହିକା ପୁରୁଣାଗାଁ ଠାରେ ଦିବାରାତ୍ର ଚୋରାରେ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଥିବା ବେଳେ ନୀରବଦ୍ରଷ୍ଟା ସାଜିଛି ଖଣିବିଭାଗ। ପ୍ରଶାସନର ନିରବତା ଏବଂ ବାଲିମାଫିଆଙ୍କ ଲୋଭରେ ଶେଷରେ ଟ୍ରାକ୍ଟରଚକା ତଳେ ପଡି ଜଣେ ଯୁବକରମୃତ୍ୟୁ ହୋଇ ଯାଇଛି।ପ୍ରାପ୍ତସୂଚନା ଅନୁସାରେ ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତର ପୁରୁଣାଗାଁ ଗ୍ରାମର ସ୍ୱର୍ଗତ ସାଇବ ନାୟକଙ୍କ ପୁଅ ସଞ୍ଜୟ (୪୦) ରବିବାର ସକାଳ ପ୍ରାୟ ୮ଟା ସମୟରେ ଏକ ଟ୍ରାକ୍ଟର (ଓ.ଡି ୦୧ -ଏ ପି -୭୬୯୮) ରେ ସୋନନଦୀରୁ ବାଲି ଭର୍ତ୍ତିକରି ବାଲି ଘାଟ ଉପରକୁ ଉଠିଥିବା ବେଳେ ଡ୍ରାଇଭରର ବେପରୁଆ ଚାଳନା ଓ ଅଧିକ ଟ୍ରିପ୍ କରିବାର ନିଶା ଯୋଗୁଁ ସଞ୍ଜୟ ଉକ୍ତ ବାଲିବୋଝେଇ ଟ୍ରାକ୍ଟରରୁ ତଳକୁ ଖସିପଡ଼ିଥିଲେ। ଫଳରେ ସଞ୍ଜୟଙ୍କର ଟ୍ରାକ୍ଟର ତଳାରେ ମୁଣ୍ଡ ବାଜି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୀଳଗିରି ମେଡିକାଲକୁ ୧୦୮ଆମ୍ବୁଲାନ୍ସ ରେ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରାକ୍ଟରକୁ ଜବତ କରିଛନ୍ତି। ଥାନାରେ ଦୁର୍ଘଟଣା ଜନିତ ମାମଲା ରୁଜ୍ଜୁ କରାଯାଇଛି। ୬୧/୨୬ ଏକ ମାମଲା ରୁଜ୍ଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି।



# ସାଇକେଲ ଷ୍ଟାଣ୍ଡ ପାଇଁ ବଳିପଡ଼ିଲା ୧୦ରୁ ଉର୍ଦ୍ଧ୍ୱ ଗଛ

**ମହାକାଳପଡ଼ା,୮।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ ପରିସରରୁ ୧୦ରୁ ୧୨ଟି ମୂଲ୍ୟବାନ ଆକାଶି ଗଛକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କାଟି ଦେଇଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ପରିସରରୁ ମୂଲ୍ୟବାନ ଓ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା

**ଅନୁମତି ଦେଇଛି ତ ବନବିଭାଗ ?**

ଗଛଗୁଡ଼ିକୁ କଟାଯିବା ଘଟଣାକୁ ସ୍ଥାନୀୟ ଲୋକେ ଓ ଛାତ୍ରଛାତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ଏତେ ସଂଖ୍ୟାରେ ଗଛ କାଟିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବନବିଭାଗ ତରଫରୁ ଅନୁମତି ଆଣିଛନ୍ତି କି ନାହିଁ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସୂଚନା ନେବାରୁ ଜଣାପଡ଼ିଛି କି ଛାତ୍ରଛାତ୍ରୀମାନଙ୍କ ସାଇକେଲ ଷ୍ଟାଣ୍ଡ ପାଇଁ ୧୦ ଲକ୍ଷ ଟଙ୍କା ଆସିଛି। ସେହି ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ଏହି ମୂଲ୍ୟବାନ ଗଛଗୁଡିକୁ କାଟି ଦିଆଯାଇଛି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି। ହେଲେ ଏଠି ପ୍ରଶ୍ନ କୌଣସି ସୂଚନା ଫଳକ ବା ସରକାରୀ ଅନୁମତି ପ୍ରଦର୍ଶନ ନ କରି ଏହି ଗଛ କଟାଗଲା କିପରି ? ବନବିଭାଗ ତରଫରୁ ଗଛ କାଟିବା ପାଇଁ ଅନୁମତି ମିଳିଛି କି ? ରୋଚକ ପୂର୍ଣ୍ଣ କଥା ହେଉଛି କି ଗଛ କାଟିବା ସମୟରେ ବ୍ଲକ୍ ଜେଇ ମୁକ୍ତିକାନ୍ତ ସାହୁ ଓ ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ହେଲେ କଲେଜ ପରିସରରୁ ଏତେ ସଂଖ୍ୟକ ଗଛ କାଟିବା ଘଟଣାକୁ ପରିବେଶ ପ୍ରେମୀ ଓ ସଚେତନ ନାଗରିକମାନେ ନାପସନ୍ଦ କରିବା ସହିତ ଯଦି ବନବିଭାଗର ବିନା ଅନୁମତିରେ ଗଛ କଟା ଯାଇଥାଏ ତେବେ ଘଟଣାର ତଦନ୍ତ କରି ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ବିଧାୟକଙ୍କ ଦ୍ୱାରା ୨୦କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟର ମାରାଥନ୍ ଶିଳାନ୍ୟାସ



**ନିଶ୍ଚିନ୍ତକୋଇଲି,୮।୨ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଦ୍ୱାରା ବହୁ ପ୍ରକଳ୍ପର ମାରାଥନ୍ ଶିଳାନ୍ୟାସ ହୋଇଯାଇଛି। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ କେରିଲୋ ପଞ୍ଚାୟତ ଗ୍ରସ୍ତ କରି ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଯାଉଥିବା ବାହାରବର୍ଣ୍ଣ ଶାଖା କେନାଲ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ ପରେ ପରେ ତରତଶାସନ ପଞ୍ଚାୟତ ଗ୍ରସ୍ତକରି ଝାଡ଼େଶ୍ୱରପୁର ଓ କୋଇଲିରଙ୍ଗୀ ଶାଖା କେନାଲ ବନ୍ଧ ରାସ୍ତା ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ, ବେଣୀରାମପୁର ଶାଖା କେନାଲ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ, ଝାଡ଼େଶ୍ୱରପୁର ପଞ୍ଚାୟତ ଝାଡ଼େଶ୍ୱରପୁର ଶାଖା କେନାଲ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ, ଦାଉଦପୁର ପଞ୍ଚାୟତ ଜଗନ୍ନାଥପୁର ଶାଖା କେନାଲ ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ, ନଗସପୁର ପଞ୍ଚାୟତ ଗ୍ରସ୍ତ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନଗସପୁର ମେଡ଼ିକାଲ ଛକ ଠାରୁ ବିଲିପାଳଦା ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଯାଉଥିବା ପିଡ଼ବ୍ଲ୍ୟୁଡ଼ି ରାସ୍ତା ଠାରୁ ରାମେଶ୍ୱରପୁର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ବିଧାୟକ ଶ୍ରୀ ପ୍ରଧାନଙ୍କ ଦ୍ୱାରା ହୋଇଯାଇଛି। ସମସ୍ତ ପ୍ରକଳ୍ପର ମୂଲ୍ୟ ୨୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବୋଲି ଜଣାଯାଇଛି। ଶେଷରେ ଓରତି ଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବିଧାୟକ ଶ୍ରୀ ପ୍ରଧାନ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ମଲିକ, ପ୍ରାକ୍ତନ ବ୍ଲକ ଉପାଧକ୍ଷ ଅଶୋକ ଓଝା, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ରନାଥ ସାହୁ, ଅଶୋକ ସାହୁ, ମିହିର କୁମାର ମିଶ୍ର, ରବୀନ୍ଦ୍ରନାଥ ତ୍ରିପାଠୀ, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ପ୍ରଦୀପ୍ତ ପରିଡ଼ା, ଅନିଲ ଦଳାଇ, ପୁଷ୍ପଲତା ମଲିକ, ଦାଉଦପୁର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ବହୁ ଜନପ୍ରତିନିଧି ଏବଂ ବିଧାୟକଙ୍କ ସମର୍ଥକମାନେ ଉପସ୍ଥିତ ଥିଲେ।

## ଢେଙ୍କାନାଳ ସାଂସଦଙ୍କ ହିନ୍ଦୋଳ ଗ୍ରସ୍ତ



**ଢେଙ୍କାନାଳ,୮।୨ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା ଅନ୍ତର୍ଗତ ହିନ୍ଦୋଳ ବ୍ଲକରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ସଂସଦ ଅଧିବେଶନରୁ ଶନିବାର ଫେରିବା ସମୟରେ ସ୍ଥାନୀୟ ଜନସାଧାରଣଙ୍କ ନିକଟରୁ ଆପତ୍ତି ଅଭିଯୋଗ ଶୁଣି ତାହାର ସମାଧାନ କରିବାକୁ ପ୍ରତିଶୃତି ଦେଇଛନ୍ତି । ଏହି ଅବସରରେ ଗତ ପଞ୍ଚାୟତ ନିର୍ବାଚନରେ ହାତୁରା ଜୋନରେ ଦଳିୟ ପ୍ରାର୍ଥି ହୋଇଥିବା ନରେନ୍ଦ୍ର ଗଡନାୟକଙ୍କୁ ଭେଟି ତାଙ୍କର ପିତୃ ବିୟୋଗ ନିମନ୍ତେ ସମବେଦନା ଜଣାଇଥିଲେ।

## ଟାଟା ପାୱାରର ଅସାବଧାନତା: ଖୁଣ୍ଟରୁ ପଡ଼ି ଶ୍ରମିକ ଗୁରୁତର

**◆ ବେଫିକର ଠିକାଦାର ◆ କାର୍ଯ୍ୟସ୍ଥଳରେ ରହୁନାହାନ୍ତି ବିଭାଗୀୟ ଯନ୍ତ୍ରୀ**

**କେନ୍ଦ୍ରାପଡ଼ା,୮।୨ (ସଂଚାର ବ୍ୟୁରୋ):** ବିଦ୍ୟୁତ ସକ୍ ଲାଗି ଦୁଇ ଶ୍ରମିକ ଗୁରୁତର ହୋଇଛନ୍ତି। ଟାଟା ପାୱାରର ଖାମଖିଆଲି ମନୋଭାବ ପାଇଁ ବିଦ୍ୟୁତ ଖୁଣ୍ଟରୁ ଗଳି ପଡିଲେ ଦୁଇ ଶ୍ରମିକ।

ସୂଚନାନୁଯାୟୀ କେନ୍ଦ୍ରାପଡ଼ା ବ୍ଲକ ନିକଟରେ ବିଦ୍ୟୁତ ଖୁଂରେ ଚଢ଼ି କେବୁଲ କାମ ଚାଲୁଥିବା ସମୟରେ ହଠାତ କରେଣ୍ଟ ଚାର୍ଜ ହୋଇଯାଇଥିଲା। ଫଳରେ ଖୁଣ୍ଟ ଉପରେ ଚଢ଼ିଥିବା ଦୁଇ ଶ୍ରମିକଙ୍କୁ ସକ୍ ଲାଗିବାରୁ ସେମାନେ ତଳକୁ ଖସି ପଡିଥିଲେ । ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ କାମ ଚାଲୁଥିବା ସମୟରେ କିଭଳି ଏପରି କରେଣ୍ଟ ଚାର୍ଜ କରାଗଲା ଓ କାର୍ଯ୍ୟସ୍ଥଳରେ କୌଣସି ସେଫଟି ଷ୍ଟାଫଙ୍କ ଅନୁପସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ଟାଟା ପାୱାରର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଦୁର୍ଘଟଣା ଘଟିବା ପରେ ବିଭାଗୀୟ ଅଧିକାରୀଙ୍କୁ ସାଧାରଣ ଲୋକେ ଜଣାଇବା ପରେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସିନଥିଲେ। ଫଳରେ ଗୁରୁତର ଅବସ୍ଥାରେ ଦୁଇ ଶ୍ରମିକଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇଥିଲେ। ସେଠାରେ ଉପସ୍ଥିତ ଥିବା କିଛି କର୍ମଚାରୀ ମଧ୍ୟ ପଳାଇ ଯାଇଥିଲେ । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ଦାୟିତ୍ୱହୀନତା କର୍ମଚାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ଗୁରୁତର ଆହତ ହୋଇଥିବା ଦୁଇ କର୍ମଚାରୀଙ୍କ ସମସ୍ତ ଚିକିତ୍ସା ବହନ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ ।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



**ଖୋର୍ଦ୍ଧା,୮।୨ (ସଂଚାର ବ୍ୟୁରୋ):** ପୂର୍ବରୁ ଉପା ସରକାର ଗରିବଙ୍କୁ କର୍ମ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିଥିଲେ। ଏହି ଯୋଜନାରେ ଶ୍ରମିକମାନେ ନିଜ ଅଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ନିଶ୍ଚିତ ଭାବରେ ପାଇବାର ପ୍ରାବଧାନ ରହିଥିଲା । ସରକାର ଯଦି ଶ୍ରମିକଙ୍କୁ କାମ ମାଗିବାର ୧୫ ଦିନ ଭିତରେ କାମ ଯୋଗାଇ ନଦେବେ ତେବେ ସେମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ନିୟମ ରହିଥିଲା। ଏଥିରେ ଶ୍ରମିକମାନେ ଉପକୃତ ହୋଇଆସୁଥିଲେ କିନ୍ତୁ ବିଜେପି ସରକାର ଏହି ଯୋଜନାକୁ ପରିବର୍ତ୍ତନ କରି ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭିବିଗ୍ରାମଜୀ ବିଲ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଞ୍ଚିତ କରିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ ଦାବିରେ ସରକାରଙ୍କ ନିକଟରେ ବିକ୍ଷୋଭ, ପ୍ରତିବାଦ ସଭା ଓ ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଆସିଛି।

ଏହି କ୍ରମରେ ଆଜି ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ପୂର୍ବ ଯୋଜନାକୁ ପ୍ରଣୟନ କରିବାପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ।

## ଭିତରକନିକାରେ ଅନୁଗୋଳ ଟ୍ରେନିଂ ସ୍କୁଲର ରେଞ୍ଜ ଅଫିସର



**ରାଜନଗର,୮।୨ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନରେ ଅନୁଗୋଳ ରେଞ୍ଜ ଅଫିସର ଟ୍ରେନିଂ ସ୍କୁଲରୁ ୪୬ଜଣ ରେଞ୍ଜ ଅଫିସର ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣରେ ଆସି ପହଞ୍ଚିଥିଲେ। ଉଦ୍ଭିଦ ଓ ପ୍ରାଣୀଜଗତ ବିଷୟରେ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ନାୟକ ଓ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ଠାରୁ ପରିପୂରକ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମି, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥି ସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଓ ଅଲିଭ ରିଡ଼ଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା ଦ୍ୱୀପ, କାଳୀଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ ସହ ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସଂପର୍କରେ ଅବଗତ ହୋଇଛନ୍ତି ।

## ପରିଚୟ ୨୦୨୬ : ସୁନାମଧନ୍ୟ କ୍ରିଏଟରମାନଙ୍କୁ ସମ୍ବର୍ଦ୍ଧିତ

**କାକଟପୁର/ଅସ୍ତରଙ୍ଗ,୮।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କୋଣାର୍କ ଇକୋରିଟ୍ରେଟ ପରିସରରେ ଫୁଡିସ ଅଫ ଭୁବନେଶ୍ୱର ଓ ଚଲୋ ଓଡିଶା ଦ୍ୱାରା ଓଡିଶା ପର୍ଯ୍ୟଟନ ବିଭାଗ ର ସହଯୋଗ ରେ ପରିଚୟ ୨୦୨୬ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଅତିଥି ଭାବେ ଓଡିଶା ପର୍ଯ୍ୟଟନ ବିଭାଗ ପୁରୀ ସହାୟକ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଓଡିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ଓଲିଉଡ଼ ଅଭିନେତ୍ରୀ ଏଲିନା ସାମନ୍ତରାୟ ଉଦ୍‌ଘାଘାଟନ କରିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ପର୍ଯ୍ୟଟନର ବିକାଶ, ଓଡ଼ିଆ ସଂସ୍କୃତି ଓ ହାତ କଳାର ପ୍ରଚାର ସହ ଓଡିଶାର ସୃଜନଶିଳ ବିକାଶ ବିଷୟରେ ମତବ୍ୟକ୍ତ କରିଥିଲେ।



ପରିଚୟ ୨୦୨୬କାର୍ଯ୍ୟକ୍ରମ ଜରିଆରେ ଶତାଧିକ ଡିଜିଟାଲ କ୍ରିଏଟର, ଫଟୋ ଗ୍ରାଫର, ଫିଲ୍ମମେକର, କଳାକାର ଓ କଥାକାହାଣୀକାର ମାନେ ଏକ ମଞ୍ଚରେ ଏକତ୍ରିତ ହୋଇ ମତ ବିନିମୟ ସହ ଅତିଥି ମାନଙ୍କ ଉପସ୍ଥିତ ରେ ଖାଦ୍ୟ, ଭ୍ରମଣ, କଳା, ସଂସ୍କୃତି ଓ ଡିଜିଟାଲ ମିଡ଼ିଆ କ୍ଷେତ୍ର ରୁ ଶତାଧିକ କ୍ରିଏଟର ମାନଙ୍କୁ ମଞ୍ଚ ଉପରେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତ୍ରୀ ଶିବାନୀ ସଙ୍ଗୀତା ଓ ଅଭିନେତା ସୁବାଶିଷ ଶର୍ମା ସହିତ ବରବଧୂ ଚଳଚିତ୍ର ଟିମ୍, କ୍ରିଏଟର ମାନଙ୍କ ସହ ମତ ବିନିମୟ କରି ସିନେମା ବିଷୟରେ ଆଲୋଚନା କରିଥିଲେ। ରକ୍ତ ଗୋଲାପ ଗୀତ ନୃତ୍ୟ ସହ ନିଜ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ କୁ କମାୟା ଫୁଡ୍ସ, ଫଟୋଗ୍ରାଫି ସହଭାଗୀ ଭାବେ କାନନ, ଡିଜିଟାଲ ମିଡ଼ିଆ ସହଯୋଗୀ ଭାବେ ଜେନେକ୍ସଟ ସମର୍ଥନ ପ୍ରଦାନ କରିଥିଲେ।

**ବରିଷ୍ଠ ନାଗରିକ ପରିଷଦର ୨୧ତମ ବାର୍ଷିକ ଉତ୍ସବ**

## ବରିଷ୍ଠ ନାଗରିକ ସମାଜର ଅମୂଲ୍ୟ ସମ୍ପଦ: ବିଧାୟକ




**ଛତ୍ରପୁର,୮।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦର ଏକବିଂଶତମ ବାର୍ଷିକ ଉତ୍ସବ ସୁସଂଗଠିତ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସମାଜର ଅମୂଲ୍ୟ ସମ୍ପଦ ବୋଲି ଉଲ୍ଲେଖ କରିଥିଲେ। ବିଧାୟକ ଶ୍ରୀ ନାୟକ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ବରିଷ୍ଠ ନାଗରିକମାନଙ୍କ ଅନୁଭବ, ତ୍ୟାଗ ଓ ମାର୍ଗଦର୍ଶନ ଯୁବ ପିଢ଼ି ପାଇଁ ପ୍ରେରଣାସ୍ୱରୂପ। ସେ ପରିଷଦ ପକ୍ଷରୁ ଗ୍ରହଣ କରାଯାଉଥିବା ସାମାଜିକ ଓ ସେବାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରି ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମସ୍ତ ପ୍ରକାର ସହଯୋଗ ଦେବାକୁ ଆଶ୍ୱାସନ ଦେଇଥିଲେ।

ଏହି ଅବସରରେ ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜୀବନ ଅନୁଭବ ଓ ନୀତିମୂଳକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ସମ୍ମାନ ଓ ସହଯୋଗ ପ୍ରତି ପୁଲିସ ପ୍ରଶାସନ ସଦା ସଚେତନ ରହିବ ବୋଲି କହିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ପ୍ରକାଶିତ ସ୍ମରଣିକାର ଉନ୍ମୋଚନ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବା ସହ କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହ ଅସହାୟ ବ୍ୟକ୍ତିମାନଙ୍କୁ ଶୀତବସ୍ତ୍ର ବିତରଣ କରାଯାଇଥିଲା।

# କେନାଲ ବନ୍ଧ ପିଚୁ କାମ ନିମ୍ନମାନର ଅଭିଯୋଗ



**ଧାମନଗର,୮।୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକର କଲ୍ୟାଣୀ ବଡ ପୋଲ ଠାରୁ କୋଠାର ପର୍ଯ୍ୟନ୍ତ ଲମ୍ବିଥିବା ଆଖୁଆପଦା ଜଳସେଚନ ବିଭାଗ ଅଧିନସ୍ତ ୪ ନମ୍ବର କେନାଲର ଦକ୍ଷିଣପାର୍ଶ୍ୱ ବନ୍ଧ ରାସ୍ତାର ପିଚୁ କାର୍ଯ୍ୟରେ ନିମ୍ନମାନ କାର୍ଯ୍ୟ ହେଉଥିବା ଅଭିଯୋଗ କରି ଗ୍ରାମବାସୀମାନେ କାର୍ଯ୍ୟ ବନ୍ଦ କରିଛନ୍ତି। ରାତିରେ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ପିଚୁ କାର୍ଯ୍ୟ କରିବା ସହିତ ସମସ୍ତ ନିୟମକୁ ଖୋଲମ ଖୋଲା ଉଲଙ୍ଘନ କରି ଠିକାଦାର ମନଇଚ୍ଛା କାମ କରୁଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରାୟ ୩ କିଲୋମିଟର ଲମ୍ବା ଏହି ବନ୍ଧ ରାସ୍ତା ନିର୍ମାଣ ପାଇଁ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଏଷ୍ଟିମେଣ୍ଟ ପ୍ରସ୍ତୁତ ହୋଇଥିବାବେଳେ, ଦୁଇଜଣ ଠିକାଦାରଙ୍କ ନାମରେ ଟେଣ୍ଡର ହୋଇଛି। ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ, ପିଚୁ କାର୍ଯ୍ୟ ପୂର୍ବରୁ ରାସ୍ତାର ଭିତ୍ତିକୁ ନିୟମ ଅନୁସାରେ ପ୍ରସ୍ତୁତ କରାଯାଇନାହିଁ। ନିୟମ ଅନୁସାରେ ପ୍ରଥମେ ଡଷ୍ଟ ଓ ଚିପ୍ସ ଗୋଳା ପକାଇ ଭଲଭାବେ ରୋଲର କରାଯିବା ପରେ ଧୂଳି ସଫା କରି ପ୍ରଥମ ପର୍ଯ୍ୟାୟ ପିଚୁ ଏବଂ ଶେଷ ପର୍ଯ୍ୟାୟ ଫାଇନାଲ ପିଚୁ କରାଯିବା କଥା। ଏହାସହିତ ଭାଇବ୍ରେଟର ରୋଲର ଦ୍ୱାରା ରାସ୍ତାକୁ ସମତଳ ଓ ଦୃଢ଼ କରିବା ଆବଶ୍ୟକ। କିନ୍ତୁ ଠିକାଦାର ଓ ଯନ୍ତ୍ରୀ ମିଳିମିଶି ଏହି ସମସ୍ତ ନିୟମକୁ ଅଣଦେଖା କରି ରାତିଅଧିଆ ନିମ୍ନମାନର ପିଚୁ କାର୍ଯ୍ୟ କରାଯାଉଛି। ନିୟମ ଅନୁସାରେ ଦିନବେଳେ ଓ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟ ହେବାକୁ ଥିବା ସ୍ଥାନରେ ରାତିରେ ପିଚୁ କାମ ହେଉଥିବାରୁ ସନ୍ଦେହ ଓ ଅସନ୍ତୋଷ ଦେଖାଦେଇଛି।

ଏନେଇ ଜଳସମ୍ପଦ ବିଭାଗର ଯନ୍ତ୍ରୀ କିରନ ପରିଡା କହିଛନ୍ତି ଯେ ମୋ ଅଜାଣତରେ ରାତିରେ କାର୍ଯ୍ୟ ହେଉଥିବାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯନ୍ତ୍ରୀଙ୍କ ଅଜାଣତରେ କିପରି ଠିକାଦାର ରାତିରେ କାମ କରୁଛି। ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକ୍ଷା ହିଁ ସମାଜର ମୁକ୍ତି ମାର୍ଗ: ଧର୍ମେନ୍ଦ୍ର



**କଣିହାଁ, ୮।୨(ସଂଚାର ବ୍ୟୁରୋ):** ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ। ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଭଳି ଜନନାୟକମାନେ ବିଶ୍ୱାସ କରୁଥିଲେ ଯେ, କେବଳ ପାଠ ପଢ଼ିବା ଶିକ୍ଷା ନୁହେଁ, ବରଂ ଶିକ୍ଷା ହେଉଛି ଅନ୍ଧକାରରୁ ଆଲୋକକୁ ଯିବାର ଏକ ମାଧ୍ୟମ। ଏହି ବିଚାରରେ ସେ କଣିହାଁ ଠାରେ ଏକ ଶିକ୍ଷାନୁଷ୍ଠାନ ସଦୃଶ ଏକ ମଞ୍ଜି ବୁଣିଥିଲେ, ଯାହା ଏବେ ପିଏମ୍ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ନାମିତ ହୋଇ ବଟବୃକ୍ଷର ରୂପ ନେଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଅନୁଗୋଳ ଜିଲ୍ଲା କଣିହାଁ ସ୍ଥିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ତଥା 'ପ୍ଲାଟିନମ୍ ଜୁବିଲି' ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି ଆଜି କେବଳ ଏହି ଅନୁଷ୍ଠାନର ୭୫ ବର୍ଷ ପୂର୍ତ୍ତିର ଉତ୍ସବ ନୁହେଁ, ବରଂ ଆଜି ହେଉଛି ଏହି ମାଟିର ମହାନ ସଂଗ୍ରାମୀ, ଆମ ସମସ୍ତଙ୍କର ପ୍ରେରଣାର ସ୍ରୋତ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ପବିତ୍ର ଜୟନ୍ତୀ। ତାଙ୍କ ଦ୍ୱାରା ଗଢ଼ା ହୋଇଥିବା ଶିକ୍ଷାନୁଷ୍ଠାନରୁ ପାଠପଢ଼ି ଆମ ଅଞ୍ଚଳର ପିଲାମାନେ ଡାକ୍ତର ହେବା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି, ଯାହା ଏକ ବଡ଼ ଉପଲବ୍ଧି। ଶ୍ରୀ ପ୍ରଧାନ ଆଗାମୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବିଷୟରେ ଆଲୋକପାତ କରିଛନ୍ତି। ଆମର ଯୁବପିଢ଼ି କେବଳ ଚାକିରି ପଛରେ ନଗୋଡ଼ାଇ 'ୱେଲ୍ଥ କ୍ରିଏଟର' ହେବା ପାଇଁ ସଂକଳ୍ପ କରିବା ଉଚିତ୍। ସମସ୍ତେ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ ଓ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଏହି ଅଞ୍ଚଳରେ ଶିକ୍ଷାର ବ୍ୟାପକ ବିକାଶ କରାଇବା ପାଇଁ ସେ ଆହ୍ୱାନ କରିଛନ୍ତି। ଉତ୍ସବ ଅବସରରେ ବିଦ୍ୟାଳୟର ବାର୍ଷିକ ସ୍ମରଣିକା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା, ଯାହାକୁ ପ୍ରଶଂସା କରିଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ। ଏହି ପୁସ୍ତକ ପଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ଦେଶପ୍ରେମ ଓ ବୌଦ୍ଧିକ ବିକାଶ ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏଥିସହ ରାଜ୍ୟପାଳଙ୍କ ଦ୍ୱାରା ପବିତ୍ରନଗର

**ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବ**

- ଶିକ୍ଷା ହେଉଛି ଅନ୍ଧକାରରୁ ଆଲୋକକୁ ଯିବାର ଏକ ମାଧ୍ୟମ
- ବିଦ୍ୟାଳୟ ଆଜି ବଟବୃକ୍ଷର ରୂପ ନେବା ବଡ଼ ଉପଲବ୍ଧି
- ଚାକିରି ପଛରେ ନ ଗୋଡ଼ାଇ 'ୱେଲ୍ଥ କ୍ରିଏଟର' ହେବା

## ଜଳିଗଲା ପିଚୁବୋଝେଇ ହାଇୱା



**କଳାହାଣ୍ଡି,୮।୨(ସଂଚାର ବ୍ୟୁରୋ):** ରାସ୍ତାରେ ଯାଉଥିବା ଏକ ପିଚୁ ବୋଝେଇ ହାଇୱା ଗାଡ଼ି ନିଆଁ ଲାଗି ଜଳିଯାଇଛି। ହାଇୱା ଗାଡି (ଓଡି୦୮ଟି-୮୫୫୫) ଟି ସାରେସମାଲ ପିଚୁ ପ୍ଲାଣ୍ଟରୁ ପିଚୁ ବୋଝେଇ କରି ଜୟପାଟଣା ବ୍ଲକ ସାନପୁଝାରୀ ଗୁଡ଼ା ଗ୍ରାମକୁ ଯାଉଥିଲା। କଲମପୁର ବ୍ଲକ ବିଜମରା ନିକଟରେ କୌଣସି କାରଣବଶତଃ ଚାଲୁଥିବା ସମୟରେ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିଥିବା ଜାଣି ଡ୍ରାଇଭର ଗାଡିରୁ ଓହ୍ଲାଇ ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ। ସୂଚନା ପାଇ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଡ ଅଘଟଣ ହେବା ପୂର୍ବରୁ ନିଆଁକୁ ଆୟତ୍ତ କରାଯିବା ଦ୍ୱାରା ଜନସାଧାରଣ ଆଶ୍ୱସ୍ତ ହୋଇଥିଲେ। ଘଟଣାସ୍ଥଳରେ କଲମପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର, ଏଏସ୍ଆଇ ଶିବଶଙ୍କର ମହାନ୍ତି, ବଡକୁଟୁ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

**ଧାନ ଆନ୍ଦୋଳନରେ ନକଲି ଚାଷୀ**

## ସମବାୟ ମନ୍ତ୍ରୀଙ୍କୁ ଜବାବ ମାଗିଲେ ଅରୁଣ

**ଅନାବାଦୀ ଓ ଗୋଚର ଜାଗାରେ ହୋଇଛି ଚାଷ**

**ଭୁବନେଶ୍ୱର,୮।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି। ସରକାରଙ୍କୁ ବଦନାମ କରିବାକୁ ନକଲି (ଫେକ୍) ଚାଷୀ ଚେଷ୍ଟା କରୁଛନ୍ତି। ସେଥିରେ ସେମାନେ ସଫଳ ହେବେନି। ଯିଏ ଆନ୍ଦୋଳନ କରୁଛନ୍ତି ସେମାନେ ଚାଷୀ ନୁହନ୍ତି। ଅନାବାଦୀ, ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି। ସେମାନଙ୍କୁ ନୋଟିସ୍ ହୋଇଛି, ଏଥିରୁ ନ ଚେତିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, କେବଳ ବଡ଼ ଚାଷୀ ବିରୋଧ କରୁଛନ୍ତି। ଗତବର୍ଷ ସେମାନେ ୫୦୦ କ୍ୱିଣ୍ଟାଲ ଧାନ ବିକିଥିଲେ। ଏଥର କ୍ୟାପ୍ସ ୧୫୦ କ୍ୱିଣ୍ଟାଲ ହୋଇଥିବାରୁ ସେମାନେ ଟିକେ ଅସୁବିଧା ଭୋଗୁଛନ୍ତି। ଆସନ୍ତାବର୍ଷ ସେଥିପ୍ରତି ଦୃଷ୍ଟି ଦିଆଯିବ। ମିଲରଙ୍କ ପାଖେ ଜାଗା ନଥିବାରୁ କିଛି ସ୍ଥାନରେ ଧାନକିଣା ପ୍ରକ୍ରିୟା ଟିକେ ଧୀରେ ହେଉଛି। ପରବର୍ତ୍ତୀ ସମୟରେ ସେ ଧାନକୁ ଉଠାଯାଉଛି । ଯେଉଁ ମାନଙ୍କର ଟୋକନ ଲାପ୍ସ ହେଉଛି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ୧୫ ଦିନ ଟୋକାନ ଅବଧି ବୃଦ୍ଧି କରାଯାଉଛି। ଚଳିତବର୍ଷ ଅଧିକ ଚାଷ ହୋଇଛି। ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି ସମସ୍ତ ଚାଷୀଙ୍କ ଧାନ ଉଠିବ ବୋଲି ସମବାୟ ମନ୍ତ୍ରୀ କହିଛନ୍ତି।

ସମବାୟ ମନ୍ତ୍ରୀଙ୍କ ମିଛ ଚାଷୀ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ସେ ଦାବି କରିଛନ୍ତି ସରକାର ଏକ ମିଛ ଚାଷୀଙ୍କ ତାଲିକା ଦିଅନ୍ତୁ। ପ୍ରକୃତ ଚାଷୀଙ୍କ ତାଲିକା ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି। ସରକାର ଧାନ କିଣାରେ ବିଫଳ ଓ ଚାଷୀ ଆକ୍ରୋଶର ଶିକାର ହେଲେଣି। ବିଜେପିରେ କେହି ଚାଷୀ ନଥିବେ, ଯେଉଁଥିପାଇଁ ସେମାନେ ମିଛ ଚାଷୀ କଥା ଉଠାଉଥିବା ଅରୁଣ କହିଛନ୍ତି। ଚଳିତ ଖରିଫ ଋତୁରେ ଚାଷୀମାନଙ୍କୁ ସେମାନଙ୍କର ଧାନ ବିକ୍ରୟର ସର୍ବନିମ୍ନ ସହାୟତା ମୂଲ୍ୟ ଏବଂ ଇନ୍‌ପୁଟ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ସରକାର ଡିଜିଟାଲ୍ ସଂସ୍କାର ବ୍ୟବସ୍ଥାକୁ ଆପଣାଇଛନ୍ତି। ଏହି ପ୍ରାପ୍ୟ ପ୍ରଦାନରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟ ଦେୟ ପ୍ରଦାନ ନୀତି ଅନୁସରଣ କରାଯାଇଛି। ଚଳିତ ଖରିଫ୍ ଋତୁରେ ସରକାର ପ୍ରାୟ ୧୦ ଲକ୍ଷ ୫୬ ହଜାର ଚାଷୀଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ ସହାୟତା ରାଶି ବାବଦକୁ ୧୨,୭୦୩ କୋଟି ୭୪ ଲକ୍ଷ ଟଙ୍କା ପ୍ରଦାନ କରିସାରିଲେଣି । ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦେୟ ପ୍ରଦାନ ପ୍ରକ୍ରିୟା ଜାରି ରହିଥିବାବେଳେ ଏ ପର୍ଯ୍ୟନ୍ତ ୫୫୬୨ ଆକାଉଣ୍ଟକୁ ଦେୟ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଇଛି।

**ବଜେଟରେ ଓଡ଼ିଶା ମେଟ୍ରୋ ପ୍ରକଳ୍ପର ବ୍ୟୟବରାଦ ନାହିଁ**

## ବିଜେଡିର ପ୍ରତିବାଦ ଓ ଧାରଣା




**କଟକ,୮।୨(ସଂଚାର ବ୍ୟୁରୋ):** କେନ୍ଦ୍ର ବଜେଟରେ କଟକ ସମେତ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ଅଣଦେଖା କରାଯାଇଛି। ବଜେଟରେ ଓଡିଶା ମେଟ୍ରୋ ପ୍ରକଳ୍ପ ନିମନ୍ତେ ବ୍ୟୟବରାଦ ନାହିଁ। ଏହାକୁ ବିରୋଧ କରି ଆଜି ବିଜୁ ଜନତା ଦଳ ପକ୍ଷରୁ ସକାଳ ୯ ଘଟିକା ସମୟରେ ବାରବାଟୀ ଷ୍ଟାଡିଅମ ନିକଟରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ କଟକ ମେୟର ତଥା ଓଡ଼ିଶା ବିଜୁ ଜନତା ଦଳ କୋଷାଧକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ କଟକ ବିଜୁ ଜନତା ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ କଟକ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ବିଷୟରେ ପ୍ରତିବାଦ କରାଯାଇଛି। ବଜେଟରେ କଟକକୁ ଅବହେଳାର ପ୍ରତିବାଦ କରାଯାଇଛି। ବିଜୁ ଜନତା ଦଳ ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଜାନୁଆରୀ ୧ ତାରିଖ ୨୦୨୪ ମସିହାରେ ଭୁବନେଶ୍ୱର ବିମାନ ବନ୍ଦରଠାରୁ କଟକ ତ୍ରିସୁଳିଆ ଛକ ପ୍ରଯନ୍ତ ପ୍ରାୟ ୨୬ କିଲୋମିଟ ଏବଂ ବିସ୍ତାରିତ - କଟକ ବସଷ୍ଟାଣ୍ଡ-ଏସସିବି ମେଡ଼ିକାଲ -ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରାୟ ୩୯୩ କୋଟି ଟଙ୍କା ବ୍ୟୟ କରାଯାଇ ପ୍ରାୟ ଦେଢ଼ ବର୍ଷ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିଲା। କିନ୍ତୁ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟଟିକୁ ବାତିଲ କରିଥିଲେ। କେନ୍ଦ୍ର ବଜେଟେରେ ଓଡିଶା ମେଟ୍ରୋ ପ୍ରକଳ୍ପ ପାଇଁ ଅନୁଦାନ ରାଶିର ବ୍ୟବସ୍ଥା କରାଯାଇନାହିଁ । ଓଡ଼ିଶାରେ କାହିଁକି ଏହା ହୋଇ ପାରିବନାହିଁ ବୋଲି ପ୍ରଶ୍ନ କରିଛନ୍ତି ସୁବାସ ସିଂହ। କେନ୍ଦ୍ର ସରକାରରେ ଓଡ଼ିଶାରୁ ୨୦ ଜଣ ଲୋକସଭା ପ୍ରତିନିଧି ନିର୍ବାଚିତ କରିବା ସହିତ କେନ୍ଦ୍ର ରେଳମନ୍ତ୍ରୀ ମଧ ଓଡିଶାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ଏହି ପରିପେକ୍ଷୀରେ କଟକ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ନିମନ୍ତେ ଅର୍ଥ ପ୍ରଦାନ କରିବା ନିମନ୍ତେ କଟକ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଥିଲା।

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା**

## ୨୨୯ ଜଣଙ୍କୁ ନିଯୁକ୍ତି ପତ୍ର




**କଟକ,୮।୨(ସଂଚାର ବ୍ୟୁରୋ):** ବାଲିଯାତ୍ରା ତଳ ପଡିଆଠାରେ ଆଜି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ନିଯୁକ୍ତି ମେଳାକୁ ଉଦଘାଟନ କରିଥିଲେ। ୧୦ଟା ୩୦ ମିନିଟରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ମେଳାରେ ପ୍ରାୟ ୧୫୦୦ରୁ ଅଧିକ ନିଯୁକ୍ତି ଆଶାୟୀ ଭାଗ ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ ଓ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ନିଯୁକ୍ତି ମେଳାରେ ଯୋଗଦେଇ ଆଶାୟୀ ପ୍ରାର୍ଥୀମାନଙ୍କୁ ଏହି ନିଯୁକ୍ତି ମେଳାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟ ସେବା, ଅଟୋମୋବାଇଲ୍, ନର୍ସିଂ ଭଳି ୪୦ରୁ ଅଧିକ ସଂସ୍ଥା, ୨୨ଟି ପିଆଇଏ ଭଳି ବିଭିନ୍ନ ଅନୁଷ୍ଠାନ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିଲେ । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ୧୪ଟି ବ୍ଲକର ୧୫୦୦ରୁ ଅଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୨୯ ଜଣ ପ୍ରାର୍ଥୀଙ୍କୁ ଚାକିରି ପ୍ରସ୍ତାବ ପତ୍ର ବଣ୍ଟନ କରାଯାଇଥିଲା। ୪୦ ଜଣ ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କ ଦ୍ୱାରା ୯୭୧ ଜଣ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯାଇଥିଲା ଏବଂ ୩୦୯ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ଚାକିରି ଭୂମିକାରେ ସ୍ୱଳ୍ପକାଳୀନ ଦକ୍ଷତା ବିକାଶ ତାଲିମ ପାଇଁ ୨୨ଟି ପିଆଇଏ ସହିତ ଟ୍ୟାଗ୍ କରାଯାଇଥିଲା।

**ପୁଣି ଚର୍ଚ୍ଚାରେ ଚୌଦ୍ୱାର ସର୍କଲ ଜେଲର ଅଧୀକ୍ଷକ**

## ମହିଳା ଆସାମୀଙ୍କ ସୁନା ଲୁଟିନେଲେ



**କଟକ,୮।୨(ସଂଚାର ବ୍ୟୁରୋ):** ପୁଣି କଟକ ଚୌଦ୍ୱାର ସର୍କଲ ଜେଲର ଅଧୀକ୍ଷକ ସୁଜିତ ରାଉଳ ଚର୍ଚ୍ଚାରେ ଅଛନ୍ତି । କେତେବେଳେ ଜେଲରୁ କଏଦୀ ଖସେଇ ଦେଇ କାଗଜପତ୍ରରେ ହେରଫେର ଘଟଣା, ଅନ୍ତେବାସୀଙ୍କ ଖାଦ୍ୟ ସାମଗ୍ରୀ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ ଓ ଜେଲରେ ଆସାମୀଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଥମୁ ନଥିଲା ବେଳେ ଆଜି ମାହାଙ୍ଗା ଅଞ୍ଚଳର ଜଣେ ମହିଳା କାରାଗାରରେ ଥିଲାବେଳେ ତାଙ୍କର ବିଭିନ୍ନ ସୁନା ସାମଗ୍ରୀକୁ ହଡ଼ପ କରିବା ଘଟଣାକୁ ନେଇ ରାଉଳଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ମାହାଙ୍ଗାର ଇତିଶ୍ରୀ ମହାନ୍ତି ଏକ ଘଟଣାରେ ଗତବର୍ଷ ସେପ୍ଟେମ୍ବର ୨୩ରେ କାରାଗାରକୁ ଯିବା ବେଳେ ତାଙ୍କ ପାଖରେ ଥିବା ବିଭିନ୍ନ ସୁନାକୁ ସିସିଟିଭି ମାଧ୍ୟମରେ ଜେଲ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ । ଜେଲରୁ ତିନି ମାସ ପରେ ଜାମିନରେ ବାହାରିବା ପରେ ନିଜର ସୁନା ଅଳଙ୍କାରକୁ ମାଗିବାରୁ ଖୋଜିବାର ବାହାନା କରି ଜେଲ ଅଧୀକ୍ଷକ ସୁଜିତ କୁମାର ରାଉଳ କହିଲେ ଆମେ ଖୋଜୁଛୁ ମାସେ ପରେ ଆସ ଆମେ ଦେଖିବା । ଇତିଶ୍ରୀ ଫୋନ ମାଧ୍ୟମରେ ଯୋଗାଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା । ଆଜି ଜେଲକୁ ଇତିଶ୍ରୀ ଆସି ପଚାରିବାରୁ ଶ୍ରୀ ରାଉଳ କହିଲେ ପୂର୍ବତନ ଜେଲର ସନ୍ତୋଷିନୀ ଦାସଙ୍କ ପାଖରେ ଏହି ସୁନା ଅଳଙ୍କାର ରହିଛି। ତାଙ୍କ ବିରୁଦ୍ଧରେ ଏତଲା କରନ୍ତୁ ମୁଁ ତମକୁ କିଛି ଅର୍ଥ ଦେବି ବୋଲି କହିଥିଲେ। ଏହି କଥା ଶୁଣିଲା ପରେ ଇତିଶ୍ରୀ ଚୌଦ୍ୱାର ଥାନାରେ ରାଉଳ ନାଁରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଜେଲ ଡିଆଇଜି ଘଟଣାର ତଦନ୍ତ କରିବେ ବୋଲି ଜଣାପଡିଛି ।

**'କଟକ' ଇଂରାଜୀ ବନାନ ପରିବର୍ତ୍ତନ**

## ପ୍ରମାଣ ଦେଲା ୧୯୨୪ ମସିହାର ଲୁହା ଫଳକ




**କଟକ,୮।୨(ସଂଚାର ବ୍ୟୁରୋ):** କଟକ ନାମର ଇଂରାଜୀ ବନାନ ପରିବର୍ତ୍ତନକୁ ନେଇ କିଛି ତଥ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରୁ ମିଳିଥିବା କିଛି ପୁରାତନ ସରକାରୀ ଅଧିକାରୀ ଦାବି କରିଛନ୍ତି। ଐତିହାସିକ ତଥ୍ୟ ଅନୁସାରେ କଟକର ପ୍ରକୃତ ବନାନ ବା ମୂଳ ବନାନ ହେଉଛି କେଏଟିଏକେ। ବିଶ୍ୱବିଦ୍ୟାଳୟର ଏକ ଟ୍ରେଜେରୀ ବା ଆଇରନ ଚେଷ୍ଟ ରହିଛି। ଯେଉଁଥିରେ କି କଟକର ନାମ ଇଂରାଜୀରେ 'କେଏଟିଏକେ' ବୋଲି ବନାନ ଅଛି। ରେଭେନ୍ସା ପରିସରରେ ଥିବା ଐତିହ୍ୟ-ସମ୍ପନ୍ନ ପାୱାର ହାଉସଟି ୧୯୨୪ ମସିହାରେ ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କର ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତାରେ ନିର୍ମିତ ହୋଇଥିଲା । ରାଜ୍ୟର ଏହି ପ୍ରଥମ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥାର ଏକ ବ୍ରିଟିଶ କମ୍ପାନୀ ଦ୍ୱାରା ନିର୍ମିତ ଲୁହାର ଫଳକ ରହିଛି। ସେହି ଲୁହା ଫଳକରେ କଟକର ବନାନ ଇଂରାଜୀର 'କେଏଟିଏକେ' ଲେଖାଯାଇଥିବା କୁହାଯାଉଛି। ଏହିଭଳି କିଛି ତଥ୍ୟ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି।

**ସିଟି salad**

## ମନ୍ତ୍ରୀଙ୍କ ସାଙ୍ଗେ ସଚିବଙ୍କ କଟି



ରାଜ୍ୟର ମନ୍ତ୍ରୀମାନଙ୍କ ଆଖି କାନ ହେଲେ ସଚିବ। ମନ୍ତ୍ରୀ ଯାହା ନିର୍ଦ୍ଦେଶ ଦେବେ ତାହାକୁ ସଚିବ କାର୍ଯ୍ୟକାରୀ କରିବେ। ବିଭାଗର ଗାଡିକୁ ଠିକଣା ଗୁଳାରେ ଚଳାଇବାପାଇଁ ମନ୍ତ୍ରୀ-ସଚିବଙ୍କ ଯୋଡି ନିହାତି ଜରୁରୀ। ହେଲେ ରାଜ୍ୟର ଜଣେ ମନ୍ତ୍ରୀଙ୍କ ସହିତ ତାଙ୍କ ସଚିବଙ୍କର ଏବେ କଟି ପଡିଛି। ମନ୍ତ୍ରୀଙ୍କ ହାତରେ ଏକାଧିକ ବିଭାଗ ରହିଛି। ଦୁଇ ବିଭାଗର ସଚିବ କିନ୍ତୁ ମନ୍ତ୍ରୀଙ୍କ ସହିତ କଟି ପକାଇଛନ୍ତି। ମନ୍ତ୍ରୀ ଫୋନ୍ କଲେ ଇଚ୍ଛା ହେଲେ ଧରୁଛନ୍ତି, ଇଚ୍ଛା ନହେଲେ ଧରୁନାହାନ୍ତି। ନିଜ ଆଡୁ ଫୋନ୍ କରିବାକଥା ଭୁଲିଗଲେଣି। ଏ ସଂକ୍ରାନ୍ତରେ ମନ୍ତ୍ରୀଙ୍କ ବିଭାଗର ଜଣେ ବାବୁ କହୁଥିଲେ ପଶ୍ଚିମଓଡିଶାର ଏହି ମନ୍ତ୍ରୀ ଜଣଙ୍କ ଏବେ ବିରୋଧିଙ୍କୁ ମୁକାବିଲା କରିବେ କ'ଣ ନିଜ ସଚିବଙ୍କୁ ମୁକାବିଲା କରୁଛନ୍ତି। ତେବେ ବାବୁ ଜଣଙ୍କ ଯାହା କହିଲେ ତାହା ଚମକାଇଦେଲା ଭଳି କଥା। ସଚିବମାନେ କୁଆଡେ ମନ୍ତ୍ରୀଙ୍କ ବେଆଇନ୍ କାମକୁ ସବୁଜ ସଙ୍କେତ ଦେଉନଥିବାରୁ ବିଭାଗର ସ୍ୱାସ୍ଥ୍ୟ ବିଗିଡିବାରେ ଲାଗିଛି। ସବୁ କଥାରେ ମନ୍ତ୍ରୀ ଗଳାବାଟ ଖୋଜୁଛନ୍ତି, ହେଲେ ନିଜ ସୁରକ୍ଷା ଓ ଆଇନ୍‌ଗତ ଦିଗ ଯୋଗୁଁ ସଚିବ ତାହା କରିବାକୁ ମଙ୍ଗୁ ନାହାନ୍ତି। ମନ୍ତ୍ରୀ ବି ବୁଲାବୁଲିରେ ଅଧିକ ସମୟ ଦେଉଥିବାରୁ ସଚିବଙ୍କ ସହିତ ଭେଟ ହୋଇପାରୁ ନାହିଁ। ସଚିବମାନେ ବି ମନ୍ତ୍ରୀଙ୍କ ଏଭଳି ଆଚରଣରେ ଭାରି ଖୁସି ଅଛନ୍ତି। ମନ୍ତ୍ରୀ ବି ଜାଣିଗଲେଣି ଅଧିକ କାଟ୍‌ତି ଦେଖାଇଲେ ସଚିବ ତାଙ୍କ ସିସିଆର ଖରାପ କରିଦେବେ। ତେଣୁ ଥରେ ଅଧେ ଫୋନ୍ କରି କାମ ଚଳାଇ ନେଉଛନ୍ତି।

## ସୁନା ହାର ପ୍ରିୟ ବିଧାୟକ



ଜଣେ ଯୁବ ବିଧାୟକଙ୍କ ସୁନା ହାର ପ୍ରୀତିକୁ ନେଇ ଏବେ ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି। ବିଧାୟକ ଜଣଙ୍କ ନିକଟରେ ରାଜଧାନୀର ଗୋଟିଏ ନାମୀ ଦାମୀ ସୁନା ଦୋକାନକୁ ଯାଇଥିଲେ। ଦୋକାନୀ ଭାବିଥିଲେ ବାହାଘର ସିଜିନ ଚାଲୁଥିବାରୁ ବ୍ରେସ୍‌ଲେଟ କିମ୍ବା ମୁଦିଟିଏ ନେବେ। ସୁନା ଦର ବୃଦ୍ଧି ଯୋଗୁଁ ଦୋକାନରେ ତ ଏବେ କାଉ ଉଡୁଛନ୍ତି। ତେଣୁ ବିଧାୟକ ମହାଶୟଙ୍କୁ ଦେଖି ସମସ୍ତେ ଘେରିଗଲେ। ହେଲେ ଯେତେବେଳେ ବିଧାୟକ ବରାଦ କଲେ, ସେତେବେଳେ ଅନେକ ନିଜ କାନକୁ ବିଶ୍ୱାସ କରିପାରିଲେ ନାହିଁ। ବିଧାୟକ କହିଲେ ପାଞ୍ଚ ଛଅଟି ହାର ଦିଅ। ସେଥିରେ ଦୁଇଟି ହୀରା ହାର ବି ବରାଦ କଲେ। ଏକଥା ଶୁଣିବାପରେ ଦୋକାନୀଙ୍କ ପାଦ ତଳେ ଲାଗିଲା ନାହିଁ। ସାଙ୍ଗେ ସାଙ୍ଗେ ଭିତର ରୁମ୍‌କୁ ନେଇ ଚର୍ଚ୍ଚା କଲେ। ହାର ସେଠାକୁ ମଗାହେଲେ। ବିଧାୟକ ଜଣଙ୍କ ନିଜ ମନକୁ ପାଇଲା ଲଭି ପାଞ୍ଚ ଛଅଟି ହାର ଧରି ସେଠାରୁ ବାହାରିଗଲେ। କହିଲେ ଯେଉଁଟା ପସନ୍ଦ ହେବ ରଖିବି। ଆଉ ସବୁ ଫେରାଇଦେବି। ଫେରାଇଲା ବେଳେ ପେମେଣ୍ଟ ହେବ। ଦୋକାନୀ ବି ସବୁ ଜାଣିଛନ୍ତି। ସବୁତକ ହାର ପ୍ୟାକିଂ କରି ଦେଇଦେଲେ। କିଛି ସମୟ ଭିତରେ ବିଧାୟକ ଫେରିଲେ। ଦୋକାନୀ ପଚାରିଲେ କେଉଁଟା ରଖିଲେ ? ବିଧାୟକ କହିଲେ ସବୁତକ ପସନ୍ଦ ହୋଇଗଲା। କେତେ ହେଲା କୁହନ୍ତୁ। ଦୋକାନୀ ଖୁସିରେ କୁରୁଳି କୁରୁଳି ଦର କହିଲାବେଳେ ଖାଲି ଭାବୁଥିଲା ବିଧାୟକଙ୍କ ପତ୍ନୀ କ'ଣ ସବୁତକ ହାର ରଖିଦେଲେ ନା ବିଧାୟକ ଆଉ କାହାକୁ ଭୋଗ ଲଗେଇ ଦେଲେ ?

## ନିଗମାନନ୍ଦ ଭକ୍ତଙ୍କୁ ଗାଳି



ପୁରୀରେ ଚାଲିଥିଲା ନିଗମାନନ୍ଦ ସମ୍ମିଳନୀ। ସେଠାକୁ ଅତିଥି ହୋଇ ଯାଇଥିଲେ ରାଇଜର ଶକ୍ତି ମନ୍ତ୍ରୀ। ମନ୍ତ୍ରୀଙ୍କ ଭାବ ଭକ୍ତି ଦେଖି ଅନେକ ଖୁସି ହୋଇଥିଲେ। ସେହି ଖୁସିରେ କେଇଜଣ ପଚାରିଦେଲେ ସ୍ମାଟ ମିଟର କଥା। ଏଭଳି ପ୍ରଶ୍ନ ଶୁଣିବେ ବୋଲି ମନ୍ତ୍ରୀ ଭାବି ନଥିଲେ। ତେବେ ନିଜ ମନର କ୍ରୋଧକୁ ଠାକୁରଙ୍କ ସ୍ଥାନରେ ଚାପି ରଖିଲେ। ଏଣୁ ତେଣୁ କଥା କହି ଭୁଲାଇଦେଲେ। ତେବେ ସେଠାରେ ଆଉ ଗୋଟିଏ ଦୃଶ୍ୟ ଦେଖିବାକୁ ମିଳିଲା। ବିଦ୍ୟୁତ୍ ବିଭାଗର ଜଣେ ଯନ୍ତ୍ରୀ ସେଠାକାର ଆଗଧାଡିର ଭକ୍ତ। ସବୁ କାମ କରନ୍ତି। ଭକ୍ତ ମଣ୍ଡଳୀରେ ବି ତାଙ୍କର ବେଶ୍ ଖାତିର ଅଛି। ଭକ୍ତମାନେ ଯେତେବେଳେ ଦେଖିଲେ ଯନ୍ତ୍ରୀଙ୍କ ବିଭାଗର ମନ୍ତ୍ରୀ ଆସିଛନ୍ତି, ସେତେବେଳେ ମନ୍ତ୍ରୀଙ୍କ ଆଗରେ ଯନ୍ତ୍ରୀଙ୍କ ପ୍ରଶଂସା କରିବାରେ ଲାଗିଲେ। ଭାବିଥିଲେ ମନ୍ତ୍ରୀ ନିଶ୍ଚିତ ପୁରସ୍କୃତ କରିବେ ନହେଲେ ପିଠି ଥାପୁଡେଇବେ। ହେଲେ ଫଳ ହେଲା ଓଲଟା। ସ୍ମାଟ ମିଟର ପାଇଁ ବିଗିଡିଥିବା ମନ୍ତ୍ରୀ ସେହିଠାରେ ନିଜ ବିଭାଗର ଯନ୍ତ୍ରୀଙ୍କ ଉପରେ ସବୁତକ ରାଗ ଶୁଝାଇଦେଲେ। ମନ୍ତ୍ରୀ ଧରିନେଲେ ଯେ ଏହି ଯନ୍ତ୍ରୀ ଜଣଙ୍କ ଅନ୍ୟଙ୍କୁ ମତାଇ ଏଭଳି କାଣ୍ଡ କରିଛନ୍ତି। ତେଣୁ ମନକୁ ଯାହା ଆସିଲା ବକି ଚାଲିଲେ। ଯନ୍ତ୍ରୀ ଜଣଙ୍କ ବିଚରା କିଛି ଜାଣିନଥିବାରୁ ମନ୍ତ୍ରୀଙ୍କ ଠାରୁ ଗାଳି ଶୁଣିବାରେ ଲାଗିଲେ। ଏହାକୁ ଦେଖୁଥିବା କିଛି ଭକ୍ତ ମନ୍ତ୍ରୀଙ୍କ ରାଗ କୁଆଡେ ସ୍ମାର୍ଟ ମିଟରର ଗତି ଭଳିଆ ଭାରି କ୍ଷୀପ୍ର ବୋଲି ଆଲୋଚନା ଚଳାଇଥିଲେ।

## ପୁରୀ ଜମି କିଣି ଚର୍ଚ୍ଚାରେ ନେତ୍ରୀ




ରାଜ୍ୟର ଜଣେ ଆଗଧାଡିର ନେତ୍ରୀ ପୁରୀରେ ଜମି କିଣିଛନ୍ତି। କୋଟିଏ କି ଦୁଇ କୋଟିର ନୁହେଁ, ପୂରା ବାର କୋଟି ଟଙ୍କାର ଜମି ବୋଲି ଚର୍ଚ୍ଚା ଧରିଛି। ଚର୍ଚ୍ଚା ଏତେ ଜୋର ଯେ ଏହା ପୁରୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଛି। ସଚିବାଳୟରେ କିଛି ପୁରୀ ମାର୍କା ବାବୁ କରୁଥିବା ଆଲୋଚନା ଅନୁଯାୟୀ ନେତ୍ରୀ ଜଣଙ୍କ ପୁରୀରେ ଜାଗାଟିଏ କିଣି ତାହାକୁ ନିକଟରେ ପଞ୍ଜିକରଣ କରିଛନ୍ତି। ଜମିର ମୂଲ୍ୟ ସରକାରୀ ଭାବେ ବାର କୋଟି ଟଙ୍କା ଦର୍ଶାଯାଇଥିବାବେଳେ କାରବାର କିନ୍ତୁ ପଚାଶ କୋଟି ଟଙ୍କାରୁ ଅଧିକ ହୋଇଛି। ଖାଲି ଟିକସ ଫାଙ୍କିବାପାଇଁ ସରକାରୀ ଦର ଦର୍ଶାଯାଇଛି। ତେବେ ଜମି କିଣା ଅପେକ୍ଷା ନେତ୍ରୀ ଜଣଙ୍କ ଏତେ ଟଙ୍କା କେଉଁଠାରୁ ଆଣିଲେ ବୋଲି ଚର୍ଚ୍ଚା ଜୋର ଧରିଛି। ନେତ୍ରୀଙ୍କ ରାଜନୈତିକ ଯାତ୍ରା ସେଭଳି ଲମ୍ବା ନୁହେଁ। ବର୍ଷେ ଦେଢବର୍ଷ ହେଲା କ୍ଷମତାରେ ରହିଛନ୍ତି। ଏତେ କମ୍ ଦିନ ଭିତରେ ନେତ୍ରୀ ଜଣଙ୍କ କେଉଁଠାରୁ ଏତେ ଟଙ୍କା ଆଣିଲେ ତାଙ୍କର ଅଞ୍ଚଳର ନେତାମାନେ ଏବେ ଏହାର ଖୋଳତାଡ ଆରମ୍ଭ କରିଛନ୍ତି। କିଛି ଲୋକ ପୁରୀ ଯାଇ କିଣା ଯାଇଥିବା ଜମିର ଠିକଣା ଖୋଜୁଥିବାବେଳେ ଆଉ କିଛି ଲୋକଙ୍କ ନେତ୍ରୀଙ୍କ କାରବାର ବୁଝୁଥିବା ବାବୁମାନଙ୍କ ଠାରୁ ସୂଚନା ସଂଗ୍ରହ ପାଇଁ ଲାଗି ପଡିଛନ୍ତି।

## ବିଭୂତି ବାଣ୍ଟିବେ ବିଭୂତି



ରାଜ୍ୟ ପରିବହନ ମନ୍ତ୍ରୀ ଚୀର କୁମାର ବାବୁ ବିଭୂତି ଭୂଷଣ ଜେନା ଆଗାମୀ ନିର୍ବାଚନ ପରେ ବିଭୂତି ବାଣ୍ଟିବେ ବୋଲି ଏବେ ଠାରୁ ଆଲୋଚନା ହେଲାଣି। ଯେତେବେଳ ଠାରୁ ବିଭୂତି ଭୂଷଣ ଆଗାମୀ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଗଣମାଧକୁ କହିଲେଣି ସେବେଠାରୁ ଏହି ଚର୍ଚ୍ଚା ଜୋର ଧରିଛି। ଶ୍ରୀ ଜେନା କହିଛନ୍ତି ଯେ ତାଙ୍କୁ ୬୦ ବର୍ଷ ହେଲାଣି। ତେଣୁ ଆଉ ନିର୍ବାଚନ ଲଢ଼ିବେ ନାହିଁ। ତାଙ୍କରି ଦଳର କର୍ମୀମାନେ ଏବେ କହିଲେଣି ଯେ ରାଜନୀତିରେ ୬୦ବର୍ଷ ହେଉଛି ମଧମ ସମୟ। ବିଭୂତିଙ୍କର ରାଜନୀତିରେ ଏକ ପ୍ରକାର ଯୁବାବସ୍ଥା ହୋଇଥିବାବେଳେ ସିଏ କାହିଁକି ଏଭଳି ବୈରାଗ୍ୟ ଭାବ ପ୍ରଦର୍ଶନ କରିଛନ୍ତି। ହେଲେ ଆଉ କିଛି କର୍ମୀଙ୍କ କହିବାକଥା ଯେ ବାବୁ ମୂଳରୁ ସଂସାର ବୈରାଗୀ। ସେଥିପାଇଁ ହାତକୁ ଦି ହାତ ହେଲେନାହିଁ। ପ୍ରତ୍ୟକ୍ଷ ରାଜନୀତିକୁ ଆସିବାପରେ ବାବୁ ଏବେ ସଂସାରର ଅସଲ ଖେଳ ଦେଖୁଛନ୍ତି। ମୋହ ମାୟା ଠାରୁ ବାବୁ ଏବେ ଦୂରେଇବା ଆରମ୍ଭ କରିଛନ୍ତି। ୨୦୨୯ ବେଳକୁ ସମ୍ପୂର୍ଣ୍ଣ ଦୂରେଇ ବାବାଜୀ ହୋଇଥିବେ। ଏହାପରେ ଲୋକଙ୍କୁ ବିଭୂତି ବାଣ୍ଟିବା ଆରମ୍ଭ କରିବେ। ଅବଶ୍ୟ ସେତେବେଳେ ତାଙ୍କ ନିକଟକୁ ବିଭୂତି ପାଇଁ କେଉଁମାନେ ଯିବେ ତାହା ଏବେଠାରୁ କହିବା ମୁସ୍କିଲ ବୋଲି ଗେରୁଆ ବାବୁମାନେ ମତ ଦେଉଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







# ଫେବୃଆରୀ ୨୨ ସୁଦ୍ଧା ଆୟକର ନିୟମ ଡ୍ରାଫ୍ଟ ଉପରେ ନିଜର ରାୟ ରଖିପାରିବେ



ନୂଆଦିଲ୍ଲୀ ୮।୨: ଦେଶର କର ପ୍ରଣାଳୀରେ ସୁଧାର ଆଣିବା ପାଇଁ ଆୟକର ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭାଗ 'ଇନକମ୍ ଟ୍ୟାକ୍ସ ରୁଲସ୍ ୨୦୨୬' ର ଡ୍ରାଫ୍ଟ ଜାରି କରିଛି। ଏହାକୁ ସଂସଦର ମଞ୍ଜୁରୀ ମିଳିଲେ ଆୟକର ଅଧିନିୟମ ୧୯୬୨ର ସ୍ଥାନ ନେବ। ନୂଆ ଇନକମ ଟ୍ୟାକ୍ସ ଆକ୍ଟ -୨୦୨୫ ସାରା ଦେଶରେ ୧ ଏପ୍ରିଲ ୨୦୨୬ରୁ କାର୍ଯ୍ୟକାରୀ ହେବ। ନୂଆ ପ୍ରାବଧାନ ଲାଗୁ କରିବା ପାଇଁ ନିୟମ ଓ ଟ୍ୟାକ୍ସ ଫର୍ମର ନୂଆ ଫର୍ମାଟ ତିଆରି କରାଯାଇଛି। ଆୟକର ବିଭାଗ ଏହି ଡ୍ରାଫ୍ଟକୁ ସାର୍ବଜନିକ ଡୋମେନରେ ରଖି ପାରଦର୍ଶୀତା ପ୍ରଦର୍ଶନ କରିଛି। ଯାହାଦ୍ୱାରା ଇଚ୍ଛୁକ ବ୍ୟକ୍ତି ୨୨ ଫେବୃଆରୀ ୨୨୦୬ ସୁଦ୍ଧା ନୂଆ ଆୟକର ନିୟମକୁ ନେଇ ନିଜର ରାୟ ରଖି ପାରିବେ।

ନୂଆ ଡ୍ରାଫ୍ଟରେ ଟ୍ୟାକ୍ସ ଫାଇଲିଂକୁ ସରଳ କରିବାକୁ ଗୁରୁତ୍ୱ ଦିଆଯାଇଛି। ନିୟମର ଭାଷାକୁ ସରଳ କରାଯାଇଥିବା ବେଳେ କାଲକୁଲେସନ ବୁଝିବା ପାଇଁ ଫର୍ମୁଲା ଓ ଟେବୁଲର ଉପଯୋଗ କରାଯାଇଛି। ପୁରୁଣା ନିୟମରେ ଥିବା ଅଦରକାରୀ ଓ ଦୋହରା ପ୍ରାବଧାନକୁ ହଟାଇ ଦିଆଯାଇଛି। ଡ୍ରାଫ୍ଟରେ ନିୟମ ୫୭ ଅନୁସାରେ ବିଭିନ୍ନ ସମ୍ପତ୍ତିର ଫେୟାର ମାର୍କେଟ ଭାଲ୍ୟୁ (ଏଫଏମଭି) ନିର୍ଦ୍ଧାରଣ କରାଯିବ। ପୁରୁଣା ନିୟମ ୧୧ୟୁଏ, ୧୧ୟୁଏଏ ଓ ୧୧ ୟୁଏବି ମିସାଇ ଏବେ ଗୋଟିଏ ନିୟମରେ ରୂପାନ୍ତରିତ କରାଯାଇଛି। ଲୋକଙ୍କ ପାଖରେ ଥିବା ସ୍ୱର୍ଣ୍ଣାଳଙ୍କାରର ମୂଲ୍ୟାୟନ ଖୋଲା ବଜାରରେ ମିଳୁଥିବା ମୂଲ୍ୟକୁ ଭାଲ୍ୟୁ ମନେ କରାଯିବ। ରେଜିଷ୍ଟର୍ଡ ଡିଲରଙ୍କଠାରୁ କିଣାଯାଇଥିବା ସ୍ୱର୍ଣ୍ଣାଭୂଷଣ ଲାଗି ଇନଭଏସ୍ ମାନ୍ୟ ହେବ। ସେହିପରି ଉପହାର ଓ ଅନ୍ୟ ମାଧ୍ୟମରେ ମିଳିଥିବା ସ୍ୱର୍ଣ୍ଣାଳଙ୍କାର ମୂଲ୍ୟ ୫୦ ହଜାର ଟଙ୍କାରୁ ଅଧିକ ହେଲେ ରେଜିଷ୍ଟାର୍ଡ ଭାଲ୍ୟୁଏରଙ୍କ ରିପୋର୍ଟ ଅନିବାର୍ଯ୍ୟ ହେବ।

କେବଳ ସ୍ୱର୍ଣ୍ଣାଳଙ୍କାର ନହେଁ ଆର୍ଟ ୱାର୍କ, ସ୍କଲପଚର ଓ ଆର୍କିୟୋଲଜିକାଲ କଲେକ୍ସନ ଉପରେ ମଧ ଏହି ନିୟମ ଲାଗୁ ହେବ। ଅଚଳ ସମ୍ପତ୍ତି ଲାଗି ସମ୍ବନ୍ଧିତ ତିଥିରେ କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଡ୍ୟୁଟି ଭାଲ୍ୟୁକୁ ଫେୟାର ମାର୍କେଟ ଭାଲ୍ୟୁ ସ୍ୱୀକାର କରାଯିବ। ସେହିପରି ଅନ୍ୟ ସମ୍ପତ୍ତି ମୂଲ୍ୟାୟନ ଖୋଲା ବଜାର ସମ୍ଭାବିତ ମୂଲ୍ୟ ଆଧାରରେ ମୂଲ୍ୟାୟନ ହେବ। ଅନ୍ୟପଟେ କ୍ୟାପିଟାଲ ଗେନ ଟ୍ୟାକ୍ସ ନିମନ୍ତେ ହୋଲ୍ଡିଂ ପିରିୟଡର ଗଣନାକୁ ନେଇ ନୂଆ ନିୟମରେ ସ୍ପଷ୍ଟତା ଅଣାଯାଇଛି।

ଯଦି ବଣ୍ଡ ବା ଡିବେଞ୍ଚର ପରେ ସେୟାରରେ କନଭର୍ଟ ହୁଏ ତାହାର ଅବଧି ମଧ ହୋଲ୍ଡିଂ ପିରିୟଡରେ ସାମିଲ ହେବ। ସେହିପରି ଇନକମ ଡିକ୍ଲାରେସନ ସ୍କିମ ୨୦୧୬ ଅନୁସାରେ ରେଜିଷ୍ଟର୍ଡ ଡିଲରେ ଅଚଳ ସମ୍ପତ୍ତି ଲାଗି କ୍ରୟ ତାରିଖରୁ ଅବଧି ଗଣାଯିବ। ବିଦେଶୀ କମ୍ପାନୀ ବ୍ରାଞ୍ଚରୁ ପ୍ରାପ୍ତ ସମ୍ପତ୍ତି କନଭର୍ସନ ସ୍ଥିତିରେ ପ୍ରଥମ ମାଲିକ ବା ବିଦେଶୀ ବ୍ରାଞ୍ଚ ନିକଟରେ ଥିବା ଅବଧିକୁ ଯୋଡାଯିବ। ଆୟକର ବିଭାଗର କହିବା କଥା ହେଉଛି ଏହି ପରିବର୍ତ୍ତନ ଦ୍ୱାରା ଟ୍ୟାକ୍ସ ବ୍ୟବସ୍ଥା ଅଧିକ ସରଳ ପାରଦର୍ଶୀ ଓ ଟେକ୍ନୋଲଜି ଆଧାରିତ ହୋଇ ପାରିବ। ଏଣୁ କରଦାତାଙ୍କୁ ଆଶ୍ୱସ୍ତି ମିଳିବ।




## ଗୁଗଲର ଚେତାବନୀ

# ୧୦୦ କୋଟି ଫୋନରୁ ଡାଟା ଚୋରି ହେବାର ରହିଛି ଭୟ

ନୂଆଦିଲ୍ଲୀ, ୮।୨: ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ସୁରକ୍ଷା ସତର୍କତା ଜାରି କରିଛି ଗୁଗଲ୍। କମ୍ପାନୀ ସ୍ପଷ୍ଟ କରିଛି ଯେ, ଆଣ୍ଡ୍ରଏଡ୍ ୧୨ କିମ୍ବା ପୁରୁଣା ଫୋନ୍ଗୁଡ଼ିକ ଆଉ ସୁରକ୍ଷା ଅପଡେଟ୍ ପାଇବେ ନାହିଁ। ଏହାର ଅର୍ଥ ହେଉଛି, ଏପରି ଡିଭାଇସ୍ଗୁଡ଼ିକ ନୂତନ ମାଲୱେର୍ ଏବଂ ସ୍ପାଏୱାୟାର ଆକ୍ରମଣର ଶିକାର ହୋଇପାରେ। ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୧୦୦ କୋଟି ଆଣ୍ଡ୍ରଏଡ୍ ବ୍ୟବହାରକାରୀ ବିପଦରେ ଅଛନ୍ତି। ଯଦି ଆପଣଙ୍କ ଫୋନ୍ ଅପଡେଟ୍ ହୋଇପାରୁନାହିଁ, ତେବେ ଏହାକୁ ବଦଳାଇବାକୁ ପରାମର୍ଶ ଦିଆଯାଇଛି। ଗୁଗଲ୍ ସ୍ପଷ୍ଟ କରିଛି ଯେ, ଆଣ୍ଡ୍ରଏଡ୍ ୧୨ କିମ୍ବା ତା'ଠାରୁ ପୁରୁଣା ସ୍ମାର୍ଟଫୋନ୍ଗୁଡ଼ିକ ଆଉ ନୂତନ ସିକ୍ୟୁରିଟି ପ୍ୟାଚ୍ ପାଇବେ ନାହିଁ। ତଥ୍ୟ ଅନୁଯାୟୀ, କେବଳ ପ୍ରାୟ ୫୭.୯ ପ୍ରତିଶତ ଡିଭାଇସ୍ ଆଣ୍ଡ୍ରଏଡ୍ ୧୩ କିମ୍ବା ତା'ଠାରୁ ଅଧିକ ଭର୍ଜନରେ ଚାଲୁଛି। ସୁରକ୍ଷା ସମସ୍ୟା ଯୋଗୁଁ ବାକି ଡିଭାଇସଗୁଡ଼ିକୁ ଫ୍ରିଜ୍ କରାଯାଇଛି। ୨୦୨୧ କିମ୍ବା ତା'ପୂର୍ବରୁ ଲଞ୍ଚ ହୋଇଥିବା ଅଧିକାଂଶ ଫୋନ୍ ଏହି ସମସ୍ୟା ଦ୍ୱାରା ପ୍ରଭାବିତ ହୋଇପାରେ। ଏହି ସବୁ ଫୋନ୍ରୁ ଡାଟା ଚୋରି ହେବାର ଆଶଙ୍କା ଅଧିକ ରହିଛି। ଆଣ୍ଡ୍ରଏଡ୍ ଇକୋସିଷ୍ଟମରେ କେବଳ ଗୁଗଲ୍ ଅପଡେଟ୍ ପାଇଁ ଦାୟୀ ନୁହେଁ, ସାମସଙ୍ଗ, ଜିଓମି, ଓପୋ, ଭିଭୋ, ଏବଂ ମୋଟୋରୋଲା ଭଳି ବ୍ରାଣ୍ଡଗୁଡ଼ିକ ସେମାନଙ୍କର ନିଜସ୍ୱ ଅପଡେଟ୍ ଦେଉଛନ୍ତି। ଅନେକ କମ୍ପାନୀ ଦୁଇରୁ ତିନି ବର୍ଷ ପରେ ଡିଭାଇସଗୁଡ଼ିକୁ ଅପଡେଟ୍ ଦେବା ବନ୍ଦ କରିଦେଉଛନ୍ତି। ଏହାକୁ ଆଣ୍ଡ୍ରଏଡ୍ ଫ୍ରାଗମେଣ୍ଟେସନ୍ କୁହାଯାଏ। ଅନ୍ୟପଟେ, ଆପଲ୍ ଏହାର ଆଇଫୋନ୍ଗୁଡ଼ିକର ହାର୍ଡୱେର୍ ଏବଂ ସଫ୍ଟୱେର୍ ଉଭୟକୁ ନିୟନ୍ତ୍ରଣ କରେ। ଏହି କାରଣରୁ ପୁରୁଣା ଆଇଫୋନ୍ଗୁଡ଼ିକ ମଧ ଅଧିକ ସମୟ ପାଇଁ ଅପଡେଟ୍ ପାଇଥାଏ। ହେଲେ ଆଣ୍ଡ୍ରଏଡ୍ରେ ସୁରକ୍ଷା ବିପଦ ଅଧିକ ଥାଏ।

# ୨ ନାନୋମିଟର ଚିପ୍ ଆଣିଲା କ୍ୱାଲକମ୍



ନୂଆଦିଲ୍ଲୀ,୮।୨: କ୍ୱାଲକମ୍ ସଫଳତାର ସହ ୨ ନାନୋମିଟର ବର୍ଗରେ ଚିପ୍ ଡିଜାଇନ କରିଛି। ଏହା ଦେଶର ଅତ୍ୟାଧୁନିକ ସେମିକଣ୍ଡକ୍ଟର ଚିପ୍ ଡିଜାଇନକୁ ପ୍ରଦର୍ଶନ କରୁଥିବା କେନ୍ଦ୍ର ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କ୍ୱାଲକମ୍ ଟେକ୍ନୋଲୋଜି ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଲେ, ଦେଶ ଏବେ ବ୍ୟାକ୍ ଅଫିସ କାର୍ଯ୍ୟ ପରିବର୍ତ୍ତେ ଅତ୍ୟାଧୁନିକ ସେମିକଣ୍ଡର ଡିଜାଇନ କରୁଛି। ବେଙ୍ଗାଲୁରୁ, ଚେନ୍ନାଇ ଏବଂ ହାଇଦ୍ରାବାଦ ଡିଜାଇନ ସେଣ୍ଟର ଭାବେ ଉଭା ହୋଇଛନ୍ତି। ବିଶ୍ୱ ସ୍ତରୀୟ ଚିପ୍ ଡିଜାଇନ ଜରିଆରେ ଭାରତ ଭାରତ ସେମିକଣ୍ଡକ୍ଟର ଇକୋସିଷ୍ଟମରେ ଏକ ପ୍ରମୁଖ ଅଂଶୀଦାର ପାଲଟିଛି। ୨ଏନ୍ଏମ୍ ଚିପ୍ ଡିଜାଇନ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଯେଉଁଥିରେ ଉଭୟ ହାର୍ଡୱେର ଏବଂ ସଫ୍ଟୱେରକୁ ମିଶ୍ରଣ କରାଯାଇଥାଏ। ଶ୍ରୀ ବୈଷ୍ଣବ ପୁଣି କହିଲେ, ଦେଶ ବିସ୍ତୃତ ସେମିକଣ୍ଡକ୍ଟର ରୋଡମ୍ୟାପ ସହ ଅଗ୍ରସର। ପର୍ଯ୍ୟାୟ ଭିତ୍ତିରେ ଏ କ୍ଷେତ୍ରରେ କ୍ଷମତା ସଂଯୋଗ ହେଉଛି। ସେମିକଣ୍ଡକ୍ଟର ମିଶନ ୨.୦ରେ ୭ ନାନୋମିଟର ଚିପ୍ ଡିଜାଇନ ଲକ୍ଷ୍ୟ ରଖାଯାଇଛି। ଏ ନେଇ ପ୍ରସ୍ତୁତ ହୋଇଛି ରୋଡମ୍ୟାପ। ଜାପାନ, ଦକ୍ଷିଣ କୋରିଆ ଏବଂ ତାଇୱାନ ଭଳି ଦେଶ ଗୁଡ଼ିକରୁ ଭାରତ ଶିକ୍ଷାଲାଭ କରିଛି। ୨୮ ନାନୋମିଟରେ ଚିପ୍ରୁ ଦେଶ କାମ ଆରମ୍ଭ କରିଥିଲେ। ଅଟୋମୋବାଇଲ, ଟେଲିକମ, ପାୱାର ମ୍ୟାନେଜମେଣ୍ଟ ଏବଂ ଶିଳ୍ପ ଆପ୍ଲିକେସନରେ ୭୫% ସେମିକଣ୍ଡକ୍ଟର ୨୮%ରୁ ୧୮୦ ନାନୋମିଟର। ସେମିକଣ୍ଡକ୍ଟର ସହ ଏଆଇ କମ୍ପ୍ୟୁଟ ଭିତ୍ତିଭୂମିକୁ ମଧ ଦେଶ ଦୃଢ଼ କରୁଛି। ଏବେ ୩୮ ହଜାର ଜିପିୟୁ ରହିଛି ଯାହା ସାଧାରଣ କମ୍ପ୍ୟୁଟ୍ ଅଂଶ। ଆହୁରି ୨୦ ହଜାର ଜିପିୟୁ ଯୋଡିହେବାକୁ ଯାଉଛି। ଯାହା ପରବର୍ତ୍ତି ପିଢ଼ି ଏଆଇ ମିଶନକୁ ତ୍ୱରାନ୍ୱିତ କରିବ।

# ଭାରତ ସାମୟିକ ଆଶ୍ୱସ୍ତ: ବାଣିଜ୍ୟ ରାଜିନାମା ଢାଞ୍ଚା ଜାରି



ନୂଆଦିଲ୍ଲୀ, ୮।୨: ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟ ରାଜିନାମା ଢାଞ୍ଚାର ମିଳିତ ବିବୃତି ଆଜି ଜାରି ହୋଇଛି। ଫଳରେ ଆମେରିକାର ଚଢ଼ା ଶୁଳ୍କକୁ ନେଇ ଲାଗି ରହିଥିବା ଦୀର୍ଘଦିନର ଚିନ୍ତା ଦୂର ହୋଇ ସାମୟିକ ଆଶ୍ୱସ୍ତି ମିଳିଛି। ଗତ ଅଗଷ୍ଟ ମାସରୁ ଭାରତ ଉପରେ ଆମେରିକା ଯେଉଁ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲା ତାହା ୧୮ ପ୍ରତିଶତକୁ ହ୍ରାସ ପାଇବ। ୫୦ ପ୍ରତିଶତ ଶୁଳ୍କରେ ରୁଷ୍ ତେଲ କିଣା ବାବଦରେ ଲଗାଯାଇଥିବା ୨୫ ପ୍ରତିଶତ ଶୁଳ୍କକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରି ନିଆଯାଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ, ଆମେରିକାକୁ ଭାରତ ମସଲା, ଚା, କଫି, ନଡ଼ିଆ ତେଲ, କାଜୁ, କଦଳୀ, ଆମ୍ବ ଛତୁ ଭଳି କେତେକ ଫଳ, ପରିବା ଓ କିଛି ବେକେରି ସାମଗ୍ରୀ ବିନା ଶୁଳ୍କରେ ଭାରତରୁ ରପ୍ତାନି କରାଯାଇ ପାରିବ। ଭାରତ ଆସନ୍ତା ୫ ବର୍ଷରେ ଆମେରିକାରୁ ୫୦୦ ବିଲିଅନ ଡଲାର ମୂଲ୍ୟର ସାମଗ୍ରୀ କିଣିବ। ସେଥିରେ ଶକ୍ତି ଉତ୍ପାଦ, ବିମାନ ଓ ବିମାନର ଉପକରଣ, ମୂଲ୍ୟବାନ ଧାତୁ, ପ୍ରଯୁକ୍ତି ସାମଗ୍ରୀ ଓ କୋକିଂ କୋଲ୍ ରହିଛି। ମିଳିତ ବିବୃତି ଜାରି ପରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି ଯେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା କୃଷି ସାମଗ୍ରୀ ଉପରେ ଶୁଳ୍କ ସଂପୂର୍ଣ୍ଣ ହଟିଯିବ। ଅନ୍ୟପକ୍ଷରେ ଭାରତକୁ ଆମେରିକାର କୃଷି ସାମଗ୍ରୀ ରପ୍ତାନି ଉପରେ କୌଣସି ଶୁଳ୍କ ରିହାତି ପ୍ରଦାନ କରାଯିବ ନାହିଁ। ଏହି ଢାଞ୍ଚା ଫଳରେ ଭାରତର ଚାଷୀ ଓ ମତ୍ସ୍ୟଜୀବୀମାନେ ବିଶେଷ ଭାବେ ଉପକୃତ ହେବେ। କେନ୍ଦ୍ରମନ୍ତ୍ରୀ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ ଭାରତରେ ଜେନେଟିକାଲି ମୋଡିଫାଏଡ୍ (ଜିଏମ୍) ଖାଦ୍ୟକୁ ପ୍ରବେଶ ଅନୁମତି ଦିଆଯାଇ ନାହିଁ। ବରଂ ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ରାଜିନାମା ଦ୍ୱାରା ଭାରତର ରପ୍ତାନିକାରୀମାନଙ୍କ ପାଇଁ ଆମେରିକାର ୩୦ ଟ୍ରିଲିଅନ ଡଲାରର ଅର୍ଥନୀତି ବଜାର ଉନ୍ମୁକ୍ତ ହେବ। ଏହି ରାଜିନାମା ଉଭୟ ଦେଶ ପାଇଁ ପରସ୍ପର ପରିପୂରକ ବୋଲି ସେ କହିଛନ୍ତି।

ଭାରତ-ଆମେରିକାର ମିଳିତ ବିବୃତି ଅନୁଯାୟୀ, ଏହି ଢାଞ୍ଚା ୧୩ ଫେବୃଆରିରେ ଆରମ୍ଭ ହୋଇଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ଆଲୋଚନାକୁ ଆଗକୁ ବଢ଼ାଇବ। ଏହି ରାଜିନାମା ଫଳରେ ଭାରତର ରପ୍ତାନିକାରୀମାନେ ଆମେରିକାରେ ବଜାରରେ ପ୍ରବେଶ କରିପାରିବେ। ଏଥିସହ ଯୋଗାଣ ଶୃଙ୍ଖଳକୁ ମଧ ଏହା ମଜଭୁତ କରିବ। ସେହିଭଳି ବାଣିଜ୍ୟ ପ୍ରତିବନ୍ଧକକୁ କମ୍ କରିବାର ପ୍ରସ୍ତାବ ଏଥିରେ ରହିଛି। ଏହି ଢାଞ୍ଚା ଫଳରେ ଭାରତର ବୟନଶିଳ୍ପ ସାମଗ୍ରୀ, ଚମଡ଼ା, ଜୋତା, ପ୍ଲାଷ୍ଟିକ, ରବର, ମେସିନାରି, ଅର୍ଗାନିକ୍ କେମିକାଲ, ହୋମ୍ ଡେକୋର ଏବଂ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି ଆମେରିକାକୁ ବୃଦ୍ଧି ପାଇବ। ବାଣିଜ୍ୟ ମନ୍ତ୍ରୀ କହିଛନ୍ତି, ଦୁଇ ଦେଶ ବାଣିଜ୍ୟ ରାଜିନାମା ସଂକ୍ରାନ୍ତରେ କିଛି ନିୟମ ପ୍ରସ୍ତୁତ କରିବେ। ଯାହାଦ୍ୱାରା ସେହି ଲାଭ କେବଳ ଏହି ଦୁଇ ଦେଶକୁ ମିଳିବ। କୌଣସି ତୃତୀୟ ଦେଶ ଏଥିରେ ଲାଭବାନ ହେବେ ନାହିଁ। ବାଣିଜ୍ୟ ରାଜିନାମାରେ ଉଭୟ ଦେଶ ଅଣଶୁଳ୍କ ପ୍ରତିବନ୍ଧକ ହଟାଇବା ଉପରେ ଧ୍ୟାନ ଦେବେ। ଅଣଶୁଳ୍କ ପ୍ରତିବନ୍ଧକ ବ୍ୟବସାୟକୁ ଜଟିଳ କରୁଛି। ଆମେରିକାର ମେଡିକାଲ ଉପକରଣ ନିର୍ମାତାମାନେ ଭାରତରେ ଦୀର୍ଘବର୍ଷ ଧରି ସମ୍ମୁଖୀନ ହୋଇ ଆସୁଥିବା ଅସୁବିଧାକୁ ଦୂର କରାଯିବ। ଏହାଦ୍ୱାରା ଭାରତର ହସ୍ପିଟାଲଗୁଡ଼ିକୁ ସହଜରେ ଉପକରଣ ମିଳିପାରିବ। ରୋଗୀସେବା ମଧ ସୁଲଭ ହେବ। ସେହିଭଳି ଭାରତରେ ଆମେରିକାର ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି କମ୍ପାନିଗୁଡ଼ିକ ସେମାନଙ୍କ ଉତ୍ପାଦ ବିକ୍ରିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହାକୁ ମଧ ଦୂର କରାଯିବ। ଏହାଦ୍ୱାରା ସେମାନେ ସହଜରେ ଭାରତରେ ସେମାନଙ୍କ ଉପକରଣ ବିକ୍ରି କରିପାରିବେ। ଏହାଦ୍ୱାରା ଆମେରିକାର ଆଇଟି ଓ ପ୍ରଯୁକ୍ତି ସାମଗ୍ରୀ ଭାରତରେ ଶସ୍ତା ହେବ। ଉନ୍ନତମାନର ପ୍ରଯୁକ୍ତି ମଧ ଭାରତରେ ଉପଲବ୍ଧ ହେବ। ବାଣିଜ୍ୟ ରାଜିନାମା ଲାଗୁ ହେବାର ୬ ମାସ ମଧ୍ୟରେ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ଆମେରିକାର ମାନଦଣ୍ଡକୁ ଭାରତରେ ସ୍ୱୀକୃତି ଦିଆଯାଇ ପାରିବ କି ନାହିଁ ତାହା ଉପରେ ବିଚାର ହେବ। ବର୍ତ୍ତମାନ ଭାରତରେ କୌଣସି ଆମେରିକୀୟ କମ୍ପାନି ତାହାର ସାମଗ୍ରୀ ବିକ୍ରି କରିଲେ ଭିନ୍ନ ଭିନ୍ନ ମାନଦଣ୍ଡ ଏବଂ ଯାଞ୍ଚର ଆବଶ୍ୟକତା ରହିଛି। ଏହା ବ୍ୟବସାୟକୁ ବିଳମ୍ବ ଏବଂ ବ୍ୟୟସାପେକ୍ଷ କରୁଛି। ଉଭୟ ପକ୍ଷ ଏହା କହିଛନ୍ତି ଯେ ସେମାନେ ପରସ୍ପର ମଧ୍ୟରେ ଏ ନେଇ ଆଲୋଚନା ଚଳାଇବେ, ଯାହାଦ୍ୱାରା ସେଗୁଡ଼ିକୁ ପାଳନ କରିବା ସହଜ ହେବ। ଯଦି ଭବିଷ୍ୟତରେ କୌଣସି ଦେଶ ଧାର୍ଯ୍ୟ କରିଥିବା ଶୁଳ୍କରେ କୌଣସି ପରିବର୍ତ୍ତନ ଆଣିବ ତାହେଲେ ଅନ୍ୟ ଦେଶ ତାର ପ୍ରତିଶ୍ରୁତିକୁ ମଧ ବଦଳାଇବ।

## ଭାରତ-ଆମେରିକାର 'ସପୁର ଡିଲ୍'ରେ ବାଂଲାଦେଶ ହେବ ବରବାଦ

ନୂଆଦିଲ୍ଲୀ ୮।୨: ଭାରତ ଏବଂ ଆମେରିକା ମଧ୍ୟରେ ହୋଇଥିବା ଟ୍ରେଡ ଡିଲ୍ ଏବେ ଏସିଆ ମାର୍କେଟରେ ହଇଚଇ ସୃଷ୍ଟି କରିଛି। ଏ ଖବର ଭାରତ ପାଇଁ ଖୁସି ଆଣିଥିବା ବେଳେ, ପଡ଼ୋଶୀ ଦେଶ ବାଂଲାଦେଶ ପାଇଁ କିନ୍ତୁ ସୃଷ୍ଟି କରିଛି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଆମେରିକା ଭାରତୀୟ ପୋଷାକ ଏବଂ ବୟନ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ (ଟାରିଫ୍) ଅଧାରୁ ଅଧିକ ହ୍ରାସ କରିଛି। ପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୫୦% ଟିକସ ଲାଗୁଥିଲା, ଏବେ ଏହାକୁ ମାତ୍ର ୧୮% ହ୍ରାସ କରାଯାଇଛି। ବିଶେଷଜ୍ଞଙ୍କ କହିବା ଅନୁସାରେ, ଆମେରିକାର ଏହି ଏକକ ନିଷ୍ପତ୍ତି ବାଂଲାଦେଶ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିବା ପାଇଁ ଯଥେଷ୍ଟ। କାରଣ ବୟନ ଶିଳ୍ପ ଦେଶର ଆୟର ମୁଖ୍ୟ ଉତ୍ସ। ଏହି ଚୁକ୍ତିର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଅନ୍ୟ ଦେଶର ବସ୍ତ୍ର ତୁଳନାରେ ଭାରତୀୟ ବସ୍ତ୍ର ଏବେ ଆମେରିକାରେ ସବୁଠାରୁ ଶସ୍ତା ହେବ। ପରିସଂଖ୍ୟାନକୁ ଦେଖିଲେ, ନୂତନ ଶୁଳ୍କ ବ୍ୟବସ୍ଥା ଭାରତକୁ ଗୁରୁତ୍ୱପୂର୍ଣ୍ଣ ଲାଭ ଦେବ। ଭାରତୀୟ



ସାମଗ୍ରୀ ଉପରେ ଏବେ ୧୮% ଟିକସ ଲାଗୁ ହେବ, ଯାହା ବାଂଲାଦେଶୀ ସାମଗ୍ରୀ ଉପରେ ୨୦%, ଭିଏତନାମୀୟ ସାମଗ୍ରୀ ଉପରେ ୨୦% ଏବଂ ଚୀନ୍ ସାମଗ୍ରୀ ଉପରେ ୩୦% ଟିକସ ଲାଗୁ ହେବ। ୧୯% ସହିତ ପାକିସ୍ତାନ ମଧ ଭାରତଠାରୁ ପଛରେ ପଡ଼ିଯାଇଛି। ବୟନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ବିଶ୍ୱର ପ୍ରମୁଖ କ୍ରେତାମାନେ ଭାରତରୁ କମ୍ ଟିକସରେ ଗୁଣାତ୍ମକ ସାମଗ୍ରୀ ପାଇପାରିବେ। ଫଳରେ ସେମାନେ ସେମାନେ ବାଂଲାଦେଶ କିମ୍ବା ଚୀନରୁ ସାମଗ୍ରୀ କିଣା କମ୍ କରିବେ। ଯାହାର ସିଧାସଳଖ ଫାଇଦା ପାଇବେ ଭାରତୀୟ ରପ୍ତାନିକାରୀ। ଏମିତିରେ ଏହା ବାଂଲାଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ହୋଇପାରେ। କାରଣ ପୂର୍ବରୁ ୟୁରୋପୀୟ ସଂଘ ସହିତ ଭାରତର ଚୁକ୍ତି ଯୋଗୁ ବାଂଲାଦେଶ ଚାପରେ ଥିଲା। ସୂଚନାଥାଉକି, ଆମେରିକା ବିଶ୍ୱର ସବୁଠାରୁ ବଡ଼ ବଜାର। ଏହାର କପଡ଼ା ମାର୍କେଟ ପ୍ରାୟ ୧୧୮ ବିଲିୟନ ଡଲାରର। ହେଲେ ଅଧିକ ଟିକସ ଯୋଗୁ ଭାରତ ଏପର୍ଯ୍ୟନ୍ତ ଏହି ବଜାରରେ ନିଜର ଶକ୍ତି ପୂର୍ଣ୍ଣ ଭାବରେ ପ୍ରଦର୍ଶନ କରିପାରିନଥିଲା।ତଥାପି, ୱାଶିଂଟନ ସହିତ ଏହି ଡିଲ୍ ଭାରତ ପାଇଁ ଦ୍ୱାର ଖୋଲିଛି। ଭାରତ ପୂର୍ବରୁ ପ୍ରାୟ ୧୦.୫ ବିଲିୟନ ଡଲାର ମୂଲ୍ୟର କପଡ଼ା ଆମେରିକାକୁ ରପ୍ତାନି କରୁଛି। କିନ୍ତୁ ଏବେ ଛାଡ଼ ପରେ ଏହି ସଂଖ୍ୟା ବହୁ ଗୁଣ ବୃଦ୍ଧି ପାଇବାର ଆଶା କରାଯାଉଛି। ସରକାର ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାର ରପ୍ତାନି ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏହି ଚୁକ୍ତି ମଧ ଲକ୍ଷ୍ୟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୯,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୨,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୯,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୯,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୩୫୦ ଓ ୧,୩୯,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ବ୍ୟାସସରୋବର ମହୋତ୍ସବରେ ଶିକ୍ଷାବିତ୍ ଅଭୟ ପତି ଓ ଯୁବ କ୍ରିକେଟର ଅୟେସ ପତି ସମ୍ବର୍ଦ୍ଧିତ



**ଯାଜପୁର ରୋଡ୍,୮।୨ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳରେ ଚାଲିଥିବା ବ୍ୟାସସରୋବର ମହୋତ୍ସବ ଦଶମ ସନ୍ଧ୍ୟାରେ ପୌରାଧକ୍ଷ ସୁବାସ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଚାନ୍ଦବାଲି ବିଧାୟକ ଡଃ ବ୍ୟୋମକେଶ ରାୟ, ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ଅଧକ୍ଷା ସବିତା ରାଉତ ପ୍ରମୁଖ ଯୋଗଦେଇ ଏହି ପୀଠର ଇତିହାସ ଓ ଭୂଗୋଳ ଏଠାକାର ସଂସ୍କୃତି, ପରମ୍ପରା ଉପରେ ଆଲୋକପାତ କରିଥିଲେ। ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ । ଏହି ମହୋତ୍ସବରେ ଶିକ୍ଷାବିତ୍ ତଥା ସାମ୍ବାଦିକ ଅଭୟ ପତି, ଆଇନଜୀବୀ ଅସ୍ମିତା ପତିଙ୍କ ସୁପୁତ୍ର ତଥା ଯୁବ କ୍ରିକେଟର ଅୟେସ ପତି ଏବଂ ସମାଜର ଜନମାନସକୁ ପ୍ରଭାବିତ କରୁଥିବା ପ୍ରତିଭା ଓ କାଉନସିଲରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟଙ୍ଗକବି ବାଇଧର ମାଝୀ ଓ ଆଦ୍ୟାଶ୍ରୀ ମଂଚ ପରିଚାଳନା କରିଥିଲେ। ସମସ୍ତ ପୌର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରୋଟାରୀ ତରଫରୁ ଦୁଇ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ




**ବୈଶିଙ୍ଗା,୮।୨ (ସଂଚାର ବ୍ୟୁରୋ):** ରୋଟାରୀ ଇଣ୍ଟରନେସନାଲ ୩୨୬୨ ପ୍ରୋଜେକ୍ଟ ଓ ରୋଟାରୀ କ୍ଲବ ବ୍ରହ୍ମପୁର ସେଣ୍ଟ୍ରାଲ ଦ୍ୱାରା ପ୍ରଦତ୍ତ ଦୁଇଗୋଟି ହୁଇଲ୍ ଚେୟାର ବେତନଟୀ ନିକଟ ବାହାନଡା ଗ୍ରାମର ପୋଲିଓ ଆକ୍ରାନ୍ତ ଲକ୍ଷ୍ମୀଧର ନାୟକ ଓ ଉପର ଖମାରୀ ଗ୍ରାମର ପାରାଲିଶିସ ରୋଗୀ ରତିକାନ୍ତ ମହାନ୍ତ ଙ୍କୁ ପ୍ରଦାନ କରାଗଲା।ବେତନଟୀ ରୋଟାରୀ କ୍ଲବ୍ ର ସଭାପତି ଶ୍ରୀ ଗିରିଧାରୀ ସାହୁ,ସମ୍ପାଦକ ଶ୍ରୀ ରବୀନ୍ଦ୍ର ନାଥ ମିଶ୍ର,ପୂର୍ବ ସଭାପତି ଶ୍ରୀ ବସନ୍ତ କୁମାର ମହାନ୍ତ, ଶ୍ରୀ ଭଗିରଥ ପଣ୍ଡିତ,ସଭାପତି ନିର୍ବାଚିତ ଶ୍ୟାମ ପ୍ରସାଦ ମାଢୁଆଲ ଓ ସଭ୍ୟ ପ୍ରକାଶ ବେହେରା ଓ ଗ୍ରାମବାସୀ ଙ୍କ ଉପସ୍ଥିତି ଓ ସହଯୋଗ ରେ ଉକ୍ତ କାର୍ଯ୍ୟକ୍ରମ ଟିକୁ ସମ୍ପାଦନା କରାଗଲା। ରୋଟାରୀ କ୍ଲବର ଏହି ଭଳି ସେବା କାର୍ଯ୍ୟକୁ ଗ୍ରାମବାସୀମାନେ ବହୁତ ପ୍ରଶଂସା କରିଛନ୍ତି । ରୋଟାରୀ କ୍ଲବ ୨୦୨୫-୨୬ ସଭାପତି ଓ ସମ୍ପାଦକ କ୍ଲବ ବରିଷ୍ଠ ସଦସ୍ୟ ମାନଙ୍କ ସହଯୋଗରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକରି ବେଶ ପ୍ରଶଂସା ଅର୍ଜନ କରିଥିବାରୁ ଚଟାର୍ଡ଼ ସଭାପତି ଶୈଳେନ୍ଦ୍ର କୁମାର ଖଣ୍ଡେଲୱାଲ ସାଧୁବାଦ ଜଣାଇଛନ୍ତି।

## ଉପକୂଳ ବିକାଶ ପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**ବାଲିଆପାଳ,୮।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ବେଳାଭୂମିଠାରେ ଉପକୂଳ ବିକାଶ ପରିଷଦ ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ଓ ଡଗରା ବେଳାଭୂମି ଏକ ସ୍ୱଚ୍ଛ ସୁନ୍ଦର ବେଳାଭୂମିରେ ପରିଣତ ହୋଇପାରିବ ଲକ୍ଷ୍ୟ ନେଇ ଏହି ସଫେଇ କାର୍ଯ୍ୟରେ ପରିଷଦର ୨୦୦ ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ଥିଲେ।ପରେ ବେଳାଭୂମି ଠାରେ ଥିବା ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ପରିଷଦର ସଭାପତି ମନୋରଞ୍ଜନ ବେହେରା ଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବେଳାଭୂମି ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ବଡ଼ ଗୁମୁଟି ଛକ ଠାରୁ ବେଳାଭୂମି ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା, ପାନୀୟ ଜଳ, ଶୌଚାଳୟ, ପାନ୍ଥନିବାସ, ଆଲୋକି କରଣ, ମେରାଇନ ଥାନା ପ୍ରଭୃତି ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଯାହା ଫଳରେ ଧୀରେ ଧୀରେ ଓଡ଼ିଶା ତଥା ଅନ୍ୟ ରାଜ୍ୟରୁ ଛୁଟି ଆସୁଥିବା ପର୍ଯ୍ୟଟକମାନେ ମୁହଁ ବେଳାଭୂମିରୁ ମୁହଁ ଫେରାଉଛନ୍ତି ବୋଲି ପରିଷଦର ଉପସଭାପତି ସାର୍ଥକ ରଣଜିତ, ସମ୍ପାଦକ ନିତ୍ୟାନନ୍ଦ ଜେନା, ସହ ସମ୍ପାଦକ ସନ୍ତୋଷ ଗିରି, ସଦସ୍ୟ ସୁଶାନ୍ତ ପାତ୍ର, ହରିହର ଜେନା ପ୍ରମୁଖ କହିଛନ୍ତି। ଆଗାମୀ ଦିନରେ ସରକାର ବେଳାଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ଗ୍ରହଣ ନକରନ୍ତି ପରିଷଦ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କୋଷାଧକ୍ଷ ଅଶ୍ୱିନୀ କୁମାର ପାତ୍ର ଚେତାବନୀ ଦେଇଛନ୍ତି। ଏହା ବ୍ୟତିତ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହିତ ଫେବୃଆରୀ ୨୨ ତାରିଖ ଦିନ ପ୍ରତାପ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷଦ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ପ୍ଲାଷ୍ଟିକ ବ୍ୟବହାରକୁ ନା ; ମାନୁଛି କିଏ

**କାକଟପୁର/ଅସ୍ତରଙ୍ଗ,୮।୨ (ସଂଚାର ବ୍ୟୁରୋ):** ଏକକ ପଲିଥିନ ବା ପ୍ଲାଷ୍ଟିକରେ ଲାଗୁନି ବ୍ରେକ। ଦିନକୁ ଦିନ ବୃଦ୍ଧି ପାଉଛି ଏହାର ବ୍ୟବହାର। ଶିକ୍ଷାର ମନ୍ଦିର ବିଦ୍ୟାଳୟ ରେ ପ୍ଲାଷ୍ଟିକି ବ୍ୟବହାର ନ କରିବାକୁ ସଚେତନ ବଦଳରେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ ଜାଣି ଅଧିକ ମାତ୍ରାରେ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ବ୍ୟବହାର ଯାହା ବୁଦ୍ଧିଜୀବୀ ମହଲରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଯାହାକି ପ୍ଲାଷ୍ଟିକ ବ୍ୟାନ ସଚେତନ ଫେଲ ମାରିଛି ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ବ୍ଲକର ମୁଖ୍ୟ ଉଚ୍ଚ ବିଦ୍ୟାଳୟ ଭାବେ ବେଶ ପରିଚିତ। ଏଠାରେ ଶତାଧିକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ ବଦଳରେ




### ବିଦ୍ୟାଳୟ ବାର୍ଷିକ ଉତ୍ସବରେ ପ୍ଲାଷ୍ଟିକର ବହୁଳ ବ୍ୟବହାର

କିନ୍ତୁ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ବିଦ୍ୟାଳୟ ପରିସରର ମୁଖ୍ୟ ଫାଟକ ଠାରୁ ମଞ୍ଚ ପର୍ଯ୍ୟନ୍ତ ପ୍ଲାଷ୍ଟିକି କୁଣ୍ଡ ବହୁଳ ବ୍ୟବହାର ଦେଖିବାକୁ ମିଳିଛି। କେବଳ କାଗଜ କଲମରେ ଜିଲ୍ଲା ପ୍ରଶାସନ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଥିବା ବେଳେ ବାସ୍ତବରେ ଶିକ୍ଷାର ମନ୍ଦିର ବିଦ୍ୟାଳୟରୁ ହିଁ ଜଣାପଡୁଛି ଫଳଶୂନ। ଏକକ ବ୍ୟବହୃତ ପଲିଥିନ ଓ ପ୍ଲାଷ୍ଟିକ ପରିବେଶ ପାଇଁ ବହୁତ କ୍ଷତିକାରକ। ଏହା ସହଜରେ ମାଟିରେ ମିଶିନଥାଏ। ଏହା ମାଟିରେ ମିଶିବାକୁ ଶହ ଶହ ବର୍ଷ ଲାଗିଥାଏ। ଫଳରେ ମାଟି ଭିତରେ ପଲିଥିନ ଅଥବା ପ୍ଲାଷ୍ଟିକ ଜମି ରହିବା ଫଳରେ ଭୂତଳ ଜଳ ବୃଦ୍ଧିରେ ବାଧକ ସାଜିଥାଏ। କିନ୍ତୁ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକ ନ କରିବାକୁ ସଚେତନ କରିବା ପରିବର୍ତ୍ତେ ବାର୍ଷିକ ଉତ୍ସବରେ ବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକ କୁଣ୍ଡ ଗଛ ବ୍ୟବହାରକୁ ସଚେତନତାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏଣୁ ବିଦ୍ୟାର ମନ୍ଦିର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରିବା ପରିବର୍ତ୍ତେ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବହୁଳ ବ୍ୟବହାର ଉପରେ ପ୍ରଶାସନ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବେଶବିତ୍‌ମାନେ ଦାବୀ କରିଛନ୍ତି।

## ଶିଶୁ ପାଇଁ ଦିନଟିଏ ଅବସରରେ ବ୍ଲକସ୍ତରୀୟ ଟାସ୍କ ଫୋର୍ସ ବୈଠକ




**ଧାମନଗର,୮।୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅଧିନ ମିଶନ ଶକ୍ତି ସଭାଗୃହରେ ତ୍ରୈମାସିକ ବ୍ଲକସ୍ତରୀୟ ଟାସ୍କ ଫୋର୍ସ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧାମନଗର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦମୟନ୍ତୀ ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଶିଶୁ ସୁରକ୍ଷା ଆଇନ୍ ଅଧିକାରୀ ସୁବ୍ରତ ଦାସ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅନନ୍ତ ମୁଣ୍ଡା ଓ ପ୍ରଗତି ଜେନା, ଥାନା ଏସଆଇ ରଶ୍ମିତା ମଲ୍ଲିକ ଓ ଶିକ୍ଷା ବିଭାଗର ବି.ଆର.ପି.ପ୍ରଦିପ୍ତ ରାଉତ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ପାଇଁ ସରକାର ବିଭିନ୍ନ ଆଇନ ଓ ନିୟମ ଜାରି କରିଛନ୍ତି। ୧୮ ବର୍ଷ ତଳେ ସମସ୍ତେ ଶିଶୁ ଭାବେ ଗଣ୍ୟ। ଶିଶୁଙ୍କ ସହିତ ହେଉଥିବା ଯେକୌଣସି ପ୍ରକାର ଅନ୍ୟାୟ, ଅବହେଳା, ଶୋଷଣ ଓ ହିଂସା ଆଇନଗତଃ ଅପରାଧ। ବାଲ୍ୟବିବାହ, ଶିଶୁ ଶ୍ରମ, ନାବାଳିକାଙ୍କ ଉପରେ ଅପରାଧକୁ ରୋକିବା ପାଇଁ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଶ୍ରମ ଆଇନ ଓ ପୋସ୍କ ଆଇନ ଲାଗୁ ହେଉଛି। ଏହି ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଶିଶୁମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ୧୦୯୮ ଶିଶୁ ସହାୟତା ହେଲ୍ପଲାଇନ କାର୍ଯ୍ୟରତ ହୋଇଅଛି। ଶିଶୁଙ୍କ ଅଧିକାର ରକ୍ଷା ପାଇଁ ପ୍ରଶାସନ ସହିତ ସମାଜର ସମସ୍ତଙ୍କ ସହଯୋଗ ଅତ୍ୟାବଶ୍ୟକ ଓ ପାରିବାରିକ ସ୍ତରରେ ସଚେତନତା ବୃଦ୍ଧି ହେଲେ ଶିଶୁ ସମସ୍ୟାକୁ ପ୍ରାଥମିକ ପର୍ଯ୍ୟାୟରେ ହିଁ ପ୍ରତିହତ କରାଯାଇପାରିବ ବୋଲି ଶିଶୁ ସୁରକ୍ଷା ଆଇନ୍ ଅଧିକାରୀ ସୁବ୍ରତ ଦାସ ଓ ଅନ୍ୟ ଅଧିକାରୀ ମତବ୍ୟକ୍ତ କରିଥିଲେ।

## ଡୁଙ୍ଗୁରୀପାଲି ବ୍ଲକରେ ବିଡିଓ ସଞ୍ଜୀବ କୁମାର ସାହୁଙ୍କ ଯୋଗଦାନ



**ସୁବର୍ଣ୍ଣପୁର,୮।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ନୂତନ ବିଡିଓ ଭାବେ ଯୋଗ ଦେଲେ ସଞ୍ଜୀବ କୁମାର ସାହୁ । ୨୦୨୫ ବର୍ଷରେ ସୋନପୁର ବ୍ଲକରେ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରି କିଛି ମାସ ଏ ବ୍ଲକର ବହୁ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସେ ଖୁବ ପ୍ରଶଂସା ପାଇଥିଲେ। ପୁଣି ସେ ସମସ୍ତଙ୍କୁ ଫିଟ୍ ରହିବା ପାଇଁ ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀକୁ ସାଇକେଲରେ ଯିବା ସହ ପ୍ରଶଂସା ସାଉଁଟି ଥିଲେ। ଶ୍ରୀ ସାହୁ ଡୁଙ୍ଗୁରିପାଲିରେ ଯୋଗ ଦେବା ପରେ ସ୍ଥାନୀୟ ରେଲୱେ ଷ୍ଟେସନରେ ଦୀର୍ଘ ବର୍ଷରୁ ଜମି ଥିବା ଅଳିଆ ଆବର୍ଜନାକୁ ପ୍ରଥମେ ସାମୂହିକ ଭାବରେ ସଫେଇ ଅଭିଯାନ କରି ସହରର ପରିବେଶକୁ ସ୍ୱଚ୍ଛ ସୁନ୍ଦର ରଖିବାକୁ ସହରବାସୀଙ୍କୁ ନିବେଦନ କରିଛନ୍ତି ।

## ନରୋଦା ଶାଖା ତରଫରୁ ବ୍ୟାରିକେଡ ପ୍ରଦାନ




**ବାଲିପାଟଣା,୮।୨ (ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ର ନରୋଦା ଶାଖା ତରଫରୁ ଆଜି ବ୍ୟାଙ୍କ ନିକଟସ୍ଥ ନରୋଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର ସଡ଼କ ସୁରକ୍ଷାକୁ ଲକ୍ଷ୍ୟରେ ରଖି ରାସ୍ତା ପାରିହେବା ନିମନ୍ତେ ଦୁଇଟି ବ୍ୟାରିକେଡ ପ୍ରଦାନ କରାଯାଇଛି । ଏଥିରେ ଶ୍ରୀଯୁକ୍ତ ଭରତ କୁମାର ସାହୁ (ଆର୍.ଏମ୍) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠା ଓ ଏକାଗ୍ରତା ଲକ୍ଷ୍ୟ ରଖି ସତ୍ୟ ପଥରେ ଅଗ୍ରସର ହେବାକୁ ଉପଦେଶ ଦେଇଥିଲେ। ଏହି ପ୍ରାଥମିକ ବିଦ୍ୟାଳୟ ର ସମ୍ମୁଖରେ ନିମାପଡ଼ା-ବାଲିପାଟଣା ରାସ୍ତା ଯାଇଥିବାରୁ ପିଲା ମାନଙ୍କର ସୁରକ୍ଷିତ ଯାତ୍ରା ତଥା ଭିଡ ନିୟନ୍ତ୍ରଣ ପାଇଁ ବ୍ୟାଙ୍କ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଥିବା ନେଇ ଶ୍ରୀଯୁକ୍ତ ସାହୁ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସ୍.ବି.ଆଇ ନରୋଦା ଶାଖାର ଶାଖା ପ୍ରବନ୍ଧକ ମନୋଜ କୁମାର ସେଠୀ କାର୍ଯ୍ୟ କ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସମୟାନୁବର୍ତ୍ତିତା ହେବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ସାନଚେରଗାଁ ଧାନ ମଣ୍ଡିରେ ଚାଷୀଙ୍କ ଧାରଣା



**କଳାହାଣ୍ଡି,୮।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପରିଆ ପେକ୍ସର ଚାଷୀମାନେ ସାନଚେରଗାଁ ଧାନ ମଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣା ସାନଚେରଗାଁ ଧାନମଣ୍ଡିରେ ଚାଷୀମାନେ ଧାରଣା ଦେଇଛନ୍ତି। ସୂଚନାରୁ ପ୍ରକାଶ ଧାନ ମଣ୍ଡିର ଟାର୍ଗେଟ ଶେଷ ହେବା ଫଳରେ ଅନେକ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି। ଏନେଇ କେଗାଁ, ସିନାପାଲି ଓ ନୂଆଗାଁ ପଞ୍ଚାୟତର ସ୍ଥଳରେ ଧର୍ମଗଡ଼ ଉପଖଣ୍ଡସ୍ତରୀୟ ଏସିଏସଓ ରାଜାରାମ ହୋତା ଓ ଏଆରସିଏସ୍ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସତ୍ତ୍ୱେ ବି ଚାଷୀ ଧାରଣାରୁ ହଟି ନଥିଲେ। ପରେ ଗୋଲାମୁଣ୍ଡା ଅତିରକ୍ତ ତହସିଲଦାର ଅନୁଭବ ମହାନ୍ତି ପହଞ୍ଚିବା ସହିତ କେଗାଁ ଥାନା ଆଇଆଇସି ସଙ୍ଗୀତ ବେକ ମଧ ପହଞ୍ଚିଥିଲେ। ଚାଷୀ ଓ ପ୍ରଶାସନ ମଧରେ ଦୀର୍ଘ ତିନି ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏପରି ମଣ୍ଡିରେ ଥିବା ସମସ୍ତ ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ହଟିଥିଲେ।

## ଭବାନୀ ମିଶ୍ର ବିଜୁ ଯୁବଛାତ୍ର ଜନତା ଦଳର ଜିଲ୍ଲା ସଂପାଦକ



**ବୈଶିଙ୍ଗା,୮।୨ (ସଂଚାର ବ୍ୟୁରୋ):** ଛାତ୍ରାବସ୍ଥାରୁ ଏବଂ ବିଜୁ ବାବୁଙ୍କ ସମୟରୁ ଜନତା ଦଳରୁ ଯୁବ ସଙ୍ଗଠନର ବିଭିନ୍ନ ଦାୟିତ୍ୱ ଓ ପଦ ପଦବୀ ସମ୍ଭାଳି ଆସିଥିବା ବେତନଟୀ ବ୍ଲକ ଦହିକୋଟୀ ଗ୍ରାମର ସ୍ୱର୍ଗତଃ ଜଗବନ୍ଧୁ ମିଶ୍ର ଙ୍କ ବଡ଼ ପୁଅ ଭବାନୀଶଙ୍କର ମିଶ୍ର ସଙ୍ଗଠନ ଠାରୁ ଦୂରରେ ରହି ଆସିବା ପରେ ଜିଲା ବିଜୁ ଜନତା ଦଳର ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ତାଙ୍କୁ ବିଜୁ ଜନତା ଦଳର ଜିଲା ସଙ୍ଗଠନର ସମ୍ପାଦକ ଦାୟିତ୍ୱ ଦେଇଥିବା ଜଣାଯାଇଛି। ନୂଆ କରି ଜିଲା ସଙ୍ଗଠନରେ ସମ୍ପାଦକ ଦାୟିତ୍ୱ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହିତ ବିଜେଡିର ଅନେକ ଯୁବନେତା ତଥା ବରିଷ୍ଠ ନେତୃତ୍ୱ ସ୍ୱାଗତ ଜଣାଇଛନ୍ତି। ବିଜୁ ଜନତା ଦଳର ଆଭ୍ୟନ୍ତରୀଣ କନ୍ଦଳ ଘନୀଭୂତ ହେଉଥିବା ବେଳେ ଏବଂ ଜିଲାରେ ତଥା ନିର୍ବାଚନ ମଣ୍ଡଳୀ ମାନଙ୍କରେ ଗୋଷ୍ଠୀ ବିବାଦ ଯୋଗୁଁ ଦଳର ସ୍ଥିତି ଦୁର୍ବଳ ହୋଇ ପଡିଥିବା ସମୟରେ ଛାତ୍ରାବସ୍ଥାରୁ ସଙ୍ଗଠନ ସହିତ ଜଡିତ ହୋଇ ଆସିଥିବା ଭବାନୀ ଶଙ୍କର ମିଶ୍ର ବେଶ ପରିଚିତ ଏବଂ ଦଳରେ ଜିଲା ଠାରୁ ରାଜ୍ୟ ସଙ୍ଗଠନ ପର୍ଯ୍ୟନ୍ତ ସେ ବେଶ ପରିଚିତ। ଏଣୁ ଦଳକୁ ସଜାଡିବାରେ ସେ ପ୍ରମୁଖ ଦାୟିତ୍ୱ ନେବେ ବୋଲି ଆଜି ଏଠାରେ ସ୍ୱତନ୍ତ୍ର ସାକ୍ଷାତରେ ପ୍ରକାଶ କରିଛନ୍ତି ।

## ସୁବର୍ଣ୍ଣପୁର ପଣ୍ଡରା ମାଳି ସମାଜର ନୂତନ କମିଟି ଗଠନ



**ସୁବର୍ଣ୍ଣପୁର,୮।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ମହାକେନ୍ଦ୍ର, ପଣ୍ଡରା ମାଳି ସମାଜ ନୂତନ କମିଟି ମହାକେନ୍ଦ୍ରର ମନୋନୟନ ଅଧିକାରୀ ପ୍ରେମାନନ୍ଦ ବିଶି, ସହଯୋଗୀ ମନୋନୟନ ଅଧିକାରୀ ଅଶ୍ୱିନୀ ବିଶି ଓ ଶିବ ସାହୁଙ୍କ ତତ୍ତ୍ୱାବଧାନରେ ନୂତନ କମିଟି ଗଠନ କରାଯାଇଅଛି । ରଞ୍ଜନ କୁମାର ମହଲା -ସଭାପତି, ପଙ୍କଜ ଖମାରୀ-ଉପସଭାପିତି, ପରୀକ୍ଷ ସା- ସଂପାଦକ, ଈଶ୍ୱର ବିଶି- ସହସଂପାଦକ, କୁବେର ସା- କୋଷାଧକ୍ଷ, ଉପଦେଷ୍ଟା ମଣ୍ଡଳୀ ଭବେ ବୃନ୍ଦାବନ ସା, ବୈବସ୍ୱତ ଚୌହାନ, ବିପିନ ବିହାରୀ ଖମାରୀ, ପଞ୍ଚୁ ସାହୁ, ବିଷ୍ଣୁ ଚରଣ ମହଲା, ସମୀକ୍ଷକ ଭବେ ସୀତାରାମ ଭୋଇ ଓ ନାଥ ସା ସର୍ବସମ୍ମତି କ୍ରମେ ମନୋନୀତ ହେଲେ। ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଉପକେନ୍ଦ୍ର କର୍ମକର୍ତ୍ତା ଉପସ୍ଥିତ ରହି ମନୋନୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଡୁମୁରି ଉପକେନ୍ଦ୍ରର ସଭାପତି ପ୍ରିୟବ୍ରତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସେହିପରି ସୁବର୍ଣ୍ଣପୁର ଉପକେନ୍ଦ୍ର ପଣ୍ଡରାମାଳି ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି - ରାମଶଙ୍କର ଖମାରୀ, ଉପସଭାପତି -ମନୋରଞ୍ଜନ ନାଏକ, ସମ୍ପାଦକ - ମହାଦେବ ମଲ୍ଲିକ, ସହସମ୍ପାଦକ, ଇଶ୍ୱର ବିଶି, କୋଷାଧକ୍ଷ ଶଙ୍କର ବିଶି, ଉପଦେଷ୍ଟା ଶିବରାମ ସାହୁ, ସମୀକ୍ଷକ ସୀତାରାମ ଭୋଇ ଭାବେ ନିର୍ବାଚିତ ହୋଇଥିଲେ।

## ବିଜୁ ଜନତା ଦଳ ପକ୍ଷରୁ ବନ୍ଧୁମିଳନ ଓ କର୍ମୀ ସମାବେଶ




**ବାଲିକୁଦା,୮।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ମୁଲୁଗାଁ ଗ୍ରାମ ପଞ୍ଚାୟତର ବ୍ରହ୍ମେଶ୍ୱର ଶୈବ ପୀଠରେ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ ଏବଂ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଲୁଗାଁ ବିଜୁ ଜନତା ଦଳର ସଭାପତି ପ୍ରତାପ ଜେଠୀଙ୍କ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ବାଲିକୁଦା -ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ, ସମ୍ମାନୀୟ ଅତିଥିଭାବେ ଦଳର ରାଜ୍ୟ ସମ୍ପାଦକ କମଳାକାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ମୁଲୁଗାଁ ସରପଞ୍ଚ ଦଧିବାବନ ମଲ୍ଲିକ, ବାହାରଣା ସରପଞ୍ଚ ମାନସ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ଉପସ୍ଥିତ ଶତାଧିକ ବିଜୁ ଜନତା ଦଳର କର୍ମୀ ମାନଙ୍କୁ ଅତିଥିମାନେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତାକୁ ନେଇ କଡା ସମାଲୋଚନା କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିପରି ସଫଳତା ହାସଲ କରିବ ସେନେଇ ଆଲୋକପାତ କରିଥିଲେ। ଏହି ସଭାରେ ସ୍ଥାନୀୟ ୭୦ ଜଣ ବରିଷ୍ଠ ବିଜୁ ପ୍ରେମୀଙ୍କୁ ବିଧାୟକ ଶ୍ରୀ ଜେନା ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ଦେଇ ସାମ୍ମାନୀତ କରିଥିଲେ।

## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଫୁଲବାଣୀ,୮।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀ ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଖୁବ୍ ଯାକଜମକରେ ବିଦ୍ୟାଳୟର ପ୍ରାଙ୍ଗଣରେ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରିତାରାଣୀ କହଁର ଆୟୋଜିତ ସଭାରେ ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବାର୍ଷିକ ବିବରଣୀ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ପଞ୍ଚାୟତ ସମିତି ଅଧକ୍ଷା, ସସ୍ମିତା କହଁର କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବ୍ୟକ୍ତିଗତ ଶିକ୍ଷା କ୍ଷେତ୍ରରେ ଥିବା ଅନୁଭୂତିକୁ ବଖାଣି ଛାତ୍ରଛାତ୍ରୀ ମାନଙ୍କୁ ଅଗ୍ରସର ହେବା ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର ଯୋଗ ଦେଇ ତାଙ୍କର ଓଜସ୍ୱିନୀ ଭାଷଣ ଜରିଆରେ ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କୁ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ କରାଇଥିଲେ। ସେ ଛାତ୍ରଛାତ୍ରୀଙ୍କ ବିକାଶରେ ଅଭିଭାବକ , ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ସମାନ ଭାଗୀଦାରୀତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ପ୍ରମୁଖୀ ଖମାରୀ, ବିବି ଉଚ୍ଚ ବିଦ୍ୟାଳୟ, ଲାଇନପଡାର ପ୍ରଧାନ ଶିକ୍ଷକ ସୋମନାଥ ସାହାଣୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରଜ ଦିଗାଲ ଏବଂ ପାଞ୍ଚସଖା କମିଟିର ସଭାପତି ପ୍ରଭୁ ଚରଣ ପ୍ରଧାନ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲ।

## ବଲାଙ୍ଗୀର ମାରାଥନ ଆସୋସିଏସନ୍‌ର ସାଇକଲ ଆରୋହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ସୁବର୍ଣ୍ଣପୁର,୮।୨ (ସଂଚାର ବ୍ୟୁରୋ):** ଆଜି ଭୋର୍ ୪.୩୦ରେ ସାଇକଲ ଯାତ୍ରା କରି ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍ ଠାରେ ପହଞ୍ଚି ଥିଲେ ବଲାଙ୍ଗିର ମାରାଥନ ଆସୋସିଏସନ୍ ପ୍ରତିନିଧି ଦଳ। ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ ପ୍ରଥମେ ମିଡିଆଙ୍କୁ ସମ୍ବୋଧନ କରି ଆମେ ସାଇକଲ ଚଳାଇବା ଦ୍ୱାରା ନିଜକୁ ସୁସ୍ଥ ରଖିବା ସହ ଅନ୍ୟମାନଙ୍କୁ ସୁସ୍ଥ ରଖି ପରିବା ବୋଲି ବଲାଙ୍ଗୀର ମାରାଥନ ସଂଘ ସଦସ୍ୟ କହିଥିଲେ। ପାଞ୍ଚ ବର୍ଷ ପୂର୍ବରୁ ଏ ସଙ୍ଗଠନ ଏଇ ସଚେତନତା ଅଭିଯାନ ଆରମ୍ଭ କରିଥିବା ବେଳେ "ପରିବେଶ ସୁରକ୍ଷା ସହ ସ୍ୱାସ୍ଥ୍ୟ ସୁରକ୍ଷା", "ରୋଗ ମୁକ୍ତ ଓ ନିଶା ମୁକ୍ତ ସମାଜ ଗଠନ" ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ମତ ରଖି ଥିଲେ। ଏବେକାର ଯୁବପୀଢ଼ିଙ୍କୁ ନିଶା ଠାରୁ ଅନଲାଇନ୍ ଗେମ୍ ଠାରୁ ଦୂରେଇ ରଖି ଯୋଗ ପ୍ରାଣାୟାମ ଖେଳ କୁଦ ବ୍ୟାୟାମ ଓ ସାଇକଲ ଚଳାଇବା ଅଭ୍ୟାସ କରି ନିଜକୁ ସୁସ୍ଥ ରଖିବା ସହ ପରିବାର ଓ ସମାଜକୁ ଏ ବାର୍ତ୍ତା ପହଞ୍ଚାଇବା, ଯୁବପିଢ଼ୀ ପଥଭ୍ରଷ୍ଟ ନ ହେବାକୁ ମାରାଥନ ସ୍କ୍ୱାର୍ଡ ନିବେଦନ କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଭିଡିଓ କଲ୍ ଜରିଆରେ ଏ ମାରାଥନ ଆସୋସିଏସନ୍ କର୍ମକର୍ତ୍ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣାଇ ଏ ଫିଟ୍ ଇଣ୍ଡିଆ ସଚେତନତା ଯାତ୍ରାର ସଫଳତା କାମନା କରି ଏ ଅଭିଯାନ ଜାରି ରଖିବାକୁ କହି ଏକ ସୁସ୍ଥ ସୁନ୍ଦର ଜୀବନ ଟିଏ ଜିଁଇବାକୁ ପରାମର୍ଶ କରିଥିଲେ। ଜିଲ୍ଲା କ୍ରୀଡା ସଂଘ, ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ , ସାମ୍ବାଦିକ ସଂଘ, ରମଧୁନ୍ କ୍ଲବ୍, ବେସରକାରୀ ବସ ସଂଘ, ସ୍ୱଚ୍ଛ ଭାରତ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ବାଇକ ଦୁର୍ଘଟଣାରେ ମହିଳା ଗୁରୁତର



**ବୈଶିଙ୍ଗା,୮।୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ଗାଙ୍ଗପୁରା ଛକ ନିକଟରେ ରବିବାର ସନ୍ଧ୍ୟା ୬ଟା ସମୟରେ ଏକ ଅଜଣ ବାଇକ ଧକ୍କାରେ ଜନୈକା ମହିଳା ଗୁରୁତର ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଦୁର୍ଗାପୁର - ମିରିଗା ଗ୍ରାମର ଶ୍ରୀକାନ୍ତ ସିଂଙ୍କ ପତ୍ନୀ ଝୁନୁ (୩୦) ନିଜ ବାପ ଘର ଗଡଦେଉଳିଆ ଗ୍ରାମର କଟିଆ ସିଂ ଘରୁ ସନ୍ଧ୍ୟା ସମୟରେ ଶାଶୁ ଘର ମିରିଗାକୁ ଯାଇଥିବା ସମୟରେ ଗାଙ୍ଗପୁରା ନିକଟରେ ରାସ୍ତା ପାରି ବେଳେ ଏକ ଅଜଣା ବାଇକ ଧକ୍କା ଦେଇ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଅଟୋ ଯୋଗେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ମହିଳାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ଜାଣି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରି ଦେଇଥିଲେ । ସେ ଏବେ ବାଲେଶ୍ୱରରେ ଚିକିତ୍ସିତ ହେଉଥିବା ଜଣାଯାଇଛି ।

## ଆଶ୍ରମପାଟଣା ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ




**ପାରାଦୀପ,୮।୨ (ସଂଚାର ବ୍ୟୁରୋ):** ଆଶ୍ରମପାଟଣା ଉପ୍ରା ବିଦ୍ୟାଳୟ ପରିସରରେ ଦ୍ୱିତୀୟ ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ଚାଲି ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗତସିଂହପୁର ଡ଼ ସୁଶାନ୍ତ ମହାନ୍ତି, ମୁଖ୍ୟବକ୍ତା ଭାବେ ଖଇରଙ୍ଗ ପଂଚାୟତର ସରପଞ୍ଚ ଲିପକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ କିଶୋର କୁମାର ବେହେରା, ରସଲପୁର କ୍ଲଷ୍ଟରର ସିଆରସିସି ରୀତା ସାମଲ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ଆଚାର୍ଯ୍ୟ ଓ ସୁଶାନ୍ତ ଦାସ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ସଂଚାର SANCHAR
ସୋମବାର ୯ ଫେବୃଆରୀ ୨୦୨୬




# ସ୍ୱାସ୍ଥ୍ୟ

# ଦ୍ୱିତୀୟ ସନ୍ତାନ ପାଇଁ କେତେ ଗ୍ୟାପ୍ ଦେବା ଜରୁରୀ ?



ଛୁଆଟିଏ ଜନ୍ମ ଦେବା ସବୁ ବାପା ମାଆଙ୍କ ସ୍ୱପ୍ନ। ମାତୃତ୍ୱ ଲାଭ କରିବା ପାଇଁ ଆମ ସମାଜରେ କେତେ ପୂଜା ବ୍ରତ କରନ୍ତି। ଡାକ୍ତରଙ୍କ ପରାମର୍ଶ ନେବା ସହ ସ୍ୱାସ୍ଥ୍ୟ ଉପରେ ମଧ ଧ୍ୟାନ ଦିଅନ୍ତି। ପ୍ରଥମ ସନ୍ତାନ ଜନ୍ମ ହେବା ସମସ୍ତଙ୍କୁ ଖୁସି ଦେଇଥାଏ। ଯଦି ପ୍ରଥମେ ଝିଅ ହୁଏ କିମ୍ବା ପୁଅ ତାହେଲେ ପ୍ରାୟ ଲୋକେ ଦ୍ୱିତୀୟ ସନ୍ତାନ ପାଇଁ ଇଛା କରିଥାନ୍ତି। ତେବେ ମାତୃତ୍ୱ କଷ୍ଟ ଏତେ ସହଜ ନୁହେଁ। ମହିଳାମାନେ ମାଆ ହେଲେ ଅନେକ କଷ୍ଟ ଅନୁଭବ କରିଥାନ୍ତି। ଗର୍ଭାବସ୍ଥାରେ ଶରୀର ଉପରେ ଅଧିକ ଚାପ ପଡ଼ିଥାଏ। ଥକ୍କାପଣ, ଦୁର୍ବଳତା ଏବଂ ଜଟିଳତାର ଆଶଙ୍କା ବୃଦ୍ଧି ପାଏ। ପ୍ରଥମ ସନ୍ତାନର ଯତ୍ନ ନେବା ସହିତ ମା'ର ସୁସ୍ଥତାକୁ ସନ୍ତୁଳିତ କରିବା ମଧ ଗୁରୁତ୍ୱପୂର୍ଣ୍ଣ। ଏଣୁ ଦ୍ୱିତୀୟ ସନ୍ତାନ ଜନ୍ମ ଦେବା ପୂର୍ବରୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି।

## ଦ୍ୱିତୀୟ ସନ୍ତାନ ପାଇଁ କେତେ ଗ୍ୟାପ୍ ଜରୁରୀ ?

ଆରଏମଏଲ ହସ୍ପିଟାଲର ସ୍ତ୍ରୀ ରୋଗ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ସଲୋନି ଚଢ଼ାକହିଛନ୍ତି କି, ପ୍ରଥମ ପ୍ରସବ ପରେ ୧୮ ରୁ ୨୪ ମାସର ବ୍ୟବଧାନ ସାଧାରଣତଃ ଦ୍ୱିତୀୟ ସନ୍ତାନ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ। ଏହି ସମୟ ମା'ଙ୍କ ଶରୀରକୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଏବଂ ତାଙ୍କ ପୁଷ୍ଟିସାର ସ୍ତରକୁ ଉନ୍ନତ କରିବାକୁ ଅନୁମତି ଦିଏ। ଯଦି ପ୍ରଥମ ପ୍ରସବ ସିଜରିଙ୍ଗ ହୋଇଥାଏ ତେବେ ସିଲେଇ ଏବଂ ଗର୍ଭାଶୟକୁ ସୁସ୍ଥ ହେବା ପାଇଁ ପର୍ଯ୍ୟାପ୍ତ ସମୟ ଦେବା ଜରୁରୀ। କମ୍ ବ୍ୟବଧାନରେ ଯଦି ଦ୍ୱିତୀୟ ସନ୍ତାନ ପାଇଁ ଗର୍ଭଧାରଣ କରନ୍ତି ତାହେଲେ ମାଆଙ୍କ ଶରୀର ଉପରେ ପ୍ରଭାବ ପକାଇଥାଏ।

## ଏହି ବ୍ୟବଧାନ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ପ୍ରଥମ ଏବଂ ଦ୍ୱିତୀୟ ଗର୍ଭାବସ୍ଥା ମଧ୍ୟରେ ପର୍ଯ୍ୟାପ୍ତ ବ୍ୟବଧାନ ବଜାୟ ରଖିବା ଦ୍ୱାରା ମା'ର ଶରୀରରୁ କମିଥିବା ପୁଷ୍ଟିକର ପଦାର୍ଥ ପୂରଣ କରିବା ପାଇଁ ସମୟ ମିଳିଥାଏ। ଏହା ରକ୍ତହୀନତା, ଦୁର୍ବଳତା ଏବଂ ସଂକ୍ରମଣର ଆଶଙ୍କା ହ୍ରାସ କରିଥାଏ। ସଠିକ୍ ବ୍ୟବଧାନ ବଜାୟ ରଖିବା ଦ୍ୱାରା ଗର୍ଭାଶୟ ଏବଂ ପେଲଭିସ୍ ମାଂସପେଶୀ ମଜବୁତ ହୁଏ, ଯାହା ପରବର୍ତ୍ତୀ ଗର୍ଭାବସ୍ଥାକୁ ସୁରକ୍ଷିତ କରିଥାଏ। ଏହା ସହିତ, ପ୍ରଥମ ସନ୍ତାନର ଯତ୍ନ ନେବା ଏବଂ ସ୍ତନ୍ୟପାନ କରାଇବା ଉପରେ ପୂର୍ଣ୍ଣ ଧ୍ୟାନ ଦିଆଯାଇପାରିବ। ମା' ମାନସିକ ଭାବରେ ନିଜ ସ୍ୱାସ୍ଥ୍ୟ ଉପରେ ଯତ୍ନବାନ ହେବା ଜରୁରୀ। ମାନସିକ ଭାବେ ଦ୍ୱିତୀୟ ସନ୍ତାନ ଜନ୍ମ ଦେବା ପାଇଁ ମାଆ ପ୍ରସ୍ତୁତ ହେବା ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

# ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଛି ଷ୍ଟୋନ ସମସ୍ୟା

ଦେଶରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଷ୍ଟୋନକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ। କିନ୍ତୁ ଏହି ଛୋଟ ସମସ୍ୟା ହୃଦରୋଗ, କ୍ରନିକ ବୃକକ୍ ରୋଗ ଏବଂ କିଡନୀ ଫେଲ୍ୟୁଅର ମଧ ହୋଇପାରେ। ଏହି ସମସ୍ୟାର ଯନ୍ତ୍ରଣା ଅସହ୍ୟ। ଆଜିକାଲି ୨୦ ରୁ ୪୦ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ଷ୍ଟୋନର ଅନେକ ମାମଲା ରିପୋର୍ଟ ହେଉଛି ଏବଂ ଛୋଟ ପିଲାମାନଙ୍କ ମଧ୍ୟରେ ମଧ ପଥର ଅର୍ଥାତ୍ ଶିଶୁ ନେଫ୍ରୋଲିଥିଆସିସ୍ ମାମଲା ନିରନ୍ତର ବୃଦ୍ଧି ପାଉଛି। ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ, ଦେଶରେ ମୋଟ ଷ୍ଟୋନ ମାମଲା ମଧ୍ୟରୁ ସତୁରି ପ୍ରତିଶତ ଉତ୍ତର ଏବଂ ପଶ୍ଚିମ ଭାରତରେ ସାମ୍ନାକୁ ଆସିଛି।

ଶରୀରରେ ମୁଖ୍ୟତଃ ତିନି ପ୍ରକାରର ଷ୍ଟୋନ ରହିଛି। କ୍ୟାଲସିୟମ ଷ୍ଟୋନ ଯାହା ଡିହାଇଡ୍ରେସନ ଯୋଗୁଁ ହୁଏ। ୟୁରିକ୍ ଏସିଡ୍ ଷ୍ଟୋନ, ଯାହା ୟୁରିକ୍ ଏସିଡ୍ ସ୍ତର ଅଧିକ ହେବା ଦ୍ୱାରା ହୁଏ। ସେହିପରି ସିଷ୍ଟିନ୍ ଷ୍ଟୋନ ଯାହା ଜୀବାଣୁ ସଂକ୍ରମଣ ଯୋଗୁଁ ହୁଏ। ଡିହାଇଡ୍ରେସନ, ପାଳଙ୍ଗ, ଆଳୁ, ଶୁଖିଲା ଫଳ, ଚା, ଚକୋଲେଟ୍, ଅତ୍ୟଧିକ ଲୁଣ, ଅଧିକ ପ୍ରୋଟିନ୍ ସେବନ ଏବଂ ଅତ୍ୟଧିକ ଚାପ ବୃକ୍କ ପଥର ସୃଷ୍ଟି କରିପାରେ ଷ୍ଟୋନ।

କିଡନୀକୁ ସୁସ୍ଥ ରଖିବାର ଉପାୟ- କିଡନୀକୁ ସୁସ୍ଥ ରଖିବା ପାଇଁ, ନିୟମିତ ବ୍ୟାୟାମ କରନ୍ତୁ। ଓଜନ ନିୟନ୍ତ୍ରଣ କରନ୍ତୁ, ଧୂମପାନ ଏଡନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। କିଡନୀ ଷ୍ଟୋନ କ୍ଷେତ୍ରରେ, ଖଟା ବଟର ମିଲ୍କ, କୋଳଥ ଡାଲି ପାଣି, ସକାଳୁ ଏକ ଚାମଚ ନିମ ପତ୍ର ରସ ଏବଂ ସନ୍ଧ୍ୟାରେ ଏକ ଚାମଚ ପିପଲ ପତ୍ର ରସ ପିଇବା ଲାଭଦାୟକ ବୋଲି ବିବେଚନା କରାଯାଏ। ପିତ୍ତକୋଷରେ ଷ୍ଟୋନ ମେଦବହୁଳତା, ଭିଟାମିନ୍ ସି ଅଭାବ, ଜଙ୍କ ଫୁଡ୍ ଏବଂ ଅପର୍ଯ୍ୟାପ୍ତ ପାଣି ସେବନ ଯୋଗୁଁ ହୁଏ। ଏଗୁଡ଼ିକୁ ଏଡାଇବା ପାଇଁ ଓଜନ ନିୟନ୍ତ୍ରଣ କରନ୍ତୁ, ଭିଟାମିନ୍ ସି ଯୁକ୍ତ ଫଳ ଖାଆନ୍ତୁ, ପ୍ୟାକେଜ୍ ହୋଇଥିବା ଖାଦ୍ୟ ପରିହାର କରନ୍ତୁ ଏବଂ ପ୍ରତିଦିନ ପ୍ରାୟ ତିନି ଲିଟର ପାଣି ପିଅନ୍ତୁ।



# ତ୍ରିଫଳା ଖାଇଲେ ବାତ ଦୂର ହୁଏ



ମଣିଷ ଶରୀର ଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ, ତିନୋଟି ସନ୍ତୁଳନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ବାତ, ପିତ୍ତ ଏବଂ କଫ। ଶୀତଦିନେ ସ୍ୱାଭାବିକ ଭାବରେ ବାତ ଦୋଷ ବୃଦ୍ଧି ପାଏ, ଯାହା ଫଳରେ ଗଣ୍ଠି ଯନ୍ତ୍ରଣା, ପେଟ ସମସ୍ୟା ଏବଂ ହାଡ଼ ସମ୍ବନ୍ଧୀୟ ରୋଗ ହୁଏ। କିନ୍ତୁ ଏକ ଆୟୁର୍ବେଦିକ ଔଷଧ ବାତ ଦୋଷକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ତ୍ରିଫଳା କେବଳ ପେଟ ସମସ୍ୟାରେ ସାହାଯ୍ୟ କରେ ନାହିଁ ବରଂ ବାତକୁ ମଧ ସନ୍ତୁଳିତ କରେ। ଆୟୁର୍ବେଦରେ ବିଶ୍ୱାସ କରାଯାଏ ଯେ, ବାତ ବୃଦ୍ଧିକୁ ରୋକିବା ପାଇଁ ତ୍ରିଫଳା ଖାଇବା ଲାଭଦାୟକ। ଘିଅ ସହିତ ତ୍ରିଫଳା ଖାଇବା ପରି ଫ୍ୟାଟ ସହିତ ମିଶ୍ରିତ ହେଲେ ତ୍ରିଫଳା ଶୀଘ୍ର କାମ କରେ। ଏକ ଗ୍ଲାସ୍ ଉଷୁମ ପାଣିରେ ଅଧ ଚାମଚ ତ୍ରିଫଳା ଏବଂ ଶୁଦ୍ଧ ଦେଶୀ ଗାଈ ଘିଅ ମିଶାଇ ରାତିରେ ସେବନ କରିବା ଦ୍ୱାରା ଅନ୍ତନଳୀରେ ତନ୍ତୁ ସୃଷ୍ଟି ହୁଏ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ। ଦ୍ୱିତୀୟ ପଦ୍ଧତି ହେଉଛି "ତ୍ରିଫଳା ଘୃତ"। ଆୟୁର୍ବେଦରେ, "ତ୍ରିଫଳା ଘୃତ" କୁ ଏକ ଔଷଧ ଭାବରେ ବିବେଚନା କରାଯାଏ, ଯେଉଁଥିରେ ବିଭିନ୍ନ ଔଷଧୀୟ ସହ ତିଆରି କରାଯାଇଥାଏ। ଯଦି ବର୍ଦ୍ଧିତ ବାତ ଦୋଷରୁ ପୀଡିତ, ତେବେ ରାତିରେ "ତ୍ରିଫଳା ଘୃତ" ସେବନ କରିପାରିବେ। ଏହା ବାତକୁ ସନ୍ତୁଳିତ କରିବ ଏବଂ ପେଟ ସମ୍ବନ୍ଧୀୟ ରୋଗରୁ ମଧ ମୁକ୍ତି ଦେବ।

ତୃତୀୟ ପଦ୍ଧତି ହେଉଛି କାଷ୍ଟର ତେଲ ସହିତ ତ୍ରିଫଳା ସେବନ କରିବା। ବାତ ବୃଦ୍ଧି ହେଲେ, କୋଷ୍ଠକାଠିନ୍ୟ ସମସ୍ୟା ହୋଇପାରେ। ଏହାର ଚିକିତ୍ସା ପାଇଁ, କିଛି ବୁନ୍ଦା କାଷ୍ଟର ତେଲକୁ ତ୍ରିଫଳା ପାଉଡର ସହିତ ମିଶାଇ ପାଣି ସହିତ ସେବନ କରାଯାଇପାରିବ। ଏହା ଅନ୍ତନଳୀର ଗତିଶୀଳତା ବୃଦ୍ଧି କରେ। ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଶୀତଦିନେ ବାତ ସ୍ୱାଭାବିକ ଭାବରେ ସନ୍ଧ୍ୟା ଏବଂ ରାତିରେ ବୃଦ୍ଧି ପାଏ, ତେଣୁ ରାତ୍ରୀ ଭୋଜନ ପରେ ଦୁଇ ଘଣ୍ଟା ବ୍ୟବଧାନରେ ତ୍ରିଫଳା ସେବନ କରିବା ଉଚିତ୍।



# ମହିଳାଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ 'ଗୁଡ୍ ଗାର୍ଲ ସିଣ୍ଡ୍ରୋମ୍'

ଛୋଟବେଳୁ ଝିଅଟିକୁ ଭଲ ଝିଅ, ଭଦ୍ର, ନମ୍ର ଓ କୋମଳ ହେବାର ଶିକ୍ଷା ଦିଆଯାଇଥାଏ। କାହାକୁ ଉଚ୍ଚ ସ୍ୱରରେ କଥା ନ ହେବା, ଯୁକ୍ତି ନ କରିବା, ପ୍ରତିଉତ୍ତର ନ ଦେବା, ଶାନ୍ତ ଓ ଚୁପ୍ ରହିବା ଶିକ୍ଷା ଦିଆଯାଇଥାଏ। କିନ୍ତୁ ଅତି ଶାନ୍ତ ଓ ସରଳ ହେବା ମଧ କେତେ ଭୟଙ୍କର ହୋଇପାରେ ତାହା ଆମେ ଜାଣିବା। ଭିତରେ ଭିତରେ ଚାପି ହୋଇ ରହିଥିବା କଥା ମାନସିକ ଭାବେ କେତେ ଯେ ବିପଦପୂର୍ଣ୍ଣ ଓ ଥକ୍କାପଣ ଆଣେ ସେ ବିଷୟରେ ଜାଣିବା। ସେଲିବ୍ରିଟି ହରମୋନ୍ ପ୍ରଶିକ୍ଷକ ପୂର୍ଣ୍ଣିମା ପେରି ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ଏହି କଥା କହିଛନ୍ତି। ବିଶେଷଜ୍ଞ ତାଙ୍କୁ "ଗୁଡ ଗାର୍ଲ ସିଣ୍ଡ୍ରୋମ" ବୋଲି କହିଛନ୍ତି। ତାଙ୍କ ମତରେ, ସବୁବେଳେ ଭଲ ରହିବା ମହିଳା ଅସୁସ୍ଥ କରିପାରେ। ଏହା କେଉଁ କେଉଁ ଦିଗରେ ଖରାପ ସ୍ଥିତି ତିଆରି କରିଥାଏ ତାହା ଜଣାଇଛନ୍ତି।

## ଦୀର୍ଘକାଳୀନ ଚାପ ଏବଂ ଉଚ୍ଚ କର୍ଟିସଲ

ଯେତେବେଳେ ଆପଣ ସବୁବେଳେ ଅନ୍ୟମାନଙ୍କୁ ଖୁସି କରିବାକୁ ଚେଷ୍ଟା କରନ୍ତି, ସେତେବେଳେ ଆପଣଙ୍କର ସ୍ନାୟୁ ତନ୍ତ୍ର ସତର୍କ ରହିଥାଏ। ଶରୀର ନା କହିବା କିମ୍ବା ସୀମା ସ୍ଥିର କରିବା ଅସୁରକ୍ଷିତ ଅନୁଭବ କରେ। ଏହା ନିରନ୍ତର ଚାପ ସୃଷ୍ଟି କରେ ଏବଂ କର୍ଟିସୋଲ ସ୍ତର ବୃଦ୍ଧି ପାଏ। ଏଥିପାଇଁ ନିଦ୍ରାର ଅଭାବ ଦେଖାଯିବା ସହିତ ଓଜନ ହ୍ରାସ ହୋଇଥାଏ।

## ଥାଇରଏଡ୍ ଅସନ୍ତୁଳନ

ଭାବନାକୁ ଦମନ କରିବା, ବିଶେଷକରି କ୍ରୋଧ ଏବଂ ଆତ୍ମ-ପ୍ରକାଶନ, ପ୍ରାୟତଃ ଗଳା ଅଞ୍ଚଳ ପାଖରେ ଦେଖାଯାଏ। ହରମୋନ୍ ପ୍ରଶିକ୍ଷକ ସୂଚିତ କରିଛନ୍ତି ଯେ "ଆପଣଙ୍କ ସ୍ୱର ଏବଂ କ୍ରୋଧକୁ ଦମନ କରିବା ପ୍ରାୟତଃ ଗଳାରେ ଦେଖାଯାଏ ଏବଂ ଥାଇରଏଡ୍ ମୂଲ୍ୟ ଦେଇଥାଏ।"

## ପାଚନ ସମସ୍ୟା

ଅନ୍ତନଳୀ ଆମ ଭାବନା ସହିତ ଗଭୀର ଭାବରେ ଜଡ଼ିତ। ଯେତେବେଳେ ଭାବନା ପ୍ରକାଶିତ ନ ହୁଏ, ସେତେବେଳେ ପାଚନ ପ୍ରକ୍ରିୟା ପ୍ରଭାବିତ ହୋଇପାରେ। ଫୁଲିବା, ଏସିଡିଟି ଏବଂ IBS ପରି ଲକ୍ଷଣଗୁଡ଼ିକ ସାଧାରଣ। ଭାବନା ପ୍ରକ୍ରିୟାକରଣ ନ ହେଲେ ଶରୀର ପ୍ରତିକ୍ରିୟାଶୀଳ ହୁଏ। ହାର୍ଭାର୍ଡର ଏକ ଅଧ୍ୟୟନ ଅନୁସାରେ ଚାପ ଶରୀରକୁ ହଜମ ପ୍ରକ୍ରିୟାକୁ ଧୀର କରିବାର ସଙ୍କେତ ଦେଇଥାଏ।

## ହରମୋନ ଅସନ୍ତୁଳନ ଏବଂ ଥକ୍କାପଣ

ସବୁବେଳେ ନିଜକୁ ଭଲ ରଖିବା ଓ ଆଡଜଷ୍ଟ କରିବା ପାଇଁ ଆମକୁ ମାନସିକ ଭାବେ ଅଧିକ ଶକ୍ତି ବ୍ୟବହାର କରିବାକୁ ପଡ଼େ। ଏହା ହରମୋନ ଅସନ୍ତୁଳନ, କମ୍ ଷ୍ଟାମିନା ଏବଂ କ୍ରମାଗତ ଥକ୍କାପଣର କାରଣ ହୋଇପାରେ। ଏହା ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍ ଦ୍ୱାରା ପ୍ରକାଶିତ ଏକ ଅଧ୍ୟୟନରେ ଉଲ୍ଲେଖ କରାଯାଇଛି ।

## ଚିନ୍ତା ଏବଂ ଭାବପ୍ରବଣ କ୍ଲାନ୍ତି

ସବୁବେଳେ ଭଲ ରହିବା ଦ୍ୱାରା ବିଶ୍ରାମ କିମ୍ବା ସତ୍ୟତା ପାଇଁ କୌଣସି ସ୍ଥାନ ମିଳେ ନାହିଁ। ଚିନ୍ତା ବୃଦ୍ଧି ପାଏ। ଭାବପ୍ରବଣ କ୍ଲାନ୍ତି ସାଧାରଣ ହୋଇଯାଏ। ତୁମେ ବାହାରେ ଶାନ୍ତ ଦେଖାଯାଇପାର, କିନ୍ତୁ ଭିତରେ ଦୁର୍ବଳ ଅନୁଭବ କର। ସେ କହିଛନ୍ତି ଯେ, ଆରୋଗ୍ୟ ସେତେବେଳେ ଆରମ୍ଭ ହୁଏ ଯେତେବେଳେ ଆପଣ ଅନ୍ୟମାନଙ୍କ ପ୍ରତି "ଭଲ" ହେବା ବନ୍ଦ କରନ୍ତି ଏବଂ ନିଜ ସହିତ ବାସ୍ତବ ହେବା ଆରମ୍ଭ କରନ୍ତି।

### ଗରଦପୁର ଯୁବ ମହୋତ୍ସବ ଉଦ୍‌ଘାଟିତ

## ନିଶାମୁକ୍ତ ଗରଦପୁର ଗଠନ ପାଇଁ ଯୁବଶକ୍ତିର ଆହ୍ୱାନ




**କେନ୍ଦ୍ରାପଡ଼ା,୮ ।୨ (ସଂଚାର ବ୍ୟୁରୋ):** ଯୁବ ଶକ୍ତିକୁ ସକ୍ରିୟ କରି ସମାଜ ଓ ରାଜ୍ୟର ସମଗ୍ର ଉନ୍ନତିର ପଥକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ଗରଦପୁର ଯୁବ ମହୋତ୍ସବ ଆଡମ୍ବର ଓ ଉତ୍ସାହର ସହ ଆରମ୍ଭ ହୋଇଛି । ଏହି ମହୋତ୍ସବରେ ଯୁବମାନଙ୍କୁ ସଚେତନତା, ସଂସ୍କୃତି ଓ ସ୍ୱାବଲମ୍ବନ ଦିଗରେ ଆଗୁଆ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ମହୋତ୍ସବର ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଁ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଯୁବ ସମାଜକୁ ନିଶା ବିରୋଧରେ ସଚେତନ ହେବା ସହ ଦକ୍ଷତା ଆଧାରିତ ଜୀବନ ଗଠନ ପାଇଁ ଆହ୍ୱାନ ଜଣାଇଥିଲେ । ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ମଞ୍ଚକୁ ଶୁଭାରମ୍ଭ କରାଯାଇଥିଲା ।

ଯୁବ ମହୋତ୍ସବର ଆୟୋଜକ ଓ ଅଧକ୍ଷ ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଜୟ କୁମାର ନାୟକ, ପ୍ରସନ୍ନ କୁମାର ପଣ୍ଡା, ଡଲି ଶତପଥି, ବିଜୟ କୁମାର ଜେନା, ଜ୍ୟୋସ୍ନାରାଣୀ ଜେନା, ଅମୀୟ ଜେନା, ମାନସ ରାଉତ, ଚିତ୍ତରଞ୍ଜନ ଚୌଧୁରୀ ଓ ସନ୍ତୋଷ କୁମାର ରାଉତରାୟ ସହ ଅନେକ ସମ୍ମାନିତ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ ।

ମହୋତ୍ସବ ପରିସରରେ କଟକର ପ୍ରସିଦ୍ଧ ବାଲିଯାତ୍ରାର ଅନୁଭୂତି ସୃଷ୍ଟି କରୁଥିବା ପରିବେଶ ଦର୍ଶକମାନଙ୍କୁ ବିଶେଷ ଆକର୍ଷିତ କରିଥିଲା । ଓରମାସ ଷ୍ଟଲ୍ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ସ୍ୱଦେଶୀ ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ନିଜ ହସ୍ତଶିଳ୍ପ ଓ ସ୍ୱଦେଶୀ ପଦାର୍ଥ ପ୍ରଦର୍ଶନ ଓ ବିକ୍ରୟ କରିଥିଲେ । ଏହି ବର୍ଷର ଯୁବ ମହୋତ୍ସବର ମୁଖ୍ୟ ଥିମ୍ — "ନିଶାମୁକ୍ତ ଗରଦପୁର ଗଠନ" ରହିଛି। ମୁଖ୍ୟ ଅତିଥି ଶ୍ରୀ ସେଠୀ କହିଥିଲେ ଯେ, ଯୁବକମାନେ ଯଦି ନିଜ ଦକ୍ଷତାକୁ ଉନ୍ନତ କରନ୍ତି, ତେବେ ନିଜେ ସ୍ୱାବଲମ୍ବୀ ହେବା ସହ ସମାଜର ଉନ୍ନତିରେ ମୂଳ ଭୂମିକା ଗ୍ରହଣ କରିପାରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ ମହୋତ୍ସବର ମୂଳ ଆକର୍ଷଣ ହୋଇଥିବା ବେଳେ ପ୍ରଖ୍ୟାତ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ମନୋମୁଗ୍ଧକାରୀ ଗୀତରେ ଦର୍ଶକମାନେ ଝୁମିଉଠିଥିଲେ। ଏହି ଯୁବ ମହୋତ୍ସବ ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧକ୍ଷ ତେଜେଶ୍ୱର ପରିଡା ସୂଚନା ଦେଇଛନ୍ତି।

## ଫ୍ରେଣ୍ଡସ କ୍ଲବ ପକ୍ଷରୁ ମାଗଣା ଚିକିତ୍ସା ଶିବିର



**ନୀଳଗିରି,୮ ।୨ (ସଂଚାର ବ୍ୟୁରୋ):** ନୀଳଗିରି ଏନଏସି ସାନଅଡା ଗ୍ରାମ ପଞ୍ଚମୁଖୀ ହନୁମାନ ମନ୍ଦିର ସ୍ଥିତ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ର ସଭାପତି ଚନ୍ଦ୍ରବିନ୍ଦୁ ଦାସ ସକାଳ ୯ଘଟିକା ସମୟରେ ଫିତା କାଟି ଶିବିରକୁ ଉଦ୍ଘାଟନ କରିଥିଲେ। ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲ ର ଅସ୍ଥିଶଲ୍ୟ ରୋବୋଟିକ୍ ଜୋଏଣ୍ଟ ରିପ୍ଲେସମେଣ୍ଟ ସର୍ଜନ ଏମବିବିଏସ ଡା. ସିଦ୍ଧାର୍ଥ ପ୍ରଧାନ ଯୋଗଦେଇ ଭେଷଜ ଓ ଅସ୍ଥିଶଲ୍ୟ ପ୍ରମୁଖ ରୋଗୀଙ୍କୁ ମାଗଣା ଚିକିତ୍ସା କରିଥିଲେ। ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ୨୧୦ ରୋଗୀ ଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇ ଚିକିତ୍ସା କରାଇବା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ର ସମ୍ପାଦକ ଚିତ୍ତରଞ୍ଜନ ନାୟକ, ଶୁଭ୍ରାଂଶୁ ଶେଖର ନନ୍ଦ, ନିଗମ ମହାପାତ୍ର, ଲୋକନାଥ ମିଶ୍ର, ଗଣେଶ୍ୱର ବିଶ୍ୱାଳ, କାର୍ତ୍ତିକ ପଣ୍ଡା, ଜଗଦୀଶ ଦାସ, ଯୋଗେଶ୍ୱର ସାହୁ, ପାଗୁଲୁ ପୋଇ ପ୍ରମୁଖ କ୍ଲବ ର ବହୁ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଗୁରୁ ସୁବାସ ମଲ୍ଲିକ ସମ୍ବର୍ଦ୍ଧିତ



**ଧାମନଗର,୮ ।୨ (ସଂଚାର ବ୍ୟୁରୋ):** ଫୁଲର ମହକ ଚର୍ତୁଦିଗକୁ ବ୍ୟାପିଲାଭଳି ପ୍ରତିଭାର ପରିଚୟ ସବୁ ସ୍ଥାନକୁ କାଳକ୍ରମେ ବ୍ୟାପିଥାଏ। ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥାଏ। ସେହିଭଳି ଜଣେ ଅନନ୍ୟ ପ୍ରତିଭା ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ। କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ତାଙ୍କୁ ବାସୁଦେବପୁରର ପ୍ରସନ୍ନ ବାସୁଦେବ ପାଲାମଣ୍ଡଳର ୧୦ମ ବାର୍ଷିକ ପାଲା ଓ ଲୋକକଳା ମହୋତ୍ସବ-୨୦୨୬ ଅବସରରେ ସମ୍ବର୍ଦ୍ଧିତ କରାଯାଇଅଛି। ୭ତାରିଖ ଅପରାହ୍ନରେ ଅନୁଷ୍ଠାନର ସ୍ଥାୟୀ ସଭାପତି ବର୍ଷିୟାନ୍ ପାଲା ଗାୟକ ସନାତନ (ପୁରୀ) ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଧାମନଗରର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସଂସ୍କୃତି ଗବେଷକ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ସମାନିତ ଅତିଥି ପ୍ରସନ୍ନ ବାସୁଦେବଙ୍କର ଆଦ୍ୟସେବକ ଚୌଧୁରୀ ସତ୍ୟନାରାୟଣ ରାୟ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ପ୍ରସନ୍ନ କୁମାର ନାୟକ, ବରିଷ୍ଠ ଗାୟକ କପିଳ ନାଥ ଶର୍ମା, ଅମୂଲ୍ୟ ରତ୍ନ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମଲ୍ଲିକଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀମଲ୍ଲିକଙ୍କ ଘର ଧାମନଗର ବ୍ଲକ ଅଧିନ ବୟାଙ୍ଗଡିହି ପଞ୍ଚାୟତ ଅନ୍ତର୍ଗତ କମାରବନ୍ଧ ଗ୍ରାମରେ ହୋଇଥିବା ବେଳେ ସେ ଅନ୍ୱନ୍ତ୍ର ଧାମନଗରର ଗୌରବ ବୃଦ୍ଧି କରିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

### ସତ୍ୟବାଦୀ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା

## ମନ ମୋହିଲା ଅରୁଣିତାଙ୍କ ସଂଗୀତ



**ସତ୍ୟବାଦୀ,୮ ।୨ (ସଂଚାର ବ୍ୟୁରୋ):** ଗୁରୁବାର ଉଦଘାଟିତ ହୋଇଥିବା ସତ୍ୟବାଦୀ ମହୋତ୍ସବ ରବିବାର ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି। ମହୋତ୍ସବର ଉଦଯାପନୀ ସଂଧାରେ ମହୋତ୍ସବର ସଭାପତି ଓମ୍ ପ୍ରକାଶ ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ସତ୍ୟବାଦୀର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ଯୋଗ ଦେଇ ସରକାର ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କୁ ଭାରତରତ୍ନ ପ୍ରଦାନ ଓ ଭୁବନେଶ୍ୱରରୁ ପୁରୀ ଜାତୀୟ ରାଜପଥ ଗୋପବନ୍ଧୁଙ୍କ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

ସେହିପରି ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ମହୋତ୍ସବର ସମ୍ପାଦକ ଦୀପକ ଶତପଥୀ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦଯାପନ ଘୋଷଣା କରିଥିଲେ। ଏହି ଅବସରରେ ମହୋତ୍ସବର ମୁଖପତ୍ର ତମାଳ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସୁରେନ୍ଦ୍ରନାଥ ଶତପଥୀ ଙ୍କ ସମ୍ମାନରେ ନେତ୍ରାନନ୍ଦ ବେହେରାଙ୍କୁ ସୁରେନ୍ଦ୍ର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବର ଶେଷ ସଂଧାରେ ଯୋଗଗୁରୁ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଛାତ୍ର ଛାତ୍ରୀ ମାନେ ଯୋଗ ପ୍ରଦର୍ଶନ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିଭା, ଭବାନିପାଟଣାର କଳାକାର ଓ ଅଭିନୟ ନୃତ୍ୟ ଏକାଡେମୀର କଳାକାର ମାନେ ସେମାନଙ୍କର ନୃତ୍ୟ ପରିବେଷଣ କରିଥିଲେ। ସତ୍ୟବାଦୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ନାଟିକା ଅପରେସନ ସିନ୍ଦୁର ବେଶ ଆକର୍ଷଣୀୟ ସାଜିଥିଲା। ଏହି ନୃତ୍ୟ ରେ ଉପସ୍ଥିତ ଦର୍ଶକ ମାନଙ୍କୁ ସ୍ତବ୍ଧ କରିଦେଇଥିଲା । ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ବିଦ୍ୟାଳୟର ପ୍ରଧାନ ଗୁରୁଜୀଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ହଲିଉଡ୍ ଗାୟିକା ଅରୁଣିତାଙ୍କ ଟିମ୍ ଓ ନିହାଲ ତାଉରୋଙ୍କ ଟିମ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ଦର୍ଶକ ମାନଙ୍କୁ ଶୀତୁଆ ରାତିରେ ବାନ୍ଧି ରଖିଥିଲେ।

# ଶ୍ରୀଜଗନ୍ନାଥ ମହାପ୍ରଭୁ ଅହଙ୍କାର ବରଦାସ୍ତ କରି ନଥାନ୍ତି: ବିଜୟ



**ଯାଜପୁର,୮ ।୨ (ସଂଚାର ବ୍ୟୁରୋ):** କିଛି ଲୋକ ଅହଙ୍କାର ଏବଂ ଅହମିକାରେ ରହି ଆମେ ସବୁଦିନ ରୂପା ପଲଙ୍କରେ ଶୋଇବୁ ବୋଲି ଭାବି ନେଇଥାନ୍ତି । ଏହି ନିନ୍ତାଧାରାରେ ଯେଉଁମାନେ ଥାନ୍ତି ସେମାନଙ୍କ ଅଧପତନ ହୋଇଥାଏ । ଶ୍ରୀ ଜଗନ୍ନାଥ ମହାପ୍ରଭୁ କେବେବି ଅହଙ୍କାରକୁ ବରଦାସ୍ତ କରି ନଥାନ୍ତି ବୋଲି ବରିଷ୍ଠ ଜନନେତା ବିଜୟ ମହାପାତ୍ର ଜୟ ଜଗନ୍ନାଥ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ପ୍ରକାଶ କରିଛନ୍ତି ।

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ ପଂଚାୟତ ଅନ୍ତର୍ଗତ ଭୁବନପୁର ଗ୍ରାମରେ ଅନୁଷ୍ଠିତ ହେଇଥିବା ଜୟ ଜଗନ୍ନାଥ ମହୋସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟ କହିଥିଲେ ଯେ, ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ସଂସ୍କୃତି ହେଉଛି ଆମର ପରିଚୟ ଏବଂ ଜୀବନ । ଏହି ସଂସ୍କୃତିକୁ ଅଧିକ ରୁଦ୍ଧିମନ୍ତ କରିବା ପାଇଁ ପ୍ରତ୍ୟେକ ଜଗନ୍ନାଥ ପ୍ରେମୀ ଜୀବନବ୍ୟାପୀ ଉଦ୍ୟମ କରିବା ଆବଶ୍ୟକ । ଏ କ୍ଷେତ୍ରରେ ଜୟ ଜଗନ୍ନାଥ ମହୋତ୍ସବ ଏକ ଦୃଷ୍ଟାନ୍ତ। ଏଭଳି ମଂଚ ଓ କାର୍ଯ୍ୟକ୍ରମ ମୋ ଜୀବନରେ ସ୍ୱତନ୍ତ୍ର ଉପଲବ୍ଧ ଓ ଆତ୍ମ ସନ୍ତୋଷ ଦେଇଛି ।

ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ସାଂସଦ ତଥା ବରିଷ୍ଠ ସାମ୍ବାଦିକ ସୌମ୍ୟ ରଂଜନ ପଟ୍ଟନାୟକ କହିଥିଲେ ଯେ ଏଭଳି ମହୋତ୍ସବକୁ ମୁଁ ଏତେଦିନ ହେଲା ଆସିବାର ସୌଭାଗ୍ୟ ପାଇ ନଥିଲି। ମୁଁ ଶୁଣିଛି ଏଠାରେ ଯଜ୍ଞ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଅପାର ଶାନ୍ତି ମିଳେ । ମୁଁ ପ୍ରାର୍ଥନା କରୁଛି ଆମେ ବି ଯାହା କିଛି ଚିନ୍ତା କରିଛୁ ସେଥିରେ ସଫଳତା ମିଳୁ । ଆଜି ଯେଉଁମାନେ ଅଗ୍ନିତାର କଥା କହୁଛନ୍ତି ସେମାନେ ଜାଣିବା ଦରକାର ଜଗନ୍ନାଥ ହେଉଛନ୍ତି ଆମ ଅଗ୍ନିତାର ପ୍ରଥମ ଓ ଶ୍ରେଷ୍ଠ ପ୍ରମାଣ । ତାଙ୍କୁ ନେଇ ଆମେ ଯାହା କିଛି କରିବା ସେଥିରେ ନିଷ୍ଚୟ ସଫଳ ହେବା।

ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ସଂସ୍କୃତିରେ ସମନ୍ୱୟ ସଂହତି, ସଂପ୍ରୀତି ଉଭୟ ବ୍ୟକ୍ତି ଓ ସମାଜ ଜୀବନକୁ ରୁଦ୍ଧିମନ୍ତ କରେ। ଭକ୍ତି ଓ ନିଷ୍ଠା ବଳରେ ଅନୁଷ୍ଠିତ ହେଉଥିବା ଭଯ ଜଗନ୍ନାଥ ମହୋତ୍ସବ ଅତ୍ୟନ୍ତ ସୁନ୍ଦର ମହାନ ଆଧାତ୍ମିକ କାର୍ଯ୍ୟ।

ଏଥିରେ ପ୍ରସିଦ୍ଧ ଭଜନ ଗାୟକ ସୁବାଷ ଦାସଙ୍କ ଭଜନ ସନ୍ଧ୍ୟା ଏବଂ ଚଳଚିତ୍ର ଅଭିନେତ୍ରୀ ଭୂମିକା ଦାସଙ୍କ ନୃତ୍ୟ ପ୍ରଦର୍ଶନ ଦର୍ଶକ ମାନଙ୍କୁ ଆନନ୍ଦିତ କରିଥିଲା । ଆବାହକ ସତୀଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଭିନେତ୍ରୀ ଭୂମିକା ଦାସ, ଗୀତିକାର ଶ୍ରୀକାନ୍ତ ଗୌତମ, ସଙ୍ଗୀତ ନିର୍ଦ୍ଦେଶକ ସୁରେଶ ପଣ୍ଡା, ଶ୍ରୀ ମନ୍ଦିରର ମା ଲକ୍ଷ୍ମୀଙ୍କ ସେବକ ଯୋଗୀ ଯମ୍ନେଶ୍ୱର ଖୁଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ଜନସାଧାରଣ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଭାମଞ୍ଚକୁ ଆଣିଥିଲେ ।

### ସୁବାଷ ଦାସଙ୍କ ଭଜନକୁ ନେଇ ଚର୍ଚ୍ଚା

ମହିଂସି ଦେହରେ ଚୁନ ବୋଳିଦେଲେ ଗାଇ ହୋଇଯିବ କି? ଦିଘାରେ ଲେଖିଲେ ଜଗନ୍ନାଥ ଧାମ ପୁରୀ ହୋଇଯିବ କି? ମମତା ଦିଦିଙ୍କ ଦିଘାରେ ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଜୟ ଜଗନ୍ନାଥ ମହୋତ୍ସବ ରେ ସୁବାସ ଦାସ ଏହି ଭଜନ ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ହୋଇଥିଲା । ବରିଷ୍ଠ ଜନନେତା ବିଜୟ ମହାପାତ୍ର ଏବଂ ପୂର୍ବତନ ସାଂସଦନ ସୌମ୍ୟରଂଜନ ପଟ୍ଟନାୟକ ପ୍ରସଙ୍ଗରେ ଉଦବୋଧନ ଦେଇ ଦିଘା କେବେ ଶ୍ରୀକ୍ଷେତ୍ର ହୋଇ ପାରିବ ନାହିଁ ବୋଲି ପ୍ରକାଶ କରିଥିଲେ ।

### ଆମ ତିନିଜଣଙ୍କ ନେଇ ବିବାଦ ନହେଉ

ଉଭୟ ବିଜୟ ମହାପାତ୍ର, ସୌମ୍ୟ ରଂଜନ ପଟ୍ଟନାୟକ ଏବଂ ଅମର ପ୍ରସାଦ ଶତପଥୀ ଗୋଟିଏ ଫଳରେ ଏକାଠି ହେବା ପ୍ରସଙ୍ଗ ରାଜ୍ୟ ରାଜନୀତିରେ ପୁଣି ଏକ ନୂଆ ଆଲୋଚନ ସୃଷ୍ଟି କରିଥିଲା। ଯଦିଓ ଏହି କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଆଧାତ୍ମିକ କାର୍ଯ୍ୟକ୍ରମ ଥିଲା । ତେବେ ବିଜୟ ମହାପାତ୍ରଙ୍କ ଅହଙ୍କାର ପ୍ରସଙ୍ଗ ଏବଂ ଓଡ଼ିଶା ଧନୀ ହୋଇଥିଲେ ମଧ ଗରୀବ ହେବା ନେଇ ସୌମ୍ୟଙ୍କ ତେରେଛା ବାଣ ମଧ ଅନେକ କିଛି ସଂକେତ ଦେଉଥିଲା । ଏହାକୁ ଅଧିକ ସ୍ପଷ୍ଟ କରିବାକୁ ଯାଇ ସୌମ୍ୟ ନିଜ ଭାଷଣରେ କହିଥିଲେ ଯେ ଆମ ତିନିଜଣଙ୍କୁ ଏକାଠି ଦେଖି କ୍ୟାମେରା ବାଲା ଯେତେ ନୂଆ ବିବାଦ ସୃଷ୍ଟି କରିବେ। କିନ୍ତୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସମର୍ଥନ ଆମ ପାଖରେ ଅଛି । ଯିଏ ଯେତେ ଚେଷ୍ଟା କଲେ ବି ଆମକୁ ବିବାଦୀୟ କରିପାରିବେ ନାହିଁ ।

## କବି ରସାନନ୍ଦ ମହାପାତ୍ର ସମ୍ବର୍ଦ୍ଧିତ



**ଧାମନଗର,୮ ।୨ (ସଂଚାର ବ୍ୟୁରୋ):** ଧାମନଗର ଜୀବନ ବ୍ୟାପି ସାରସ୍ୱତ ସାଧନା ପାଇଁ କବି ରସାନନ୍ଦ ମହାପାତ୍ରଙ୍କୁ ଭ ଣ୍ଡ । ରି ପେ । ଖ ର 1 ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ବଦ୍ଧିତ କରାଯାଇଛି । ଫେବୃୟାରୀ ୭ ତାରିଖରେ ସାରଦା ଶିଶୁମନ୍ଦିର ପରିସରରେ ଏକ ବର୍ଣାଢ଼ୀ ପରିସରରେ ସଂସଦର ସୁବର୍ଣ୍ଣ ସମାରୋହ ପାଳନ ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ଡଃ ବ୍ରଜମୋହନ ମିଶ୍ର ଓ ଡଃ କ୍ଷୀରୋଦ କୁମାର ସାମଲ କବି ଶ୍ରୀ ମହାପାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବଦ୍ଧିତ କରିଥିଲେ । ମଂଚରେ ଡଃ ରାଧାରାଣୀ ମହାପାତ୍ର, ଡଃ ଝରଣା ପଟ୍ଟନାୟକ, କବି ଖଗେଶ୍ୱର ମହତାବ, କବୟିତ୍ରୀ ପ୍ରଭାତ ନନ୍ଦିନୀ ମହାପାତ୍ର, କଥାକାର ପବିତ୍ର ପାଣିଗ୍ରାହୀ, ଡଃ ଭରତ ବେହେରା ପ୍ରମୁଖ ଉପସ୍ଥିତ ଥାଇ ଶ୍ରୀ ମହାପାତ୍ରଙ୍କ ସାରସ୍ୱତ ପ୍ରତିଭାର ପ୍ରଶଂସା କରିଥିଲେ । ପ୍ରକାଶ ଯେ ନିକଟରେ ଶ୍ରୀ ରସାନନ୍ଦ ମହାପାତ୍ରଙ୍କର କବିତା ସଂକଳନ 'ତରାଟ ଫୁଲର ଗାଁ' ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି।

## କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସମ୍ମାନ ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା,୮ ।୨ (ସଂଚାର ବ୍ୟୁରୋ):** ଆଞ୍ଚଳିକ ଭାଷାରେ ପ୍ରକାଶ ପାଉଥିବା ସାହିତ୍ୟ ଅନୁବାଦ ହେବାର ଆବଶ୍ୟକତା ରହିଛି । ଏହାକୁ ଇଂରାଜୀ ଭାଷାରେ ଅନୁବାଦ କଲେ ତାହା ଆଞ୍ଚଳିକ ସ୍ତରରୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇଂରାଜୀ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମାନ " ଭୋକାଲ ଫର ଲୋକାଲ"ରେ ଯୋଗଦେଇ ଇଂରାଜୀ ଭାଷା ବିଶେଷଜ୍ଞମାନେ ଏହା କହିଛନ୍ତି । ସେମାନେ ମତ ଦେଇଛନ୍ତି ଯେ ଆଞ୍ଚଳିକ ଭାଷା ସାହିତ୍ୟ ଇଂରାଜୀରେ ଅନୁବାଦ ହେଲେ ତାହା ବିଭିନ୍ନ ଦେଶର ଲୋକମାନଙ୍କୁ ଆକୃଷ୍ଟ କରିପାରିବ। ଏହାଦ୍ୱାରା ଭାଷା ସାହିତ୍ୟର ଆଦାନ ପ୍ରଦାନ ହେବା ସହ ସଂସ୍କୃତି ଓ ଐତିହ୍ୟର ଆଦାନ ପ୍ରଦାନ ହୋଇପାରିବ। ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧାପିକା ଡ. ପୂର୍ବାଶା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱତରେ ଅନୁଷ୍ଠିତ ଏହି ସମ୍ମାନକୁ କଲେଜ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଓଡିଆ ନାଟ୍ୟକାର ତଥା ବରଗଡ ପାୟତ କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଷୟ ବିଶାରଦ ଭାବେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସଦସ୍ୟ ଡ. ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଭାଗୀୟ ମୁଖ୍ୟ ଡ. ପୂର୍ବାଶା ପ୍ରିୟଦର୍ଶିନୀ ବିଷୟବସ୍ତୁ ଉପରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀୟ ଗୁଣବା କମିଟି ସଂଯୋଜିକା ଅଧାପିକା ଡ. ଦିପ୍ତୀ ରାୟ, ୟୁଜିସି ସଂଯୋଜକ ଅଧାପକ ଡ. ଦେବକାନ୍ତ ଷଡଙ୍ଗୀ, ରୁଷା ଓ ଆଇଡିପି ସଂଯୋଜକ ଅଧାପକ ରଞ୍ଜିତ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ୧୫ତମ ବାର୍ଷିକ ଉତ୍ସବ



**ରାଜନଗର,୮ ।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ ଈଶ୍ୱରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରିଘାଗଡସ୍ଥିତ ଜରାନିବାସରେ ନିରାଡମ୍ବର ଭାବେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ୧୫ତମ ବାର୍ଷିକ ଉତ୍ସବ ବା ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସଭାପତି ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ କେନ୍ଦ୍ରାପଡା ସିଭିଲ୍ କୋର୍ଟର ବରିଷ୍ଠ ତଥା ସରକାରୀ ଓକିଲ ଆଇନଜୀବୀ ସୁନାକର ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକୁ ଉଦଘାଟନ କରିବା ସହିତ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ଏତାଦୃଶ ଜନହିତକର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଭାବେ ବାରଗାଁ ବଞ୍ଚାଅ ଅଭିଯାନର ସଂଗ୍ରାମୀ ବ୍ୟକ୍ତିତ୍ୱବ ପଣ୍ଡିତ୍ ହେମନ୍ତ ମିଶ୍ର ଉପସ୍ଥିତ ରହି ଜରାନିବାସର ଅନ୍ତେବାସୀ ମାନଙ୍କର ସମସ୍ୟାକୁ ପ୍ରଶାସନ ପାଖରେ ଉତ୍ଥାପନ କରି ସମାଧାନ କରିବାକୁ ପ୍ରତିଶୃତି ବଦ୍ଧ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ଅନନ୍ତ ଚରଣ ରାଉତ ଓ ସମ୍ମାନୀତ ଅତିଥି ଭାବେ ଜରାନିବାସର ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ଦାଶ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ର କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହିତ ଜରାନିବାସର ଅନ୍ତେବାସୀ ମାନଙ୍କର ସମସ୍ତ ପ୍ରକାର ଯତ୍ନ ନିଆଯାଉଛି ବୋଲି ମତପ୍ରକାଶ କରିଥିଲେ । କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଚଳିତ ବର୍ଷର ପାଇଁ କନକ ଟିଭିର ରାଜନଗର ସାମ୍ବାଦିକ ତାପସ କୁମାର ପରିଡାଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ "କୃଷ୍ଣଚନ୍ଦ୍ର ଯୁବ ନିର୍ଭୀକ ସାମ୍ବାଦିକ ସମ୍ମାନ" ପ୍ରଦାନ କରାଯାଇଛି। ଶେଷରେ ସଂସଦ ର ମୁଖ୍ୟ ସଂଯୋଜିକା ଆଶାଲତା ରାଉତ ଧନ୍ୟବାଦ୍ ଦେଇଥିଲେ ।

### କେନ୍ଦ୍ରାପଡ଼ା ହାଇସ୍କୁଲର ଛାତ୍ର ସଂସଦ ବୈଠକ



**କେନ୍ଦ୍ରାପଡା,୮ ।୨ (ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ପୁରୁଣା ହାଇସ୍କୁଲ୍ ଭାବେ ପରିଚିତ କେନ୍ଦ୍ରାପଡା ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ବୈଠକ ସଭାପତି ଡାକ୍ତର ଅମୀୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାଇସ୍କୁଲର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିବା ସହ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏଥିରେ ସମ୍ପାଦକ ଚିରଂଜନ ଭଗତ, ଡାକ୍ତର ବିଶ୍ୱ ପ୍ରକାଶ କାନୁନ୍‌ଗୋ, ରାଖେଲ୍ ଚନ୍ଦ୍ର ସାମନ୍ତ, କେନ୍ଦ୍ରାପଡା ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ଉପସ୍ଥିତ ରହି ହାଇସ୍କୁଲରେ ଅଧ୍ୟୟନ କରିଥିବା ଶତାଧିକ ପୁରାତନ ଛାତ୍ର ଛାତ୍ରୀ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସି ଉପସ୍ଥିତ ହୋଇଥିଲେ । ଏଥିରେ ହାଇସ୍କୁଲର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ପୁରାତନ ଛାତ୍ର ଯେଉଁମାନେ ଅସୁବିଧାରେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ସହିତ ହାଇସ୍କୁଲରେ ଅଧ୍ୟୟନ କରିଥିବା ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସଂସଦ ବୈଠକରେ ଉପସ୍ଥିତ ଥିବା ଶହ ଶହ ପୁରୁଣା ଛାତ୍ର ଛାତ୍ରୀମାନେ ପୁରୁଣା ଦିନର ସ୍ମରଣୀୟ ଆଦାନ ପ୍ରଦାନ କରିଥିଲେ ।

## ମେଘାସନୀ ମହୋତ୍ସବରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




**ବାରିପଦା,୮ ।୨ (ସଂଚାର ବ୍ୟୁରୋ):** ମେଘାସନୀ ମହୋତ୍ସବ-୨୦୨୬ ପାଳନ ଅବସରରେ ଆଜି ବାରିପଦା ସ୍ଥିତ ଛଉ ପଡିଆ-କଲେଜ ପଡିଆ ପରିସର ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଓରମାସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉକ୍ତ ରକ୍ତଦାନ ଶିବିରକୁ ଶୁଭ ଉଦଘାଟନ କରି କହିଥିଲେ ଯେ ବର୍ତ୍ତମାନ ପରିବର୍ତ୍ତିତ ସମୟରେ ଥାଲସେମିଆ, ସିକିଲସେଲ ଭଳି ଦୁରାରୋଗ୍ୟ ପାଇଁ ହେଉ କିମ୍ବା ଆକସ୍ମିକ ଦୁର୍ଘଟଣା ପାଇଁ ହେଉ ଅବା ଅନ୍ୟାନ୍ୟ ଅସାଧ ରୋଗର ଜରୁରୀ ଅସ୍ତ୍ରପୋଚାର ପାଇଁ ହେଉ ରୋଗୀର ଅମୂଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ ଆବଶ୍ୟକତା ଦେଖାଦେଉଛି, ମାତ୍ର ବେଳେବେଳେ ରକ୍ତ ଉପଲବ୍ଧ ନହେବାରୁ ରୋଗୀର ଜୀବନ ବଞ୍ଚାଇବା କଷ୍ଟସାଧ ହୋଇ ପଡୁଛି।

ରକ୍ତଦାନ ଏକ ମହତ ଦାନ ତଥା ଏହା ଏକ ମହା ପୁଣ୍ୟ କର୍ମ । ତେଣୁ ଏଭଳି ଏକ ଉତ୍ସବ ଅବସରରେ ଓରମାସର ଏହି ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ରକ୍ତଦାତା ମାନଙ୍କୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜଣାଇବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନତାକୁ ବ୍ୟାପକରୁ ବ୍ୟାପକତର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଡା. ସୌମ୍ୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ସହକର୍ମୀ ଡା. ନୀଲେଶ ଦାସ, ରୁଚିକା ଖୁରାନା, ସବିତା ଶେଜପଡା, ଭାଗ୍ୟବତୀ ସିଂ ଓ ଶକୁନ୍ତଳା ମହାନ୍ତଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

### ଦୁର୍ଘଟଣାରେ ଯୁବକ ଗୁରୁତର

**ବୈଶିଙ୍ଗା,୮ ।୨ (ସଂଚାର ବ୍ୟୁରୋ):** ନିଶାସକ୍ତ ଅବସ୍ଥାରେ ଜନୈକ ଯୁବକ ବୈଶିଙ୍ଗା - ମାଣତ୍ରୀ ରାସ୍ତାର ବଡାମ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇ ରାସ୍ତାରେ ପଡି ଥିବାର ଦେଖି ରାସ୍ତାରେ ଯାଉଥିବା ଏକ ଯାତ୍ରୀବାହୀ ଗାଡ଼ି ତାଙ୍କୁ ନେଇ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚାଇଥିବା ଜଣାଯାଇଛି । ଖବର ରୁ ପ୍ରକାଶ ସିଂଲାମୁଣ୍ଡୁଳି ଗ୍ରାମର ରାଧାମୋହନ ସିଂ ଙ୍କ ପୁତ୍ର ରଞ୍ଜନ (୨୭) ଦିବା ୩ ଘଣ୍ଟା ସମୟରେ ନିଜ ବାଇକ ନେଇ ଘରୁ ବାହାରି ଆସିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ । ପରେ ଘରକୁ ଫୋନ ଯୋଗେ ବୈଶିଙ୍ଗା ଦୁର୍ଘଟଣା ବିଷୟରେ ଜଣାଇ ଦିଆଯାଇଥିଲା। ରଞ୍ଜନର ଭାଇ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚି ଚିକିତ୍ସାଧିନ ଅବସ୍ଥାରେ ଭାଇକୁ ଦେଖିଥିଲେ । ମାତ୍ର ରଞ୍ଜନର ବାଇକ ଖବର ମିଳି ନଥିଲା କିମ୍ବା ଦୁର୍ଘଟଣାର କାରଣ ଜଣା ପଡିନଥିଲା ।

## ଅଟୋରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ

**ବାଲିପାଟଣା,୮ ।୨ (ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ ଶେଖପାଟଣା ବଜାରରେ ଗତକାଲି ବିଳମ୍ବିତ ରାତିରେ ଗୋଟିଏ ପାସେଞ୍ଜର ଅଟୋରେ ନିଆଁ ଲାଗି ପୋଡ଼ି ପାଉଁଶ ହୋଇ ଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଅଟୋ ଚଳାଇ ପରିବାର ଗୁଜୁରାଣ ମେଣ୍ଟାଉଥିବା ଚାଳକ ଶେଖପାଟଣାର ନାରାୟଣ ସାହୁ ଦୁଃଖରେ ଭାଙ୍ଗି ପଡିଛନ୍ତି। ଡ୍ରାଇଭର ମହାସଂଘ ଉପସ୍ଥିତି ରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ବନମାଳୀପୁର ଶେଖପାଟଣାର ନାରାୟଣ ସାହୁ ଅଟୋ ଚଳାଇ ନିଜର ପରିବାର ଗୁଜୁରାଣ ମେଣ୍ଟାଉ ଥିଲେ।ସବୁଦିନ ପରି ଗତକାଲି ମଧ ସେ ମା ବାସୁଳେଇଙ୍କ ମନ୍ଦିର ନିକଟ ରାସ୍ତାରେ ଅଟୋ ରଖି ଘରକୁ ଚାଲି ଯାଇଥିଲେ। ରାତି ପ୍ରାୟ ସାଢେ ଗୋଟେରେ ଅଟୋରେ ନିଆଁ ଲାଗି ଜଳୁଥିବା ଦେଖି ଜନୈକ ସ୍ଥାନୀୟ ବ୍ୟକ୍ତି ନାରାୟଣଙ୍କୁ ଜଣାଇଥିଲେ। ନାରାୟଣ ଆସିଲା ବେଳକୁ ସବୁ କିଛି ସରି ଯାଇଥିଲା। ଅଟୋରେ ନିଆଁ ଲାଗିଯିବା ପରେ ନାରାୟଣ ରୋଜଗାର ହରାଇ ବେସାହାରା ହୋଇ ପଡିଛନ୍ତି। ପୁଲିସ ତୁରନ୍ତ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଡ୍ରାଇଭର ମହାସଂଘ ତରଫରୁ ଦାବି ହୋଇଛି।

### ଗ୍ରୀନ୍ ଇଣ୍ଡିଆ କ୍ଲବ୍ ଓ ମହାଦେବ ସେନା ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ସାନମାଣନ୍ତିଆ ଦଳ ଚାମ୍ପିଅନ୍



**କେନ୍ଦ୍ରାପଡ଼ା, ୮ ।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଜି.ଆଇ.ସି.ସି ବାରୁଅଠାରେ ଗ୍ରୀନ୍ ଇଣ୍ଡିଆ କ୍ଲବ୍ ଓ ମହାଦେବ ସେନାର ଆନୁକୁଲ୍ୟରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଗତ ଜାନୁଆରୀ ୨୬ ତାରିଖରୁ ଆରମ୍ଭ ହୋଇଥିଲା।

ଅଶ୍ୱିନୀ ପ୍ରଧାନ, ସୀତାକାନ୍ତ ନାୟକ ଓ ମହାଦେବ ସେନା ଅଧକ୍ଷ ଗୌତମ ବେହେରାଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାସ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭାଂଶୁ କୁମାର ଦାସ ଉପସ୍ଥିତ ଥିବାବେଳେ, ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ତଥା ଆଇନଜୀବୀ ଭାରତ ଭୂଷଣ ଦାସ ଯୋଗଦେଇଥିଲେ।

ଏହାସହ ସାମ୍ବାଦିକ ମୁକ୍ତେଶ୍ୱର ସ୍ୱାଇଁ, ପିନାକୀ ସାମନ୍ତରାୟ ଙ୍କ ସମେତ ବିଜେପି ଜିଲ୍ଲା ସାଧାରଣ ସଂପାଦକ ବିଚିତ୍ର ପ୍ରଧାନ, ନାରୀ ନେତ୍ରୀ ମାନିନୀ ସଡ଼ଙ୍ଗୀ, ଶିକ୍ଷାବିତ ଦୀପକ ସାହୁ, ପ୍ରାକ୍ତନ ସରପଞ୍ଚ ଅଲିଅଲ ପ୍ରଧାନ, ପଙ୍କଜ ପ୍ରଧାନ, ଅନାଦି ପ୍ରଧାନ ଓ ଶିଶିର ଦାସ ସହ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଗ୍ରାମାଞ୍ଚଳର କ୍ରିକେଟ୍ ପ୍ରତିଭାକୁ ଆଗକୁ ଆଣିବାର ସୁଯୋଗ ସୃଷ୍ଟି ହୋଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ଟୁର୍ଣ୍ଣାମେଣ୍ଟ ରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଅଙ୍ଗୁଳାଇ ଓ ସାନମାଣତିଆ ଦଳ ମୁହାଁମୁହିଁ ହୋଇଥିଲେ। ରୋମାଞ୍ଚକ ମ୍ୟାଚ୍‌ରେ ସାନମାଣତିଆ ଦଳ ବିଜୟୀ ହୋଇ ଚ୍ୟାମ୍ପିୟନ ହୋଇଥିବାବେଳେ, ଅଙ୍ଗୁଳାଇ ଦଳ ରନର୍ସ-ଅପ୍ ହୋଇଥିଲା।

ବିଜୟୀ ଓ ରନର୍ସ-ଅପ୍ ଦଳକୁ ଟ୍ରଫି, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ରହିସ୍ ଓ ବେଷ୍ଟ ବୋଲର୍ ସହ ବେଷ୍ଟ ସିରିଜ୍ ଖେଳାଳି ଭାବେ ଦେବାଶିଷ ପୁରସ୍କୃତ ହୋଇଥିଲେ।